R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୪୧
ତିଥି: ଷଷ୍ଠୀ
୧୫ ନଭେମ୍ବର ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXXI, No. 41
15 November 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



ସମସ୍ତଙ୍କ ମୁଣ୍ଡକୁ ଛାତ, ଆମର ପ୍ରାଥମିକତା : ମୁଖ୍ୟମନ୍ତ୍ରୀ



ବଲାଙ୍ଗୀର, ୧୪।୧୧ (ସବୁ୍ୟ) : ଯେତେବେଳେ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ଏକ ସୁରକ୍ଷିତ ପକ୍କା ଘର ତଳେ ନିଶ୍ଚିନ୍ତରେ ରହି ପାରିବେ, ସେତେବେଳେ ଆମ ରାଜ୍ୟ ଦ୍ରୁତ ଗତିରେ ଆଗକୁ ବଢ଼ିଚାଲିବ। ଏକ ବିକଶିତ ଓଡ଼ିଶାର ଆରମ୍ଭ ଆମ ଗାଁରୁ ହୋଇଥାଏ ଏବଂ ସମସ୍ତଙ୍କ ମୁଣ୍ଡ ଉପରେ ଛାତ ଖଣ୍ଡେ ଯୋଗାଇଦେବା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ଆଜି ବଲାଙ୍ଗୀରଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପକ୍କା ଘର କେବଳ ଇଟା, ବାଲି ଓ ସିମେଣ୍ଟରେ ତିଆରି ଏକ ଢାଞ୍ଚା ନୁହେଁ; ବରଂ କଚ୍ଚା ଘରେ ରହୁଥିବା ପରିବାର ପାଇଁ ଏହା ସମ୍ମାନର ସହ ସୁରକ୍ଷିତ ଆଶ୍ରୟ ଏବଂ ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆ। ବିଶେଷକରି ଦୁର୍ଗମ, ପାହାଡ଼ିଆ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳର ଲୋକଙ୍କ ସୁରକ୍ଷା ପାଇଁ ସରକାର ପ୍ରତିବଦ୍ଧ।

୨୦୨୪-୨୫ ଆର୍ଥିକ ବର୍ଷଠାରୁ ଓଡ଼ିଶାରେ ବିଭିନ୍ନ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ୪୧ ଲକ୍ଷରୁ ଅଧିକ ପକ୍କା ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଗତ ୨ ବର୍ଷ ମଧ୍ୟରେ ୫ ଲକ୍ଷ ୬୬ ହଜାରରୁ ଅଧିକ ଘର ନିର୍ମାଣ ଶେଷ ହୋଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦର୍ଶୀ ନେତୃତ୍ୱରେ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ' ଅଧୀନରେ ରାଜ୍ୟକୁ ମଞ୍ଜୁର ହୋଇଥିବା ମୋଟ ୨୮ ଲକ୍ଷ ୬ ହଜାର ଘର ମଧ୍ୟରୁ ୨୫ ଲକ୍ଷ ୫୮ ହଜାର ଘର ନିର୍ମାଣ ଶେଷ ହୋଇଛି। ଏହି ଯୋଜନାରେ ଘର ସହିତ ଶୌଚାଳୟ, ପାଇପ୍ ଯୋଗେ ପାନୀୟ ଜଳ, ରନ୍ଧନ ଗ୍ୟାସ୍ ଓ ବିଦ୍ୟୁତ୍ ଭଳି ମୌଳିକ ସୁବିଧା ଯୋଗାଇ ଦିଆଯାଉଛି।

ବଲାଙ୍ଗିରରୁ ଆରମ୍ଭ ହେବ ଦାରିଦ୍ର୍ୟ ଦୂରୀକରଣ ପାଇଲଟ ପ୍ରକଳ୍ପ : ଶିବରାଜ

ଓଡ଼ିଶାକୁ ମିଳିଲା ଆଉ ୧ ଲକ୍ଷ ଆବାସ

ବଲାଙ୍ଗିର ଜିଲ୍ଲା ଲାଗି ୯୧୧ କୋଟିର ପ୍ରକଳ୍ପ

କେନ୍ଦ୍ର ଗ୍ରାମୀଣ ବିକାଶ ଓ କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନଜୀଙ୍କୁ ଓଡ଼ିଶା ମାଟିକୁ ସ୍ୱାଗତ ଜଣାଇ (୯ ପୃଷ୍ଠାରେ)

ଭାରତ ନବମ ଥର ଜୁନିୟର ଏସିଆ କପ୍ ଚାମ୍ପିଅନ

ଶେଷ ବଲରେ ବିଜୟ ରୋମାଞ୍ଚ



ନୂଆଦିଲ୍ଲୀ, ୧୪।୧୧ : ଶେଷରେ ସବୁ ଆକଳନ ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ୧୯ ବର୍ଷରୁ କମ ଏସିଆ କପ ଜିତିଛି ଭାରତୀୟ ଦଳ। ନିଶ୍ଚିତ ପରାଜୟକୁ ବିଜୟରେ ପରିବର୍ତ୍ତିତ କରିଛନ୍ତି ଭାରତୀୟ ଖେଳାଳି। ଶେଷ ବଲରେ ୩ ରନର ଆବଶ୍ୟକତା ଥିବା ବେଳେ ମୋହିଲ ଉଲଭା ଚୌକା ମାରି ଭାରତକୁ ନବମଥର ପାଇଁ ଜୁନିୟର ଏସିଆ କପ୍ ଭେଟି ଦେଇଛନ୍ତି। ମୋହିତ ଓ ମନଲ ଚୌହାନଙ୍କ ଯୋଡି ପାକିସ୍ତାନ ହାତରୁ ବିଜୟ ଛଡାଇ ଆଣିଥିଲେ। ଗ୍ରୁପ୍ ପର୍ଯ୍ୟାୟ ଓ ୨୦୨୫ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ପାକିସ୍ତାନ ଠାରୁ ନେବାକୁ ସକ୍ଷମ ହୋଇଛି ଭାରତ। ୨୦୨୫ରେ ଆୟୁଷ ମହାତ୍ରେଙ୍କ ଭାରତୀୟ ଦଳକୁ ଏକତରଫା ଭାବେ ହରାଇଥିଲା ପାକିସ୍ତାନ। ଭାରତ ୨୦୨୧ ପରେ ପ୍ରଥମଥର ୧୯ ବର୍ଷରୁ କମ ଏସିଆ କପ୍ ଜିତିବାକୁ ସକ୍ଷମ ହୋଇଛି। ଲକ୍ଷ୍ୟ ରାୟଚନ୍ଦାନୀଙ୍କ ନେତୃତ୍ୱରେ ଏହି ସଫଳତା ମିଳିଛି। ଭାରତୀୟ ଦଳରେ ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ଓ ରାହୁଲ ଦ୍ରାବିଡଙ୍କ ପୁଅ ଅନ୍ୱୟ ଥିଲେ।

ଫାଇନାଲ ମ୍ୟାଚରେ ପାକିସ୍ତାନ ୫୦ ଓଭରରେ ୯ ୱିକେଟ୍ ହରାଇ ୩୩୭ ରନ କରିଥିଲା। (୯ ପୃଷ୍ଠାରେ)

ସ୍ପଷ୍ଟ ଚିହ୍ନିତ ହେଲା ଲଘୁଚାପ



ଭୁବନେଶ୍ୱର, ୧୪।୧୧ (ସବୁ୍ୟ) : ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆଜି ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହୋଇଛି। ସମୁଦ୍ରସ୍ତର ଉପରେ ଏହି ଘୂର୍ଣ୍ଣିବଳୟଟି ୭.୬ କିଲୋମିଟର ପରିବ୍ୟାପ୍ତ

ସୋମବାର ସନ୍ଧ୍ୟା ସୁଦ୍ଧା ବାତ୍ୟା

୧୮ରୁ ସ୍ଥଳଭାଗ ମୁହାଁ

ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ

ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଉତ୍ତର ପଶ୍ଚିମ ଦିଗକୁ ଅଗ୍ରସର ହୋଇ ଅବପାତରେ ପରିଣତ ହେବ। ଧୀରେ ଧୀରେ ଏହା ଉତ୍ତର -ଉତ୍ତର ପଶ୍ଚିମ ଦିଗକୁ ଗତି କରିବ ଓ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ଆସନ୍ତା ୧୬ ତାରିଖ ସନ୍ଧ୍ୟା ସୁଦ୍ଧା ଦକ୍ଷିଣ ଏବଂ ଏହାର ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ୧୬ରେ ବାତ୍ୟା ହେବା ପରେ ୧୮ ତାରିଖରେ ଏହା ଭୀଷଣ ରୂପ ନେଇ ସ୍ଥଳଭାଗ ମୁହାଁ ହେବ। ତେବେ ଏ କେଉଁ ଦିଗକୁ ଗତି କରି ସ୍ଥଳଭାଗ ଛୁଇଁବ ତାହା ସ୍ପଷ୍ଟ ହୋଇନାହିଁ।

ଦୁଇଦିନ ଯାଏ ଏହା ସମୁଦ୍ର ମଧ୍ୟରେ ବଳ ଗୋଟାଇ ୧୮ ତାରିଖ ବେଳକୁ ଭୀଷଣ ବାତ୍ୟାରେ ରୂପାନ୍ତରିତ ହୋଇ ସ୍ଥଳଭାଗ ଆଡକୁ ମୁହାଁଇବ। ତେବେ ଲ୍ୟାଣ୍ଡଫଲ ନେଇ କୌଣସି ଆକଳନ ହୋଇନାହିଁ। ଏହାର ପ୍ରଭାବରେ ଓଡିଶାରେ ପବନ ଓ ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଛି। ୧୮ (୯ ପୃଷ୍ଠାରେ)



ଢେଙ୍କାନାଳରେ ମା', ଛୁଆ ହାତୀ ମୃତ

କାମାକ୍ଷାନଗର, ୧୪।୧୧ (ସବୁ୍ୟ) :ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗରରେ ବ୍ଲକ ଅଁଳାବେରଣୀ ଫରେଷ୍ଟସକେସନ ଗୋଦରବିଲି ନିକଟରେ ମାଆ ଓ ଛୁଆ ହାତୀଙ୍କ ମୃତ୍ୟୁ ଘଟିଛି । ହାତୀ ଦୁଇଟିକୁ ବିଦ୍ୟୁତ୍ ତାର ବିଛାଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବା ବେଳେ ବନବିଭାଗ ଜଣକୁ ଅଟକ ରଖି ତଦନ୍ତ ଜାରି ରଖିଛି । ବର୍ତ୍ତମାନ ହାତୀ ଉପଦ୍ରବ ବୃଦ୍ଧି ପାଇଥିବା ବେଳେ ହାତୀ ସ୍କାର୍ଡ ସହିତ ବନବିଭାଗ ଟିମର ଭୂମିକା ନେଇ ସନ୍ଦେହ ସୃଷ୍ଟି ହୋଇଛି ।

କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଁଳାବେରଣୀ ଫରେଷ୍ଟ ଅନ୍ତର୍ଗତ ଗୋଦରବିଲି ଅଞ୍ଚଳରୁ ଦୁଇ ହାତୀଙ୍କ ମୃତ୍ୟୁ ହୋଇଥିବାର ଜଣାପଡିଛି । ଗୋଟିଏ ୧୨ ବର୍ଷର ହାତୀ, ଅନ୍ୟଟି ଶିଶୁ ହାତୀ । ମାତ୍ର ୫୦୦ ମିଟର ବ୍ୟବଧାନରେ ପଡ଼ିଛି ଦୁଇଟି ହାତୀଙ୍କ ମୃତଦେହ । କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ଅଁଳାବେରଣୀ ଫରେଷ୍ଟ ଅଧୀନ ଗୋଦରବିଲ୍ଲି ଜଙ୍ଗଲରେ ଘଟିଛି ଏହି ଘଟଣା । ତେବେ ଏତେ (୯ ପୃଷ୍ଠାରେ)

ଏକାଠି ହେବେ ଟ୍ରମ୍ପ, ପୁଟିନ, ଜିନ୍‌ପିଙ୍ଗ!

ନୂଆଦିଲ୍ଲୀ, ୧୪।୧୧ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏବଂ ଚୀନ୍‌ର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଆସନ୍ତା ସପ୍ତାହରେ ଚୀନ୍‌ରେ ଏକ ଐତିହାସିକ ତ୍ରିପାକ୍ଷିକ ବୈଠକ ହେବାକୁ ଯୋଜନା ରହିଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଚୀନ୍‌ର ଦକ୍ଷିଣାଞ୍ଚଳ ସହର ସେନ୍‌ଜେନ୍‌ରେ ହେବାକୁ ଥିବା ଏସିଆ-ପ୍ରଶାନ୍ତ ଅର୍ଥନୈତିକ ସହଯୋଗ (ଏପେକ୍) ଶିଖର ସମ୍ମିଳନୀ ଅବସରରେ ଏହି ବୈଠକ ଅନୁଷ୍ଠିତ ହେବ।

ହ୍ୱାଇଟ୍ ହାଉସ୍‌ର ମୁଖପାତ୍ର ଅଲିଭିଆ ୱେଲ୍ସ କହିଛନ୍ତି, ବିଶ୍ୱରେ ପରମାଣୁ ଅସ୍ତ୍ର ହ୍ରାସ ଏହି ବୈଠକର ଏକ ପ୍ରମୁଖ ଆଲୋଚ୍ୟ ବିଷୟ ହେବ। ପରମାଣୁ ଅସ୍ତ୍ରର ପ୍ରସାରକୁ ରାଷ୍ଟ୍ରପତି ଟ୍ରମ୍ପ ଅତ୍ୟନ୍ତ ବିପଜ୍ଜନକ ବୋଲି ମନେ କରୁଥିବା (୯ ପୃଷ୍ଠାରେ)

ବିଦେଶୀ ପ୍ରତିନିଧି ନେତାଙ୍କୁ ଭାରତରେ ପ୍ରବେଶ ଅନୁମତି ନ ମିଳିବା ନେଇ ରାହୁଲଙ୍କ କଟାକ୍ଷ

ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଧ୍ୱଂସ ହୋଇଛି : ରାହୁଲ



ନୂଆଦିଲ୍ଲୀ, ୧୪।୧୧ : ଭାରତ ସମ୍ମିଳନୀରେ ଯୋଗଦେବାକୁ ଆସୁଥିବା ବିଦେଶୀ ପ୍ରତିନିଧି ଓ ନେତାଙ୍କୁ ଭାରତରେ ପ୍ରବେଶ ଅନୁମତି ନମିଳିବା ଘଟଣାକୁ ନେଇ ରାହୁଲ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ସେମାନଙ୍କୁ କ୍ଷମା ମାଗିବା ସହ ଏହା ଭାରତରେ ଚାଲିଥିବା

ଭିସା ସମ୍ପର୍କିତ ନିଷ୍ପତ୍ତି ଦେଶର ସାର୍ବଭୌମତ୍ୱ କ୍ଷମତାର ଅଂଶ : ଏମ୍‌ଇଏ

ପରିସ୍ଥିତିର ଏକ ଉଦାହରଣ ବୋଲି କହିଥିଲେ। କଂଗ୍ରେସ ସାଂସଦ ଶଶୀ ଥରୁର ଶୁକ୍ରବାର ଅଭିଯୋଗ କରିଥିଲେ ଯେ, ବୈଦେଶିକ ମନ୍ତ୍ରଣାଳୟ ଅନୁମୋଦନ କରିଥିବା ୩୧୫ ଜଣ ବକ୍ତାଙ୍କ ମଧ୍ୟରୁ ୧୧୫ ଜଣଙ୍କୁ ଭାରତରେ ପ୍ରବେଶ ଅନୁମତି ମିଳିନାହିଁ କିମ୍ବା ସେମାନଙ୍କ ଭିସା ବାତିଲ୍ କରାଯାଇଛି। ଏହା ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶରେ ହୋଇଥିବା ସେ ଆଶଙ୍କା ପ୍ରକାଶ କରିଥିଲେ। ଏକ ଗଣତନ୍ତ୍ର ଭୟ କରୁଥିବା ସ୍ୱରକୁ ଦମନ କରିବା ଉଚିତ୍ ନୁହେଁ ବୋଲି ଥରୁର ମତ ଦେଇଥିଲେ।

ଏହି ପ୍ରସଙ୍ଗରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭିସା ସମ୍ପର୍କିତ ନିଷ୍ପତ୍ତି ପ୍ରତ୍ୟେକ ଦେଶ ଓ ସରକାରଙ୍କ ସାର୍ବଭୌମ କ୍ଷମତାର ଅଂଶ। କଂଗ୍ରେସ ନେତୃତ୍ୱାଧୀନ ତେଲେଙ୍ଗାନା (୯ ପୃଷ୍ଠାରେ)

କଙ୍ଗନାଙ୍କ ନାଁରେ ମାମଲା



କଙ୍ଗନା ଅନେକଥର ନିଜମନ୍ତବ୍ୟକୁ ନେଇ ବିବାଦରେ ରହିଥାଆନ୍ତି । ସୂଚନା ଅନୁସାରେ କଙ୍ଗନା କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ଗାନ୍ଧୀ ପରିବାରକୁ ନେଇ ସୋସିଆଲ ମିଡିଆରେ କରିଥିବା ଏକ ପୋଷ୍ଟ ପାଇଁ ଶିମଲାରେ ତାଙ୍କ ବିରୋଧରେ ଏଫଆଇଆର ରୁଜୁ ହୋଇଛି । ନଭେମ୍ବର ୧୦ ତାରିଖରେ କଙ୍ଗନା ସେୟାର କରିଥିବା ପୋଷ୍ଟକୁ ଭିତ୍ତି କରି ଅବସରପ୍ରାପ୍ତ କ୍ୟାପଟେନ ଅତୁଲ ଶର୍ମା ଏହି ଅଭିଯୋଗ ଦାଖଲ କରିଛନ୍ତି । ଅଭିଯୋଗକାରୀ ଅତୁଲ ଶର୍ମା ଏହି ପୋଷ୍ଟକୁ ବିଭ୍ରାନ୍ତିକର, ଅପ୍ରମାଣିତ ତଥା ସମାଜରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଭଙ୍ଗକାରୀ ବୋଲି ଦର୍ଶାଇ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ କଙ୍ଗନା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ସଞ୍ଜୟ ଗାନ୍ଧୀ ଏବଂ ରାଜୀବ ଗାନ୍ଧୀଙ୍କ ମୃତ୍ୟୁକୁ ସୋନିଆ ଗାନ୍ଧୀଙ୍କ ରାଜନୈତିକ ଅଭ୍ୟୁଦୟ ସହ ଯୋଡ଼ିବା ସହ ସୋନିଆଙ୍କୁ ଜଣେ 'ରହସ୍ୟମୟ ବିଦେଶୀ ନାଗରିକ' ବୋଲି ସମ୍ବୋଧନ କରିଛନ୍ତି । ଏହାବ୍ୟତୀତ ପୋଷ୍ଟରେ ବ୍ୟବହୃତ 'ହାଓ କନଭିନିଏଣ୍ଟ' ଶବ୍ଦ ଏବଂ ମେନକା ଗାନ୍ଧୀ ପରିବାରରୁ ଅଲଗା ହେବା ପ୍ରସଙ୍ଗ ଉଠାଇବା ରାଜନୈତିକ ସମାଲୋଚନାଠାରୁ ବହୁ ଊର୍ଦ୍ଧ୍ୱରେ ରହି ଜନସାଧାରଣଙ୍କ ମଧ୍ୟରେ ବିଦ୍ୱେଷ ସୃଷ୍ଟି କରିବ । ସ୍ୱାଧୀନତା ନାମରେ ଏଭଳି ଉତ୍ତେଜନାମୂଳକ ତଥ୍ୟ ପ୍ରଚାର କରିବା ସମ୍ବିଧାନ ବିରୋଧୀ । ଅନ୍ୟପଟେ କଙ୍ଗନା ରଣାୱତ ନିଜ ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ ରି-ସେୟାର କରି ପ୍ରଥମତଃ ଦାବି କରିଥିଲେ ଯେ ରାଜୀବ ଗାନ୍ଧୀଙ୍କ ହତ୍ୟା ଦିନ ରାଜୀବ ସୋନିଆ ଗାନ୍ଧୀଙ୍କୁ ସାଙ୍ଗରେ ନେବାକୁ ଚାହିଁଥିଲେ ମଧ୍ୟ ସୋନିଆ ଥକାପଣ ଓ ଅଳସୁଆମି କାରଣ ଦର୍ଶାଇ ଯାଇନଥିଲେ । ସେହିଭଳି କୌଣସି ରୋଜଗାର ନଥାଇ ୧୯୯୧ ମସିହାରେ ସୋନିଆ ଗାନ୍ଧୀ କିପରି ବିଶ୍ୱର ସବୁଠାରୁ ଧନୀ ମହିଳା ହେଲେ ଏବଂ ସ୍ୱିସ୍ ବ୍ୟାଙ୍କରେ ତାଙ୍କ ନାମରେ ୨ ବିଲିୟନ ଡଲାରରୁ ଅଧିକ ଅର୍ଥ ଜମା ଥିବା ନେଇ କଙ୍ଗନା ପ୍ରଶ୍ନ ଉଠାଇଛନ୍ତି । ଏଭଳି ଅନେକ କଥାରେ କଙ୍ଗନା ପ୍ରଶ୍ନ ଉଠାଇଛନ୍ତି ।

ଆଜି ଜନ୍ମଦିନ

ବିର୍ସା ମୁଣ୍ଡା



ବିର୍ସା ମୁଣ୍ଡା ଭାରତର ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବରେ ପରିଚିତ । ଊନବିଂଶ ଶତାବ୍ଦୀରେ ଭାରତରେ ଇଂରେଜ ଶାସନ କାଳରେ ବିର୍ସା ବିହାର ଓ ଝାଡ଼ଖଣ୍ଡ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଏକାଠି କରି ଏକ ବଡ଼ ଧରଣର ବିପ୍ଳବ ଆରମ୍ଭ କରିଥିଲେ । ୨୫ ବର୍ଷ ବୟସ ହେବା ବେଳକୁ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ସେ ଏକ ନୂତନ ଫର୍ଦ୍ଦ ଯୋଡ଼ିସାରିଥିଲେ । ସେ ନିଜ ଗାଁ ଏବଂ ଆଖପାଖ ଅଞ୍ଚଳର ଯୁବକମାନଙ୍କୁ ଇଂରେଜ ସରକାରଙ୍କ ବିରୋଧରେ ଲଢ଼ିବାକୁ ସଂଗଠିତ କରିପାରିଥିଲେ । ବିର୍ସା ମୁଣ୍ଡାଙ୍କ ଜନ୍ମଦିବସ ନଭେମ୍ବର ୧୫ ତାରିଖକୁ ଭାରତ ସରକାର ଜନଜାତି ଗୌରବ ଦିବସ ଭାବରେ ପାଳନ କରୁଛନ୍ତ । ୧୮୭୫ ମସିହା ନଭେମ୍ବର ମାସ ୧୫ ତାରିଖରେ ବିର୍ସା ଅଧୁନା ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚି ଜିଲ୍ଲା ଖୁଣ୍ଟି ସବ୍‌ଭଡିଭିଜନ୍ ଅନ୍ତର୍ଗତ ବାମ୍ବା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ବିର୍ସା ମୁଣ୍ଡାଙ୍କର ବାଲ୍ୟ ଶିକ୍ଷା ସାଲଗାଠାରେ ଆରମ୍ଭ ହୋଇଥିଲା । ସେଠାରେ ତାଙ୍କର ଜଇପାଲ ନାଗଙ୍କ ସହ ସାକ୍ଷାତ ହୋଇଥିଲା । ସେ ତାଙ୍କଠାରୁ ମହାନ ଗ୍ରନ୍ଥ ରାମାୟଣ ଓ ମହାଭାରତର ବିଷୟବସ୍ତୁ ସଂପର୍କରେ ଅବଗତ ହୋଇଥିଲେ । ଏହାପରେ ସେ ବୁରୁଜ ପ୍ରାଇମେରୀ ସ୍କୁଲରେ ଅଧ୍ୟୟନ କରିବା ସହିତ ଚାଇଁବସାର ମିଶନ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷା ଲାଭ କରିଥିଲେ । ଏହି ସମୟରେ ସେ ଜର୍ମାନୀ ଶିକ୍ଷକ ଫାଦର ଡେଡଲକ୍ ଓ ଫାଦର୍ ନୋଟ୍ରୋଟଙ୍କ ସଂସ୍ପର୍ଶରେ ଆସିଥିଲେ । ସରଳ ବିଶ୍ୱାସୀ ଆଦିବାସୀ ଭାଇଭଉଣୀମାନଙ୍କ ଉପରେ ଗୋରା ଶାସକମାନଙ୍କ ଅତ୍ୟାଚାର ଓ ଅମାନୁଷିକ ବ୍ୟବହାର ତାଙ୍କୁ ବିଶେଷ ଭାବେ ମର୍ମାହତ କରିଥିଲା । ଯାହା ବିରୋଧରେ ସେ ସ୍ୱର ଉତ୍ତୋଳନ କରିଥିଲେ । ଏହି ବିଶିଷ୍ଟ ସଂଗ୍ରାମୀଙ୍କର ମାତ୍ର ୨୪ ବର୍ଷରେ ୧୯୯୦ ମସିହା ୧୫ ଜୁନରେ ଦେହାନ୍ତ ହୋଇଥିଲା ।

୧୪୦ ଟଙ୍କାରେ ମିଳିବ ଶୁଦ୍ଧ ବାୟୁ

ଦିଲ୍ଲୀର ଦୁଇଜଣ ସ୍କୁଲ ଛାତ୍ର ମାତ୍ର ୧୪୦ ଟଙ୍କାରେ ଏକ ସ୍ୱତନ୍ତ୍ର ଫିଲ୍ଟର ତିଆରି କରିଛନ୍ତି, ଯାହାକୁ ସାଧାରଣ ପଙ୍ଖାରେ ଲଗାଇ ଶ୍ରେଣୀଗୃହର ବାୟୁକୁ ବିଶୁଦ୍ଧ କରାଯାଇପାରିବ । ଏଥିପାଇଁ ବିଦ୍ୟାଳୟଗୁଡ଼ିକୁ ଆଉ ମହଙ୍ଗା ଏୟାର ପ୍ୟୁରିଫାୟର କିଣିବାକୁ ପଡ଼ିବ ନାହିଁ । 'ପ୍ରୋଜେକ୍ଟ ବାୟୁ' ନାମକ ଏହି ଅଭିନବ ପ୍ରକଳ୍ପକୁ ଦ୍ୱାଦଶ ଶ୍ରେଣୀର ଛାତ୍ର କ୍ରିଶ ଅଗ୍ରୱାଲ ଏବଂ ଏକାଦଶ ଶ୍ରେଣୀର ଛାତ୍ର ସମର୍ଥ ମିତ୍ତଲ ମିଳିତ ଭାବେ ଆରମ୍ଭ କରିଛନ୍ତି । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କମ୍ ବଜେଟ୍ ବିଶିଷ୍ଟ ବିଦ୍ୟାଳୟର ପିଲାମାନଙ୍କୁ ବାୟୁ ପ୍ରଦୂଷଣରୁ ରକ୍ଷା କରିବା । ଦିଲ୍ଲୀର ପ୍ରଦୂଷଣ ଯୋଗୁଁ କ୍ରିଶଙ୍କ ନାକରୁ ରକ୍ତସ୍ରାବ ହେଉଥିବା ବେଳେ ତାଙ୍କ କୋଠରୀରେ ଏୟାର ପ୍ୟୁରିଫାୟର ଲାଗିବା ପରେ ଏହି ସମସ୍ୟା ଦୂର ହୋଇଥିଲା । ଏହାପରେ ସେ ଅନ୍ୟ ପିଲାମାନଙ୍କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇ ନୂଆ ପ୍ୟୁରିଫାୟର ତିଆରି କରିବା ପରିବର୍ତ୍ତେ



ବିଦ୍ୟାଳୟରେ ପୂର୍ବରୁ ଲାଗିଥିବା ପଙ୍ଖାଗୁଡ଼ିକୁ ବ୍ୟବହାର କରିବାକୁ ଯୋଜନା କରିଥିଲେ । ଏହି ପଦ୍ଧତିରେ ଇଲାଷ୍ଟିକ୍ ବ୍ୟାଣ୍ଡ ସାହାଯ୍ୟରେ ପଙ୍ଖାରେ ଏକ ସ୍ୱତନ୍ତ୍ର ଫିଲ୍ଟର କପଡ଼ା ବନ୍ଧାଯାଇଥାଏ । ଯାହା ପଙ୍ଖା ଚାଲିବା ସମୟରେ ବାୟୁରେ ଥିବା ସୂକ୍ଷ୍ମ ଧୂଳିକଣା ଏବଂ ଧୂଆଁକୁ ଅଟକାଇ ରଖିବାରେ ସାହାଯ୍ୟ କରେ । ତିନି ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଓ ଗତ ବର୍ଷ ପରୀକ୍ଷଣ କରାଯାଇଥିବା ଏହି ପ୍ରକଳ୍ପକୁ ଏବେ ଅଧିକରୁ ଅଧିକ ବିଦ୍ୟାଳୟରେ ପହଞ୍ଚାଇବାକୁ ଛାତ୍ରମାନେ ପ୍ରୟାସ କରୁଥିବା ବେଳେ, ଏହି ମହତ୍ ପଦକ୍ଷେପ ପାଇଁ କ୍ରିଶ ଅଗ୍ରୱାଲଙ୍କୁ 'ଡାଏନା ଆୱାର୍ଡ ରୋଲ୍ ଅଫ୍ ଅନର୍ ୨୦୨୬'ରେ ସ୍ଥାନ ମିଳିଛି ।

ଇତିହାସ

୧୮୩୦- ସମାଜସୁଧାରକ ରାଜା ରାମମୋହନ ରାୟ ଇଂଲଣ୍ଡ ଗସ୍ତରେ ବାହାରିଲେ ।

୧୮୬୬- ଭାରତର ପ୍ରଥମ ମହିଳା ବାରିଷ୍ଟର କାର୍ଣ୍ଣେଲିଆ ସୋରାବଜୀଙ୍କ ଜନ୍ମ ।

୧୮୭୫- ପ୍ରସିଦ୍ଧ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ଜନ୍ମ ।

୧୯୨୦- ଜେନେଭାରେ ଲିଗ୍ ଅଫ୍ ନେସନ୍ସର ପ୍ରଥମ ବୈଠକ ଆୟୋଜିତ ।

୧୯୪୯- ମହାତ୍ମା ଗାନ୍ଧିଙ୍କ ହତ୍ୟାକାରୀ ନାଥୁରାମ ଗଡ଼ସେ ଓ ନାରାୟଣ ଦତ୍ତାତ୍ରେୟ ଆପଟେଙ୍କୁ ଫାଶି ଦିଆଗଲା ।



ବିନୋବା ଭାବେ

୧୯୮୬- ପ୍ରସିଦ୍ଧ ଭାରତୀୟ ଟେନିସ୍ ଖେଳାଳି ସାନିଆ ମିର୍ଜାଙ୍କ ଜନ୍ମ ।

୧୯୮୨- ସାମାଜିକ କାର୍ଯ୍ୟକର୍ତ୍ତା ବିନୋବା ଭାବେଙ୍କ ଦେହାନ୍ତ ।

୨୦୦୦- "ଝାଡ଼ଖଣ୍ଡ' ଭାରତର ୨୮ତମ ରାଜ୍ୟ ରୂପେ ଗଠିତ ହେଲା ।

୨୦୦୮- ଆର୍‌ବିଆଇର ପୂର୍ବତନ ଗଭର୍ଣ୍ଣର ୱାଇ. ବେଣୁଗୋପାଳ ରେଡ୍ଡିଙ୍କୁ ବୈଷୟିକ ଆର୍ଥିକ ପ୍ରଣାଳୀରେ ସୁଧାରର ଯାଞ୍ଚ କରିବା ଲାଗି ସଂଯୁକ୍ତ ରାଷ୍ଟ୍ର ଦ୍ୱାରା ଗଠିତ ଟାସ୍କଫୋର୍ସରେ ସାମିଲ କରାଗଲା ।



ଗାଡ଼ିଗୁଡ଼ିକର ଅଦ୍ଭୁତ ସନ୍ତୁଳନ

ରାଜସ୍ଥାନର ବୁନ୍ଦିରେ ଅନୁଷ୍ଠିତ ଏକ ମେଳାରେ ସନ୍ତୁଳନ ଅନନ୍ୟ ଷ୍ଟଣ୍ଟ୍ ଦେଖିବାକୁ ମିଳିଛି । ଏଠାରେ ବିଭିନ୍ନ ଗାଡିମାନଙ୍କୁ ନେଇ ସନ୍ତୁଳନର କଳାକୌଶଳ ପ୍ରଦର୍ଶନ କରାଯାଇଛି । ମେଳାରେ ଏକ ଥାର ଏସୟୁଭିର ଚାରି ଚକକୁ ଚାରିଟି ୫୦ ଟଙ୍କିଆ ନୋଟ୍ ଉପରେ ସନ୍ତୁଳିତ କରାଯାଇ ରଖାଯାଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ମେଳାରେ କେବଳ ଥାର ନୁହେଁ, ବରଂ ଏକ ପତଳା ଲୁହା ରଡ଼ ଉପରେ ମୋଟରସାଇକେଲ୍ ଟାୟାର, ଦୁଇଟି ମାଟି ହାଣ୍ଡି ଉପରେ ଏକ ଭାରୀ ଯାନ ଏବଂ ଆକାଶରେ ଏକ ମୋଟରସାଇକେଲକୁ ସସପେଣ୍ଡ କରି ରଖିବା ଭଳି ଅନେକ ଆଶ୍ଚର୍ଯ୍ୟଜନକ ସନ୍ତୁଳନ ଷ୍ଟଣ୍ଟ୍ ପ୍ରଦର୍ଶିତ ହୋଇଛି । ଏହି ମେଳାର ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ଦକ୍ଷତା ପ୍ରଦର୍ଶନ ଏବଂ ବାବା ଭୈରୁଜୀଙ୍କ ଶୋଭାଯାତ୍ରା । ଏହି ମେଳା ପ୍ରତିବର୍ଷ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ । ତେବେ ଭିଡିଓକୁ ନେଇ ସୋସିଆଲ ମିଡିଆରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳୁଛି । କିଛି ଲୋକ ଏହାକୁ ସତ କହୁଥିବାବେଳେ କିଛି ଏଆଇ ବୋଲି ଅଭିଯୋଗ କରୁଛନ୍ତି ।

ସୋସିଆଲ କୋର୍ଟ୍ସ



ଧର୍ମେନ୍ଦ୍ର ମୋର ବାପା ଭଳି ଥିଲେ, ତାଙ୍କୁ ହରାଇବା ମୋ ପାଇଁ ଖୁବ କଷ୍ଟଦାୟକ ଥିଲା । ତାଙ୍କ ସହିତ ମୋର ଅନେକ ଭଲଭଲ ସ୍ମୃତି ରହିଛି ।

ସଲମାନ ଖାନ, ଅଭିନେତା



ବାପାଙ୍କୁ ହରାଇବା ହୃଦୟର ଏକ ଅଂଶକୁ ହରାଇବା ଭଳି ଥିଲା । ତାଙ୍କ କଥା ମୋର ସବୁବେଳେ ମନେ ପଡେ । ସେ ଆମ ପରିବାରର ମେରୁଦଣ୍ଡ ଥିଲେ ।

ନିକିତିନ ଧୀର, ଅଭିନେତା



ଭଗବାନଙ୍କ ଉପରେ ଭରସା ଅଛି ସେ କେବେ କାହାର କିଛି ଅନିଷ୍ଠ କରିବାକୁ ଦେବେ ନାହିଁ । ଟାଇଗର ଉପରେ ମଧ୍ୟ ସମସ୍ତଙ୍କ ଆର୍ଶୀବାଦ ରହିଛି ।

ଜାକି ସ୍ରଫ, ଅଭିନେତା

ନିଆରା ପରମ୍ପରା

ମଧ୍ୟପ୍ରଦେଶର ଉଜ୍ଜୟିନୀରେ ଏକ ଅନନ୍ୟ ପରମ୍ପରା ଦେଖିବାକୁ ମିଳିଛି, ଯେଉଁଠାରେ ମାନସିକ ପୂରଣ ହେଲେ ଶ୍ରଦ୍ଧାଳୁମାନେ ଭୂମିରେ ଶୋଇ ରହନ୍ତି ଏବଂ ସେମାନଙ୍କ ଉପରରେ ଗାଈପଲ ଚାଲିଥାଆନ୍ତି । ପ୍ରତିବର୍ଷ ଗୋବର୍ଦ୍ଧନ ପୂଜା ଅବସରରେ ପାଳିତ ହେଉଥିବା ଏହି ପରମ୍ପରାକୁ ଦେଖିବା ପାଇଁ ଆଖପାଖ ଗ୍ରାମରୁ ବହୁ ସଂଖ୍ୟାରେ ଲୋକଙ୍କ ଭିଡ଼ ଜମିଥାଏ । ଏହି ପରମ୍ପରାରେ ଅଂଶଗ୍ରହଣ କରୁଥିବା ଭକ୍ତମାନେ ପାଞ୍ଚ ଦିନ ଧରି ଉପବାସ ରଖିବା ସହ ଦୀପାବଳିର ପୂର୍ବ ଦିନ ମାତା ମନ୍ଦିରରେ ରାତ୍ରୀଯାପନ କରନ୍ତି । ଏହାପରେ ଗୋବର୍ଦ୍ଧନ ପୂଜା ପରଦିନ ସକାଳେ ପୂଜାର୍ଚ୍ଚନା ପରେ ଢୋଲ ବାଦ୍ୟର ତାଳେ ତାଳେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥାଏ । ବିଶ୍ୱାସ ରହିଛି ଯେ ଗାଈମାନଙ୍କ ପାଦ ତଳେ ରହିବା ଦ୍ୱାରା ୩୩ କୋଟି ଦେବାଦେବୀଙ୍କ ଆଶୀର୍ବାଦ ମିଳିବା ସହ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ । ଗାଈପଲ ଚାଲିଯିବା ପରେ ଶ୍ରଦ୍ଧାଳୁମାନେ ଭୂମିରୁ ଉଠି ଢୋଲ ତାଳେ ତାଳେ ନୃତ୍ୟ କରିଥାନ୍ତି ଏବଂ ଗ୍ରାମବାସୀଙ୍କ କହିବା ଅନୁଯାୟୀ କେବଳ ମାନସିକ କରିଥିବା ବ୍ୟକ୍ତି ହିଁ ଏଥିରେ ଭାଗ ନେଇପାରିବେ, ଯେଉଁଥିରେ ଗତ ବର୍ଷ ଏକ ଡଜନରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ ।



ଆଳୁ ଫ୍ରାଏ

ସାମଗ୍ରୀ - ଆଳୁ, ମଇଦା, କର୍ଣ୍ଣଫ୍ଲୋର, ଲଙ୍କା ଗୁଣ୍ଡ, କାଶ୍ମିରୀ ଲଙ୍କାଗୁଣ୍ଡ, ଭିନେଗାର, ଅଦାରସୁଣ ପେଷ୍ଟ, ଲୁଣ, ଚାଟ ମସଲା ।

ପ୍ରଣାଳୀ - ପ୍ରଥମେ ବଡବଡ ଆକାରର ଆଳୁକୁ ଚୋପା ଛାଞ୍ଚି ଲମ୍ବାଲମ୍ବା ମୋଟା ମୋଟା କରି କାଟି ନିଅନ୍ତୁ । ଏହାକୁ ଭଲକରି ପାଣିରେ ଧୋଇ ହାଲୁକା ଶୁଖାଇ ନିଅନ୍ତୁ । ଏହାପରେ ଗୋଟିଏ ପାତ୍ରରେ ମଇଦା, କର୍ଣ୍ଣଫ୍ଲୋର, ଲୁଣ, ଲଙ୍କାଗୁଣ୍ଡ, କାଶ୍ମିରୀ ଲଙ୍କାଗୁଣ୍ଡ, ଭିନେଗାର, ଚାଟ ମସଲା, ଅଦାରସୁଣ ପେଷ୍ଟ ଓ ପାଣି ଦେଇ ଏକ ଆଣ ପ୍ରସ୍ତୁତ କରନ୍ତୁ । ଏହାସହ ଆଉ ଏକ ପାତ୍ରରେ ଶୁଖିଲା ମଇଦା ମଧ୍ୟ ରଖନ୍ତୁ । ପ୍ରଥମେ ଆଳୁ ଖଣ୍ଡକୁ ଏହି ମିଶ୍ରଣରେ ବୁଡାନ୍ତୁ ତାପରେ ଏହାକୁ ଶୁଖିଲା ମଇଦାରେ ଗଡାଇ ତେଲରେ ଛାଣି ନିଅନ୍ତୁ । ଏଗୁଡିକ ଛାଣିବା ସଙ୍ଗେସଙ୍ଗେ ଖାଇବାକୁ ଦିଅନ୍ତୁ ।









ବଲାଙ୍ଗୀରଠାରେ ଆୟୋଜିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ଓଡ଼ିଶାରେ ବାସଗୃହ ବଣ୍ଟନର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ

ରାଷ୍ଟ୍ରପତିଙ୍କ କଟକ ଗସ୍ତ

ବାଲିଯାତ୍ରା ପଡିଆରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି: ଡିଜିପି

କଟକ,(ସବୁ୍ୟ): ଆସନ୍ତା ୨୪ ତାରିଖରୁ ଐତିହାସିକ କଟକ ବାଲିଯାତ୍ରା ଆରମ୍ଭ ହେବାକୁ ଥିବା ବେଳେ ପ୍ରଥମ ଥର ବାଲିଯାତ୍ରା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ । ଏହାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଡିଜିପି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତ । ମୁଖ୍ୟତଃ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ବାଲିଯାତ୍ରା ପଡିଆକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କୌଣସି କଟକଣା ରହିବ ନାହିଁ । ଏହା କିଭଳି ସୁରୁଖୁରୁରେ ହୋଇପାରିବ ସେନେଇ ଉଭୟ ପ୍ରଶାସନ ଓ ପୁଲିସ ବିଭାଗସ୍ତରରେ ବିଚାରବିମର୍ଷ ଚାଲିଛି । ରାଷ୍ଟ୍ରପତି ସିଲଭର ସିଟି ବୋଟ କ୍ଲବ ରାସ୍ତା ଦେଇ ବାଲିଯାତ୍ରା ପଡିଆକୁ ଆସିବାର ରୁଟ୍ ସ୍ଥିର ହୋଇଛି । ଉଦ୍‌ଘାଟନ ପରେ ବାଲିଯାତ୍ରା ପଡିଆରେ କିଛି ସମୟ ମଧ୍ୟ ରହିବେ । ଏହି ସମୟରେ ସାଧାରଣ ଲୋକଙ୍କ ବାଲିଯାତ୍ରା ପଡିଆକୁ ପ୍ରବେଶ ପାଇଁ ବିକଳ୍ପ ବାଟ କରାଯିବ । ସଂଯୋଗ କରୁଥିବା ଅନ୍ୟ ରାସ୍ତା ଦେଇ ଲୋକେ ବାଲିଯାତ୍ରା ପଡିଆକୁ ଆସିବେ । ସୁରକ୍ଷା ଦୃଷ୍ଟିରୁ ଉଭୟ ପାଶ୍ୱର୍ ଟିଂବନ୍ଧ ରୁଟ୍‌ରେ ସାମୟିକ କଟକଣା ଲାଗିପାରେ । ଏହି କ୍ରମରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି ଡିଜିପି ଶ୍ରୀ ମିଶ୍ର ପ୍ରତିକ୍ରିୟା ଦେଇଛନ୍ତି ।

ଜମି ଦେବାକୁ କହି ୩୧.୫ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବୁ୍ୟ) : ଯାଜପୁର ମଙ୍ଗଳପୁରର ବରିଷ୍ଠ ନାଗରିକ ସ୍ୱଦେଶ ଖୁଣ୍ଟିଆ (୬୨) ଭୁବନେଶ୍ୱର ସହିଦନଗରଥ୍ରୁନିଟ୍-୯ରେ ରହୁଛନ୍ତି । ସେ ଭୁବନେଶ୍ୱରରେ ଜମି କିଣିବା ପାଇଁ ଖୋଜାଖୋଜି କରୁଥିବା ବେଳେ ତାଙ୍କ ସହ ପ୍ରଦୀପ କୁମାର ଦାସ ନାମକ ଜଣେ ବ୍ୟକ୍ତି ଦେଖାହୋଇ ନିଜକୁ ଯାଜପୁର ବାସିନ୍ଦା ବୋଲି ପରିଚୟ ଦେଇଥିଲେ । ଉଭୟ ଗୋଟିଏ ଜିଲ୍ଲାର ହୋଇଥିବାରୁ ସେ ତାଙ୍କୁ ବିଶ୍ୱାସ କରିଥିଲେ । ବାଳକାଟି ଅଞ୍ଚଳରେ ଏକ ଜମି ଦେଖାଇଥିଲେ । ତାଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ସହିଦନଗରସ୍ଥିତ ମାରିୟନ କଷ୍ଟକ୍‌ସନ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ବିଭୂତି ଭୂଷଣ ବେହେରାଙ୍କ କମ୍ପାନୀର ବ୍ୟାଙ୍କ ଆକାଉଣ୍ଟକୁ ୩୧ଲକ୍ଷ ୫୦ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ । ଟଙ୍କା ପାଇବା ପରେ କମ୍ପାନୀ ପକ୍ଷରୁ ତାଙ୍କୁ ଏକ ମନି ରସିଦ୍ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଅଭିଯୁକ୍ତ ନିର୍ଦ୍ଧାରିତ ଜମି ଯୋଗାଇ ନଦେବାରୁ ଟଙ୍କା ଫେରସ୍ତ ମାଗିଥିଲେ ଅଭିଯୋଗକାରୀ । ଟଙ୍କା ପାଇବା ପାଇଁ ମୂଳ ମନି ରସିଦ ଧରି ତାଙ୍କ ଅଫିସ୍‌କୁ ଯାଇଥିବା ବେଳେ ଅଭିଯୁକ୍ତ ଏମ୍‌ଡି ବିଭୂତି ଭୂଷଣ ବେହେରା ତାଙ୍କ ହାତରୁ ରସିଦ୍‌କୁ ନେଇ ଚିରି ନଷ୍ଟ କରିଦେଇଥିଲେ । ଏ ସମ୍ପର୍କରେ ଶୁକ୍ରବାର ସହିଦନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ବିଭୂତି ଭୂଷଣ ବେହେରା (୪୦)କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ଭାରତ ମସଲା ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍

କଟକ, (ସବୁ୍ୟ): ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ ଓ ଅକ୍ଲାନ୍ତ ପରିଶ୍ରମ ବଳରେ ସଫଳତାର ଶୀର୍ଷରେ ପହଞ୍ଚିଥିବା ଭାରତ ମସଲାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡଃ ସୁରେନ୍ଦ୍ର ନାଥ ପଣ୍ଡାଙ୍କୁ କିସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। କିସ ବିଶ୍ୱବିଦ୍ୟାଳୟର ଷଷ୍ଠତମ ସମାବର୍ତ୍ତନ ଉତ୍ସବରେ କିଟ, କିମ୍ସ ଓ କିସର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ଶ୍ରୀ ପଣ୍ଡାଙ୍କୁ ଏହି ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରିଥିଲେ।ବିଶିଷ୍ଟ ଉଦ୍ୟୋଗୀ , ଶିଳ୍ପ ପରିଚାଳନା, ସମାଜସେବା, ମହିଳା ସଶକ୍ତିକରଣ ଓ ସାମାଜିକ ବିକାଶ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଦେଇ କିସ ୟୁନିଭର୍ସିଟି ତାଙ୍କୁ ଆଜି ଏହି ସ୍ୱୀକୃତି ପ୍ରଦାନ କରିବାର ସୌଭାଗ୍ୟ ପାଇଛି ବୋଲି ଡକ୍ଟର ସାମନ୍ତ କହିଥିଲେ। ୧୯୯୯ ମସିହାରେ କଟକ ସଦର ବ୍ଲକ୍‌ର ମଡଗଜପୁର ଗ୍ରାମରୁ ମାତ୍ର ୪୦୦ ଟଙ୍କାର ପୁଞ୍ଜି ନେଇ ଆରମ୍ଭ ହୋଇଥିବା ତାଙ୍କର ବ୍ୟବସାୟିକ ଯାତ୍ରା ଆଜି ୨୭ ବର୍ଷ ପରେ ଏକ ବିଶାଳ ଶିଳ୍ପ ପ୍ରତିଷ୍ଠାନରେ ପରିଣତ ହୋଇଛି। ଭାରତ ମସଲା ଦେଶର ୨୮ଟି ରାଜ୍ୟ ସମେତ ବିଦେଶର ୮ଟି ଦେଶରେ



ନିଜର ବ୍ୟବସାୟିକ ଉପସ୍ଥିତି ଜାହିର କରିଛି। ଗ୍ରାହକଙ୍କ ବିଶ୍ୱାସ, ଉତ୍ପାଦର ଗୁଣବତ୍ତା ଓ ବିତରଣ ବ୍ୟବସ୍ଥାକୁ ଆଧାର କରି ଏହି ସଫଳତା ହାସଲ କରିଛି।

ଡଃ ପଣ୍ଡାଙ୍କ ସଫଳତା କେବଳ ବ୍ୟବସାୟରେ ସୀମିତ ନୁହେଁ। ସମାଜସେବା, ରକ୍ତଦାନ ଶିବିର ଆୟୋଜନ, ଓଡ଼ିଶାର ପାରମ୍ପରିକ ପାଲା ଓ ଦାସକାଠିଆ କଳାର ପ୍ରଚାର, କଳାକାରଙ୍କୁ ପ୍ରୋତ୍ସାହନ ଏବଂ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଭଳି କାର୍ଯ୍ୟରେ ନିଜର ଅବଦାନ ରଖିଆସିଛନ୍ତି । କୃଷକଙ୍କ ଆର୍ଥିକ ଉନ୍ନତି ଓ କୃଷିଜାତ ଦ୍ରବ୍ୟର ବଜାର ସଂଯୋଗ ପାଇଁ ମଧ୍ୟ ସେ ଗୁରୁତ୍ୱ ଦେଇଆସୁଛନ୍ତି। ବିଶେଷକରି ମହିଳା ସଶକ୍ତିକରଣ ଦିଗରେ ଭାରତ ମସଲାର ଭୂମିକା ଉଲ୍ଲେଖନୀୟ। କାରଖାନାରେ ପ୍ରାୟ ୭୫ ପ୍ରତିଶତ ମହିଳା କର୍ମଚାରୀ କାର୍ଯ୍ୟରତ ଥିବାବେଳେ ଡମପଡ଼ା, ବାଙ୍କୀ, ଆଠଗଡ଼ ଓ ବାରଙ୍ଗ ଅଞ୍ଚଳର ଗ୍ରାମୀଣ ମହିଳାଙ୍କୁ ରୋଜଗାର ଓ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ମିଳିଛି। ଏହାଦ୍ୱାରା ଶିଳ୍ପ ବିକାଶ ସହ ଗ୍ରାମୀଣ ଅର୍ଥନୀତିକୁ ମଧ୍ୟ ନୂଆ ଦିଗ ମିଳିଛି।

ଭାରତୀୟ ସଂସ୍କୃତି, ଭଗବଦ୍ ଗୀତା, ରାମାୟଣ ଓ ମହାଭାରତ ସମ୍ପର୍କରେ ଗଭୀର ଅଧ୍ୟୟନ ସହ ଜଣେ ଦକ୍ଷ ବକ୍ତା ଭାବେ ମଧ୍ୟ ଡଃ ପଣ୍ଡାଙ୍କ ପରିଚୟ ରହିଛି ନିକଟରେ ରାଜସ୍ଥାନର ମାଉଣ୍ଟ ଆବୁଠାରେ ଓମ୍ ଶାନ୍ତି ସଂଗଠନ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ କର୍ମଶାଳାରେ ତାଙ୍କର ଅଭିଭାଷଣ ବିଶେଷ ପ୍ରଶଂସିତ ହୋଇଥିଲା। ମାତ୍ର ୪୦୦ ଟଙ୍କାରୁ ଆରମ୍ଭ ହୋଇ ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ସୃଷ୍ଟି କରିଥିବା ଏହି ଯାତ୍ରା ଜଣେ ଉଦ୍ୟୋଗପତିଙ୍କ ସଂଘର୍ଷ ଓ ସଫଳତାର ଅନନ୍ୟ ଉଦାହରଣ। ତାଙ୍କୁ ମିଳିଥିବା ସମ୍ମାନସୂଚକ ଡକ୍ଟରେଟ୍ କେବଳ ବ୍ୟକ୍ତିଗତ ସଫଳତାର ସ୍ୱୀକୃତି ନୁହେଁ, ବରଂ ଓଡ଼ିଶାର ଉଦ୍ୟୋଗୀ ଯୁବପିଢ଼ି, ମହିଳା ଓ ସମାଜ ପାଇଁ ଏକ ପ୍ରେରଣାଦାୟକ ସନ୍ଦେଶ। ତାଙ୍କର ଏହି ଡକ୍ଟରେଟ ସମ୍ମାନ ପାଇଁ ଭାରତ ମସଲା ପରିବାର ପକ୍ଷରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬'ର ଉଦ୍‌ଯାପିତ

ଉଦ୍ୟମ, ଶୃଙ୍ଖଳା ଓ ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, (ସବୁ୍ୟ): ରାଜ୍ୟର କୁନି ପ୍ରତିଭାମାନଙ୍କୁ ନେଇ ଆୟୋଜିତ ତିନିଦିନିଆ ରାଜ୍ୟସ୍ତରୀୟଶିଶୁମହୋତ୍ସବ 'ସୁରଭି-୨୦୨୬' ଆଜି ପବିତ୍ର ଶିଶୁ ଦିବସ ଅବସରରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ସମାରୋହରେ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ଼ା. ଏନ୍. ତିରୁମାଲା ନାଏକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ଯୁଗଲେଶ୍ୱରୀ ଦାଶ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଏବଂ ଓସେପାର ଭାରପ୍ରାପ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ସଙ୍ଗୀତା ବେହେରା ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଯାପନୀ ଅଭିଭାଷଣ ଦେଇ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ଗୋଟିଏ ଜାତିର ପ୍ରକୃତ ଶକ୍ତି ହେଉଛି ତାହାର ଶିକ୍ଷିତ, ସଚେତନ ଓ ଦକ୍ଷ ଯୁବପିଢ଼ି । ପ୍ରତ୍ୟେକ ଶିଶୁ ଯେପରି ଗୁଣାତ୍ମକ ଶିକ୍ଷା, ସମାନ ସୁଯୋଗ ଓ ଏକ ସୁରକ୍ଷିତ ଶିକ୍ଷଣ ପରିବେଶ ପାଇପାରିବେ, ସେଥିପାଇଁ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ବିଦ୍ୟାଳୟର ଭିତ୍ତିଭୂମି ବିକାଶ, ଶିକ୍ଷାଦାନର ମାନ ବୃଦ ୍ଧି, ଶିକ୍ଷକମାନଙ୍କ ଦକ୍ଷତା ବିକାଶ, ଡିଜିଟାଲ ଓ ବୈଷୟିକ ଶିକ୍ଷାର ପ୍ରସାର ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ସୃଜନଶୀଳତା, କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଭାର ବିକାଶକୁ ସରକାର ଗୁରୁତ୍ୱ ଦେଉଛନ୍ତି ।



ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ମେୟର୍ ଶ୍ରୀମତୀ ସୁଲୋଚନା ଦାସ କହିଥିଲେ ଯେ ଏଭଳି ଏକ ବୃହତ୍ ସ୍ତରରେ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ଼ା. ଏନ୍. ତିରୁମାଲା ନାଏକ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଦିନରେ ଏହି ମହୋତ୍ସବର ସମାନ ଉତ୍ସାହ ସହିତ ଅଂଶଗ୍ରହଣ ଜାରି ରଖିବାକୁ ପ୍ରୋତ୍ସାହିତ କରିଥିଲେ । ଏହି ଅବସରରେ 'ପଢ଼ିବା ଗଢ଼ିବା, ଓଡ଼ିଶା ପୁସ୍ତକମାଳା' ଏବଂ 'ଅକ୍ଷର ଓ ଅଙ୍କ' ପତ୍ରିକାର ଶୁଭ ଉନ୍ମୋଚନ କରିଛନ୍ତି ମନ୍ତ୍ରୀ । ଶିକ୍ଷାର୍ଥୀଙ୍କ ମଧ୍ୟରେ ପଠନ ଅଭ୍ୟାସ ଏବଂ ମୌଳିକ ସାକ୍ଷରତା ଦକ୍ଷତା ବୃଦ୍ଧି ପାଇଁ ପ୍ରସ୍ତୁତ ୩୦୦ଟି ନୂତନ ବୟସ ଉପଯୋଗୀ ପଠନ ସାମଗ୍ରୀକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ । ସେହିପରି ନିପୁଣ ଓଡ଼ିଶା ମିଶନର ସଫଳତା, ଅଭିନବ ପ୍ରୟାସ ଏବଂ ଛାତ୍ରଛାତ୍ରୀଙ୍କ ସୃଜନଶୀଳ କଳାକୃତିକୁ ନେଇ ପ୍ରସ୍ତୁତ ତ୍ରୈମାସିକ ପତ୍ରିକା 'ଅକ୍ଷର ଓ ଅଙ୍କ' ର ଶୁଭ ଉନ୍ମୋଚନ କରାଯାଇଥିଲା । ଏହି ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ପ୍ରାୟତଃ ୨୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସହଯୋଗୀ ଶିକ୍ଷକଶିକ୍ଷୟିତ୍ରୀ ଏବଂ ୧୦୦୦ରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଚଳିତ ବର୍ଷ ମୋଟ୍ ୨୧ ଟି ଷ୍ଟଲରେ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର, ଅନ୍ତର୍ଭୁକ୍ତିମୂଳକ ଶିକ୍ଷା ଏବଂ କ୍ରୀଡ଼ା ଉତ୍କର୍ଷତା କେନ୍ଦ୍ର ପ୍ରଦର୍ଶିତ ହୋଇଥିବା ବେଳେ ବୃତ୍ତି ଚୟନ ସଚେତନତା ଓ ମାର୍ଗଦର୍ଶନ, ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ଛାତ୍ରାବାସ, ଶ୍ରୀଅନ୍ନ ଅଭିଯାନ ଆଦି ରହିଥିଲା । ଏଥିସହିତ କାଗଜ ଭଙ୍ଗା ଓ ସଖୀ କଣ୍ଠେଇ ନାଚ ସମ୍ପର୍କିତ ସୃଜନଶୀଳ କର୍ମଶାଳା ଆୟୋଜନ କରାଯାଇଥିଲା ।

ନାବାଳିକାଙ୍କୁ ବ୍ଲାକମେଲ୍ କରି ଅଭିଯୁକ୍ତ ଗିରଫ

ଜଟଣୀ, (ସବୁ୍ୟ) : ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଜଣେ ନାବାଳିକାଙ୍କ ସହ ସମ୍ପର୍କ ସ୍ଥାପନ କରି ଘରେ କେହି ନଥିବାର ସୁଯୋଗ ନେଇ ବଳପୂର୍ବକ ଅନୁଚିତ ସମ୍ପର୍କ ବଢାଇବା, ଆପତ୍ତିଜନକ ଫଟୋ ଉଠାଇ ଭାଇରାଲ୍ କରିଦେବାର ଧମକ ଦେଇ ବ୍ଲାକ୍‌ମେଲ୍ କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ୪୮ ବର୍ଷୀୟ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ନିକଟରୁ ପାଡ଼ିତାଙ୍କ ଆପତ୍ତିଜନକ ଫଟୋ ଥିବା ମୋବାଇଲ୍ ଫୋନ୍ ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି।ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସୂଚନା ମତେ ଜଟଣୀ ଥାନା ଅଞ୍ଚଳର ଅଭିଯୋଗକାରିଣୀଙ୍କ ନାବାଳିକା ଝିଅଙ୍କ ସହ ଗୋଡ଼ାଧର୍ମ ସାଗର ଅଞ୍ଚଳର ଅଭିଯୁକ୍ତ ଅଭିମନ୍ୟୁ ହାତୀ (୪୮) ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ଯୋଗାଯୋଗ ସ୍ଥାପନ କରିଥିଲା। ଅଭିଭାବକଙ୍କ ଅଜାଣତରେ ନାବାଳିକାଙ୍କ ସହ ନିୟମିତ ସମ୍ପର୍କ ରଖିବା ପାଇଁ ଅଭିଯୁକ୍ତ ତାଙ୍କୁ ଏକ ଅଲଗା ମୋବାଇଲ୍ ଫୋନ୍ ଓ ସିମ୍ କାର୍ଡ ଯୋଗାଇ ଦେଇଥିଲା। ଡିଜିଟାଲ୍ ପ୍ରମାଣ ସମେତ ପର୍ଯ୍ୟାପ୍ତ ପ୍ରାଥମିକ ପ୍ରମାଣ ମିଳିବା ପରେ ଅଭିଯୁକ୍ତକୁ ବିଧିବଦ୍ଧ ଭାବେ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି।

ତୋତରୀ ସରକାରଙ୍କ ପ୍ରତିନିଧିମଣ୍ଡଳୀଙ୍କ ଚନ୍ଦ୍ରଶେଖର ଏକାଡେମୀ ପରିଦର୍ଶନ

ଭୁବନେଶ୍ୱର (ସବୁ୍ୟ): ଜାପାନ ତୋତରୀ ସରକାରଙ୍କ ପକ୍ଷରୁ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଏକ ପ୍ରତିନିଧି ମଣ୍ଡଳୀର ୮ ସଦସ୍ୟ ଅର୍କକ୍ଷେତ୍ର କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ପୁରୀ ପରିଭ୍ରମଣ ଆସିଥିଲେ। ଏହି ଅବସରରେ ପୁରୀ- କୋଣାର୍କ ମେରାଇନ ଡ୍ରାଇଭ୍ ରୋଡରେ ଥିବା ଚନ୍ଦ୍ରଶେଖର ଏକାଡ଼େମୀକୁ ଗସ୍ତ କରିଥିଲେ ଟିମ୍। ଏକାଡେମୀ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରିବା ସହ ଦୁଇ ଦେଶର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଶିକ୍ଷାର ଆଦାନ ପ୍ରଦାନ ହୋଇଥିଲା। ସେହିଭଳି ଉଭୟ ଦେଶରେ କଳା ଓ ସଂସ୍କୃତିକୁ ନେଇ ନୃତ୍ୟ ପରିବେଷଣ କରାଯାଇଥିଲା। ଦୁଇ ଦେଶ ମଧ୍ୟରେ ଫ୍ରେଣ୍ଡସିପ ସମ୍ପର୍କକୁ ନେଇ ମୂଳଦୂଆ ଆରମ୍ଭ ହୋଇଛି।



ଏକାଡ଼େମୀରେ ଅଧ୍ୟୟନ ଛାତ୍ରଛାତ୍ରୀ ମାନଙ୍କୁ ମାଗଣାରେ ଜାପାନ ଭାଷା ଶିକ୍ଷାର ସୁଯୋଗ ରହିଛି। ଯାହାଦ୍ୱାରା ପିଲା ମନେ ଜାପାନ ଭାଷା ଓ ଆଇଟି ରେ କୃତକାର୍ଯ୍ୟ ହେବା ପରେ ଜପାନ ରେ ନିଯୁକ୍ତି ସହଜ ହୋଇପାରିବ। ପୂର୍ବରୁ ଉକ୍ତ ଏକାଡେମୀରୁ ୪୦ ଛାତ୍ର ଜପାନର ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଁ ଆମ୍ ନିର୍ଭରସିଜ ହୋଇ ପାରିଛନ୍ତି। ଓଡ଼ିଶା ସହ ତୋତରି ସରକାରଙ୍କ ସହ ଏମ୍‌ଏୟୁ ହେଇଯାଇଛି। ଆଗକୁ ଦୁଇ ଦେଶ ମଧ୍ୟରେ ଫ୍ରେଣ୍ଡସିପ ସହ କଳା, ଶିକ୍ଷା, ସଂସ୍କୃତି, ପର୍ଯ୍ୟଟନ ଓ ବାଣିଜ୍ୟର ବିକାଶ ହୋଇପାରିବ ବୋଲି ଇଣ୍ଡିଆ - ଜାପାନ ଫ୍ରେଣ୍ଡ଼ ସିପ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ ସୂଚନା ଦେଇଛନ୍ତି ।

ଜାଲ୍ ପାସ୍‌ପୋର୍ଟ, ବିମାନଯାତ୍ରୀ ଗିରଫ

ଭୁବନେଶ୍ୱର, (ସବୁ୍ୟ) : ଜାଲ୍ କାଗଜପତ୍ର ଜରିଆରେ ଭିନ୍ନ ଭିନ୍ନ ନାମ ଓ ଜନ୍ମ ତାରିଖରେ ତିନୋଟି ଭାରତୀୟ ପାସ୍‌ପୋର୍ଟ କରି ବିଦେଶ ଯାତ୍ରା କରୁଥିବା ଉତ୍ତରପ୍ରଦେଶ ନାଗରିକ ବ୍ରିଜେଶ କୁମାର (୩୪)ଙ୍କୁ ଏୟାରପୋର୍ଟ ଥାନା ପୋଲିସ ଗିରଫ କରିଛି । ବ୍ୟାଙ୍କକ୍‌ରୁ ବିମାନ ଯୋଗେ ଆସି ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ଇମିଗ୍ରେସନ ଯାଞ୍ଚ ବେଳେ ଏହି ବଡଧରଣର ଜାଲିଆତି ଧରାପଡ଼ିଥିଲା । ଗିରଫ ଅଭିଯୁକ୍ତ ନିକଟରୁ ଗୋଟିଏ ଭାରତୀୟ ପାସ୍‌ପୋର୍ଟ, ୪ଟି ମୋବାଇଲ ଫୋନ୍, ନଗଦ ୬ ହଜାର ୫୦୦ ଭାରତୀୟ ଟଙ୍କା ଏବଂ ଥାଇଲାଣ୍ଡ ମୁଦ୍ରା ଜବତ କରାଯାଇଥିବା ପୋଲିସ କହିଛି । ଗତ ୧୩ ତାରିଖ ପୂର୍ବାହ୍ନ ସାଢେ ୧୧ଟାରେ ଇଣ୍ଡିଗୋ ବିମାନ ଯୋଗେ ଥାଇଲାଣ୍ଡର ବ୍ୟାଙ୍କକ୍‌ରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ ଉତ୍ତରପ୍ରଦେଶ ଆଜମଗଡ ଜିଲ୍ଲାର ବ୍ରିଜେଶ କୁମାର । ବିମାନ ବନ୍ଦର ଇମିଗ୍ରେସନରୁ ଚେକ୍‌ପୋଷ୍ଟରେ ଯାଞ୍ଚ ବେଳେ ବ୍ରିଜେଶ କୁମାର ନିକଟରୁ ଲକ୍ଷ୍ନୌ ଆଞ୍ଚଳିକ ପାସ୍‌ପୋର୍ଟ କାର୍ଯ୍ୟାଳୟରୁ ଭିନ୍ନ ଭିନ୍ନ ନାମ ଓ ଜନ୍ମ ତାରିଖ ବ୍ୟବହାର କରି ତିନୋଟି ପାସ୍‌ପୋର୍ଟ ସେ ହାସଲ କରିଥିବା ଜଣାପଡ଼ିଥିଲା । ସେଗୁଡିକ ହେଲା ବଲବୀର ଯାଦବ ନାମରେ ପାସ୍‌ପୋର୍ଟ, ବ୍ରିଜେଶ କ

"ଗଣତନ୍ତ୍ର ବଞ୍ଚାଓ – ଅରାଜକତା ହଟାଓ" ପଦଯାତ୍ରା

ସୁରକ୍ଷିତ ଗଣତନ୍ତ୍ର ଆମର ପ୍ରତିବଦ୍ଧତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମୋଦି ସରକାରରେ ଆର୍ଥିକ ବିକାଶ ସହିତ ଦେଶରେ ଦାରିଦ୍ର୍ୟ ହ୍ରାସ ପାଉଛି। ଯାହାକୁ କିଛି ବାହ୍ୟ ଶକ୍ତି ବିରୋଧ କରୁଛନ୍ତି। କଂଗ୍ରେସ ଓ କେତେକ ବିରୋଧୀ ଦଳ ଦେଶର ଏହି ପ୍ରଗତିକୁ ସହି ନପାରି ଅରାଜକତା ସୃଷ୍ଟି କରିବାର ଅପଚେଷ୍ଟା କରୁଛନ୍ତି। ଏଥିରେ ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଓ ଏହାର ନେତା ରାହୁଲ ଗାନ୍ଧୀଙ୍କ ଭୂମିକା ଓ ପ୍ରତ୍ୟକ୍ଷ ସଂପୃକ୍ତି ରହିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ରାଷ୍ଟ୍ରହିତ ପାଇଁ ଅତ୍ୟନ୍ତ କ୍ଷତିକାରକ। ରାହୁଲ ଗାନ୍ଧୀ ବିଦେଶୀ ବିଭାଜନକାରୀ ଶକ୍ତିମାନଙ୍କ ଇସାରାରେ କାମ କରୁଛନ୍ତି । ଏସ୍‌ଆଇଆର୍‌କୁ ନେଇ ବିରୋଧୀଙ୍କ ଅପପ୍ରଚାର ଅତ୍ୟନ୍ତ ଅମୂଳକ, ଅଯୌକ୍ତିକ ଏବଂ ଭ୍ରମାତ୍ମକ। ବିରୋଧୀ ଦଳଗୁଡ଼ିକ ସାଧାରଣ ଜନତାଙ୍କ ଅଧିକାର ପାଇଁ ନୁହେଁ ବରଂ ମୃତ ବ୍ୟକ୍ତି, ଠିକଣା ବଦଳାଇଥିବା ବ୍ୟକ୍ତି ଏବଂ ବେଆଇନ ଅନୁପ୍ରବେଶକାରୀ ଓ ଜାଲ୍ ଭୋଟରଙ୍କୁ ନିଜର ଭୋଟ୍ ବ୍ୟାଙ୍କ ଭାବେ ବଂଚାଇ ରଖିବା ପାଇଁ ନିର୍ବାଚନ ଆୟୋଗ ବିରୋଧରେ ଅପପ୍ରଚାର ଚଳାଇଛନ୍ତି। କ୍ଷମତା ହରାଇବାର ଯନ୍ତ୍ରଣାରେ ଦେଶରେ ଅସ୍ଥିରତା ଓ 'ରିଜିମ୍ ଚେଞ୍ଜ'ର କଥା କହୁଛନ୍ତି। ଦେଶର ୧୪୦ କୋଟି ଜନସାଧାରଣଙ୍କ ଉପରେ ଆସ୍ଥା ନ ରଖି ନାଗରିକତା ନଥିବା ଲୋକଙ୍କୁ



ସୁରକ୍ଷା ଦେବାର ଏହି ଷଡ଼ଯନ୍ତ୍ରକୁ କେବେବି ବରଦାସ୍ତ କରାଯିବ ନାହିଁ। ସୁରକ୍ଷିତ ଗଣତନ୍ତ୍ର ଆମର ପ୍ରତିବଦ୍ଧତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଦେଶର ଗଣତନ୍ତ୍ର, ସମ୍ବିଧାନ ଏବଂ ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୋଜିତ "ଗଣତନ୍ତ୍ର ବଂଚାଅ – ଅରାଜକତା ହଟାଅ" ଅଭିଯାନ ଅନ୍ତର୍ଗତ ପଦଯାତ୍ରାକୁ ଅଭୂତପୂର୍ବ ଜନସମର୍ଥନ ଓ ଲୋକଙ୍କ ଉତ୍ସାହ ମିଳୁଛି। ଓଡିଶାରେ ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀକୁ ସମର୍ଥନ କରିବା, ଦିଲ୍ଲୀରେ କଂଗ୍ରେସ ଓ ଇଣ୍ଡି ମେଂଟର ବୈଠକରେ ଯୋଗ ଦେବା ଏବଂ ଦିଲ୍ଲୀଠାରେ ଅନୁଷ୍ଠିତ ଇଣ୍ଡି ମେଂଟ ରାଲିରେ ସାମିଲ ହେବା ଭଳି ଘଟଣା ବିଜୁ ଜନତା ଦଳର "ସମଦୂରତ୍ୱ ନାରାର ମିଛ ନାଟକ"ର ଅସଲ ଚରିତ୍ରକୁ ଆଜି ପଦାରେ ପକାଇଛି। ଓଡ଼ିଶାର ସ୍ୱାଭିମାନ, ଅସ୍ମିତା ଏବଂ ଗଣତନ୍ତ୍ର ଓ ରାଷ୍ଟ୍ରବାଦର ସପକ୍ଷରେ ରାଜ୍ୟବାସୀ ସର୍ବଦା ଠିଆ ହୋଇଥିବାର ଏହା ସ୍ପଷ୍ଟ ପ୍ରମାଣ କରୁଛି। "ଗଣତନ୍ତ୍ର ବଂଚାଅ – ଅରାଜକତା ହଟାଅ" ସ୍ଲୋଗାନକୁ ଗାଁ ଗଣ୍ଡାର ପ୍ରତିଟି ଘରେ ପହଁଚାଇବାକୁ ଆହ୍ୱାନ କରୁଛି।

ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ.ସୁଧାଂଶୁ ତ୍ରିବେଦୀ କହିଛନ୍ତି ଯେ; କଂଗ୍ରେସ ଯେଉଁଠି ନିର୍ବାଚନ ଜିତୁଛି ସେଠାରେ ଇଭିଏମ୍ ଓ ନିର୍ବାଚନ ଆୟୋଗ ଠିକ୍ ଲାଗୁଥିବା ବେଳେ, ବିଜେପି ଜିତିଲେ ଭୋଟ୍ ଚୋରି ହେଉଛି ବୋଲି ଅଭିଯୋଗ ଆଣିବା ସେମାନଙ୍କ ଦୋମୁହାଁ ନୀତିର ପରିଚୟ। ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ତରଫରୁ "ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ ଅଭିଯାନ' ବିଶାଳ ପଦଯାତ୍ରା ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରୁ ଆରମ୍ଭ ହୋଇ ବାଣୀବିହାର ଠାରେ ଶେଷ ହୋଇଯାଇଛି। ଏହି ପଦଯାତ୍ରାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ. ସୁଧାଂଶୁ ତ୍ରିବେଦୀ ସାମିଲ ହୋଇଛନ୍ତି। ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସଂପାଦକ ସରୋଜ କରଙ୍କ ସମେତ ଜିଲ୍ଲା ତଥା ରାଜ୍ୟର ଅନେକ ନେତୃବୃନ୍ଦ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

ଦିଲ୍ଲୀପ ନିଲମ୍ବିତ, ସମୀର ବିଜେଡିକୁ ଫେରିବା ନେଇ ଚର୍ଚ୍ଚା

ଭୁବନେଶ୍ୱର, (ସବ୍ୟୁ) : ନିମାପଡା ବିଜେଡି ରାଜନୀତିରେ ହଇଚୟ ସୃଷ୍ଟି ହୋଇଛି। ଗତ ନିର୍ବାଚନରେ ନିମାପଡା ବିଧାନସଭାରୁ ବିଜେଡି ପ୍ରାର୍ଥୀ ହୋଇଥିବା ଦିଲ୍ଲୀପ ନାୟକଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ବିଜେଡି ପକ୍ଷରୁ ଜାରି ହୋଇଥିବା ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, ଜାଲିଆତି ପୂର୍ଣ୍ଣ କାର୍ଯ୍ୟ ଯାହାକି ଦଳ ବିରୋଧୀ କାର୍ଯ୍ୟକଳାପ ବୋଲି ବିବେଚନା କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ପଛରେ ଶୃଙ୍ଖଳା କମିଟି ରିପୋର୍ଟ ଥିବା କୁହାଯାଉଛି।

ତେବେ ଗତ ନିର୍ବାଚନରେ ନିମାପଡାର ପୂର୍ବ ବିଧାୟକ ସମୀର ଦାସଙ୍କୁ ଟିକଟ ନଦିଆଯାଇ ଦିଲ୍ଲୀପଙ୍କୁ ଟିକେଟ ଦିଆଯାଇଥିଲା। ଏହାର ପ୍ରତିବାଦରେ ସମୀର ବିଜେଡି ଛାଡି ବିଜେପିରେ ଯୋଗ ଦେଇଥିଲେ। ତାଙ୍କର ଉଦ୍ୟମ ଯୋଗୁଁ ସେଠାରେ ବିଜେପି ପ୍ରାର୍ଥୀ ପ୍ରଭାତୀ ପରିଡା ୪୫୮୮ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ତେବେ ବିଜେପି କ୍ଷମତାକୁ ଆସିବା ପରେ ପ୍ରଭାତୀଙ୍କ ସହ ସମୀରଙ୍କ ତିକ୍ତତା ବଢିଥିଲା। ଖୋଲାଖୋଲି ଭାବେ ସମୀର ବିଜେପିରେ ଥାଇ ମଧ୍ୟ ପ୍ରଭାତୀଙ୍କୁ ବିରୋଧ କରିବା ଆରମ୍ଭ କରିଥିଲେ। ନିକଟରେ ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନରେ ସମୀରଙ୍କ ସମର୍ଥିତ ପ୍ରାର୍ଥୀମାନେ ବିଜୟୀ ହୋଇଥିଲେ। ଦିଲ୍ଲୀପଙ୍କ ନିଲମ୍ବନ ପରେ ସମୀର ପୁଣି ବିଜେଡିକୁ ଫେରିବାର ଚର୍ଚ୍ଚା ହେଉଛି।

୨୫ରେ ରାଜ୍ୟସ୍ତରୀୟ 'କଳା ମଣିମା' ସମ୍ମାନ ସମାରୋହ

ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କୁ ସର୍ବୋଚ୍ଚ ସମ୍ମାନ 'କଳାଶ୍ରୀ'

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଜଣାଶୁଣା ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ 'କଳା ମଣିମା ଚାରିଟେବଲ୍ ଟ୍ରଷ୍ଟ' ପକ୍ଷରୁ ନଭେମ୍ବର ୨୫ ତାରିଖ ବୁଧବାର ଦିନ ରାଜ୍ୟସ୍ତରୀୟ 'କଳା ମଣିମା ସମ୍ମାନ ସମାରୋହ-୨୦୨୬' ଅନୁଷ୍ଠିତ ହେବ। ଭୁବନେଶ୍ୱରର ଜୟଦେବ ଭବନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୨୭ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ। ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ଅନୁମୋଦନକ୍ରମେ ଗବେଷକ ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କୁ ଚଳିତବର୍ଷର ସର୍ବୋଚ୍ଚ 'କଳା ମଣିମା' ସମ୍ମାନ 'କଳାଶ୍ରୀ' ପ୍ରଦାନ କରାଯିବ। ସେହିପରି ଶ୍ରୀଜଗନ୍ନାଥଙ୍କ ସେବକ ମଧୁସୂଦନ ସିଂହାରାଙ୍କୁ 'ଶ୍ରୀଜଗନ୍ନାଥ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯିବ। ଏହାବ୍ୟତୀତ ବିଶିଷ୍ଟ ବ୍ୟକ୍ତିବିଶେଷ, ସାହିତ୍ୟିକ ଓ ସମାଜସେବୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବ। ଶ୍ରୀଜଗନ୍ନାଥ, ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଏବଂ ଏହାର ପର୍ବପର୍ବାଣି, ଯାନିଯାତ୍ରା ସହ ଓଡ଼ିଶାର ସଂସ୍କୃତି ଓ ଧର୍ମ ପରମ୍ପରାକୁ ନେଇ ପ୍ରକାଶିତ ପତ୍ରିକା 'କଳା ମଣିମା' ପାଠକୀୟ ଆଦୃତି ଲାଭ କରିଛି। ଏହି ପତ୍ରିକା ଓ ଟ୍ରଷ୍ଟ ମାଧ୍ୟମରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ସହ ସମାଜର ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ଏହି ସମ୍ମାନ ସମାରୋହ ଆୟୋଜନ କରାଯାଉଛି। ଏହା ମାଧ୍ୟମରେ ଟ୍ରଷ୍ଟ ନିଜର ସାମାଜିକ ଦାୟିତ୍ୱବୋଧ ଓ ସାଂସ୍କୃତିକ ପ୍ରତିବଦ୍ଧତାକୁ ଆଗେଇ ନେଉଛି।

ବାର୍ଷିକ ଶିଶୁ ମହୋତ୍ସବ ୨୦୨୬' ପାଳିତ

ସୁସ୍ଥ ଓ ଆନନ୍ଦମୟ ଶୈଶବ ଗଠନରେ ଅଭିଭାବକଙ୍କ ଅଧିକ ସମ୍ପୃକ୍ତି ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର (ସବ୍ୟୁ): ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଶିଶୁମାନଙ୍କ ଉପଯୁକ୍ତ ଯତ୍ନର ଗୁରୁତ୍ୱକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି ଭୁବନେଶ୍ୱରର ହରିନଗର



ସ୍ଥିତ ମଇଁଷିଖାଲଠାରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ 'କୋଟିଏ ହସ – ବାର୍ଷିକ ଶିଶୁ ମହୋତ୍ସବ ୨୦୨୬' ଆୟୋଜିତ ହୋଇଯାଇଛି। ଶିଶୁ ଦିବସ ଅବସରରେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ସମେତ ଜିଲ୍ଲା ଓ ରାଜ୍ୟସ୍ତରରେ ଏକକାଳୀନ ଏହି ଉତ୍ସବ ପାଳନ କରାଯାଇଛି, ଯାହା ଆନନ୍ଦମୟ ଖେଳ-ଭିତ୍ତିକ କାର୍ଯ୍ୟକଳାପ ମାଧ୍ୟମରେ ଶିଶୁ, ପିତାମାତା ଏବଂ ଯତ୍ନ ନେଉଥିବା ବ୍ୟକ୍ତିମାନଙ୍କୁ ଏକାଠି କରିଛି। ସମସ୍ତଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଲେ ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ସ୍ନେହ, ଯତ୍ନ, ମମତା ଏବଂ ସଂସ୍କୃତି ମାଧ୍ୟମରେ ହିଁ ତାର ଭବିଷ୍ୟତର ମୂଳଦୁଆ ଗଠିତ ହୋଇଥାଏ। ଶିଶୁର ଲାଳନପାଳନ ଉଭୟ ପିତାମାତାଙ୍କର ମିଳିତ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିବା ସହ ଶିଶୁ ଯତ୍ନ ଏବଂ ପ୍ରାରମ୍ଭିକ ଶିକ୍ଷା କ୍ଷେତ୍ରରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ପିତାମାତାଙ୍କୁ ଉତ୍ସାହିତ କରିଥିଲେ।

ଉତ୍ସାହ, ସୃଜନଶୀଳତା ଏବଂ ପାରିବାରିକ ଅଂଶଗ୍ରହଣରେ ପରିପୂର୍ଣ୍ଣ ପରିବେଶ ମଧ୍ୟରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ୦ରୁ ୬ ବର୍ଷ ବୟସର ପ୍ରାୟ ୭୦୦ ଶିଶୁ ସେମାନଙ୍କର ପିତାମାତା ଏବଂ ଅଭିଭାବକଙ୍କ ସହ ଯୋଗ ଦେଇଥିଲେ। ବିଭିନ୍ନ କାର୍ଯ୍ୟକଳାପ କର୍ଣ୍ଣର ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ ଶିଶୁ, ଅଭିଭାବକ ଏବଂ ଅଙ୍ଗନବାଡ଼ି କର୍ମୀମାନଙ୍କ ସହ ଭାବବିନିମୟ କରିଥିଲେ ଏବଂ ଖେଳ ମାଧ୍ୟମରେ ଶିକ୍ଷାକୁ ଶିଶୁ ଲାଳନପାଳନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ପରିବାରବର୍ଗଙ୍କୁ ଉତ୍ସାହିତ କରିଥିଲେ। ଶିଶୁମାନେ ଅଭିନୟ ଗୀତ, ନୃତ୍ୟ, ଗପ କହିବା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍ସାହର ସହ ଅଂଶଗ୍ରହଣ କରି ସେମାନଙ୍କର ସୃଜନଶୀଳତା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ ମୃଣାଳିନୀ ଦର୍ସୱାଲ, ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀଙ୍କ ସମେତ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ବିଶିଷ୍ଟ ବ୍ୟକ୍ତି ଏବଂ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ଆନ୍ତଃଜିଲ୍ଲା ଲୁଟେରା ଗ୍ୟାଙ୍ଗ୍ ଠାବ; ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା-ରୂପା ଅଳଙ୍କାର ଜବତ

କଟକ,(ସବ୍ୟୁ): କମିସନରେଟ୍ ପୁଲିସ ଅଧୀନସ୍ଥ ଜଗତପୁର ଥାନା ପୁଲିସକୁ ମିଳିଛି ଏକ ସଫଳତା । ଏକ ସିନ୍ଧିଚୋରି ମାମଲାର ତଦନ୍ତ କରି ପୁଲିସ କେନ୍ଦ୍ରାପଡ଼ା ଜିଲ୍ଲାର ୩ ଜଣ କୁଖ୍ୟାତ ଆନ୍ତଃଜିଲ୍ଲା ଲୁଟେରାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ପୋଷ୍ଟ ଅଫିସ୍ ଲେନ୍‌ର ଏସ୍.କେ ଆଶିକ୍ ରଜା ଓରଫ ରାଜେଶ (୩୮), ରଣାପଡ଼ାର ଏସ୍.କେ ମେହେବୁବ (୨୩) ଏବଂ ସଦର ଥାନା ହଳଦିଆ ଅଞ୍ଚଳର ପ୍ରକାଶ କୁମାର ସାହୁ (୩୫) । ସେମାନଙ୍କ ନିକଟରୁ ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସୁନା ଓ ରୂପା ଅଳଙ୍କାର ସମେତ ନଗଦ ୬୪ ହଜାର ଟଙ୍କା ଜବତ କରାଯାଇଛି । ଜଗତପୁର ଥାନା ଅନ୍ତର୍ଗତ ଅଣ୍ଡେଇସାହିର ଏସ୍.କେ ସଫିବୁଲଙ୍କ ପତ୍ନୀ ୟାସମିନ୍ ଖାତୁନ (୩୨) ଗତ ଅକ୍ଟୋବର ୧୮ ତାରିଖ ସକାଳ ପ୍ରାୟ ୯ଟା ୨୦ ମିନିଟ୍ ସମୟରେ ପରିବାର ଲୋକଙ୍କ ସହ ଘରେ ତାଲା ପକାଇ ଭଦ୍ରକ ଜିଲ୍ଲା ଧାମନଗର ଯାଇଥିଲେ । ପରଦିନ ଅର୍ଥାତ୍ ଅକ୍ଟୋବର ୧୯ ତାରିଖ ଭୋର ପ୍ରାୟ ୩ଟା ୨୦ ମିନିଟ୍ ସମୟରେ ଘରକୁ ଫେରିବା ବେଳକୁ ଘରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ । ଦୁର୍ବୃତ୍ତମାନେ ଘର ଭିତରେ ପଶି ସୁନା ଓ ରୂପା ଅଳଙ୍କାର ସମେତ ନଗଦ ୪ ଲକ୍ଷ ୮୦ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ । ଏ ନେଇ ୟାସମିନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ ୭୦୭/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଜଗତପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଜିଲ୍ଲା ଫରେନସିକ୍ ଦଳର ସହାୟତାରେ ଘଟଣାସ୍ଥଳ ଯାଞ୍ଚ କରିବା ସହ କଟକରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ବିଭିନ୍ନ ରାସ୍ତାର ପ୍ରାୟ ୧୦୦ଟି ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ । ବୈଷୟିକ ଜ୍ଞାନକୌଶଳ ଓ ଡିଜିଟାଲ୍ ତଥ୍ୟ ଆଧାରରେ ପୁଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି କାବୁ କରିବାରେ ସଫଳ ହୋଇଥିଲା । ଜେରା ବେଳେ ଅଭିଯୁକ୍ତମାନେ ଚୋରି କରିଥିବା ସ୍ୱୀକାର କରିବା ସହ ଲୁଟ୍ ସାମଗ୍ରୀ ଲୁଚାଇ ରଖିଥିବା ସ୍ଥାନ ସମ୍ପର୍କରେ ସୂଚନା ଦେଇଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଯୋଗ ମହୋତ୍ସବ ସମିତି'ର ବାର୍ଷିକ ଉତ୍ସବ

ଯୋଗ କେବଳ ଏକ ବ୍ୟାୟାମ ନୁହେଁ, ବରଂ ଜୀବନର ଏକ ସଂପୂର୍ଣ୍ଣ ଦର୍ଶନ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ 'ଯୋଗ ମହୋତ୍ସବ ସମିତି, ଓଡ଼ିଶା'ର ବାର୍ଷିକ ଉତ୍ସବ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ପ୍ରତ୍ୟେକ ଜିଲ୍ଲା, ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ଯୋଗ, ପ୍ରାଣାୟାମ ଏବଂ ନିରାମୟ ଜୀବନଶୈଳୀର ପ୍ରସାର ଉପରେ ଗୁରୁତ୍ୱାରୋପ କରିବା ସହିତ ଏକ ସୁସ୍ଥ, ସଚେତନ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଜଣାଇଛନ୍ତି। ୨୦୧୬ ମସିହାରୁ କାର୍ଯ୍ୟ ଆରମ୍ଭ କରିଥିବା ଯୋଗ ମହୋତ୍ସବ ସମିତି ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ୧୫ ହଜାରରୁ ଅଧିକ ଯୋଗ ପ୍ରଶିକ୍ଷକ ସୃଷ୍ଟି କରି ଏକ ବଡ଼ ସଫଳତା ହାସଲ କରିଥିବା ବେଳେ ଆଜି ଯୋଗ ମହୋତ୍ସବ ସମିତି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ଯୋଗର ଶିକ୍ଷା ଓ ପ୍ରଚାର ପ୍ରସାରକୁ ବ୍ୟାପକ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶାରେ ଯୋଗ ଓ ଆୟୁର୍ବେଦର ପ୍ରସାର ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଜଟଣୀର ବିଂଝଗିରିଠାରେ ୨୦ ଏକର ଜମିରେ ଅତ୍ୟାଧୁନିକ ଯୋଗ ଓ ନେଚୁରୋପାଥ୍ ଅନୁଷ୍ଠାନ ପ୍ରତିଷ୍ଠା କରାଯାଉଛି। ଏହା ସହିତ ଗଜପତି, ମାଲକାନଗିରି ଓ ରାୟଗଡ଼ାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ଏହି ଅବସରରେ କହିଥିଲେ । ଆଜିର ଦ୍ରୁତ ପରିବର୍ତ୍ତନଶୀଳ ଓ ପ୍ରତିଯୋଗିତାମୂଳକ ଯୁଗରେ ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ହୃଦ୍‌ରୋଗ ଭଳି ଅଣସଂକ୍ରାମକ ରୋଗ ବୃଦ୍ଧି ପାଉଥିବା ବେଳେ ଔଷଧ କେବଳ ରୋଗର ଲକ୍ଷଣକୁ ସାମୟିକ ଭାବରେ ଦୂର କରିପାରେ, କିନ୍ତୁ ଯୋଗ ଏବଂ ପ୍ରାଣାୟାମ ରୋଗକୁ ମୂଳରୁ ନଷ୍ଟ କରି ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ତେଣୁ ରୋଗ ହେବା ପରେ ଚିକିତ୍ସା କରିବା ଅପେକ୍ଷା ରୋଗ ନ ହେବା ପାଇଁ



ଯୋଗ କରିବା ଆଜି ସମୟର ସବୁଠାରୁ ବଡ଼ ଆହ୍ୱାନ ହୋଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଓଡ଼ିଶାରେ ଯୋଗ ଓ ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବ୍ୟାପକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାଧୀନତାର ଛଅ ଦଶକ ପର୍ଯ୍ୟନ୍ତ ଭାରତୀୟ ଚିକିତ୍ସା ବିଜ୍ଞାନକୁ ଯେତିକି ଗୁରୁତ୍ୱ ଦିଆଯାଇ ନ ଥିଲ

ବାରିପଦା ସହରର ଚୋରି ଘଟଣାର ପର୍ଦ୍ଦାଫାଶ

ଜଣେ ନାବାଳକ ସହ ୫ ଗିରଫ : ନଗଦ ଟଙ୍କା, ସୁନା ଅଳଙ୍କାର ଜବତ



ବାରିପଦା, (ସବୁଯ) : ବାରିପଦା ସହରରେ ଏକ ଭଡ଼ା ଘରର ତାଲା ଭାଙ୍ଗି ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି ଘଟଣାର ପର୍ଦ୍ଦାଫାସ କରିଛି ଟାଉନ ଥାନା ପୁଲିସ । ଏହି ଘଟଣାରେ ପୁଲିସ ୫ଜଣଙ୍କୁ ଗିରଫ କରିବା ସହ ଜଣେ ନାବାଳକର ସମ୍ପୃକ୍ତି ଥିବା ଜଣାପଡ଼ିଛି । ସେମାନଙ୍କଠାରୁ ଚୋରି ହୋଇଥିବା କିଛି ସୁନା ଅଳଙ୍କାର ଓ ନଗଦ ଟଙ୍କା ଜବତ କରାଯାଇଛି ।

ସୂଚନା ଅନୁଯାୟୀ, ବାରିପଦା ସହର ୧୦ନମ୍ବର ୱାର୍ଡ ପ୍ୟାରେଡ୍ ପଡ଼ିଆ ନିକଟସ୍ଥ ଏକ ଭଡ଼ା ଘରେ କୁଞ୍ଜଲତା ସାହୁ ରହୁଥିଲେ। ଗତ ୭ ତାରିଖରେ ସେ ଘରେ ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ । ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ସମେତ ନଗଦ ୨୦ହଜାର ଟଙ୍କା ଚୋରି କରି ନେଇଥିଲେ । ଏନେଇ କୁଞ୍ଜଲତା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୭୩୯/୨୬ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ। ତଦନ୍ତ ସମୟରେ ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୁଲିସ ଚୋରିରେ ୫ରୁ ୬ଜଣ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା ।

ଏହାପରେ ଶନିବାର ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ୫ଜଣଙ୍କୁ ଧରିଥିଲା । ସେମାନଙ୍କଠାରୁ ଦୁଇଟି ସୁନା ଚେନ୍, ଦୁଇଟି କାନଫୁଲ, ଦୁଇଟି ମୁଦି, ଗୋଟିଏ ନାକଫୁଲ, ମୋବାଇଲ ଓ ଦୁଇଟି ମଟରସାଇକଲେ ଏବଂ ନଗଦ ୫ହଜାର ୧୦୦ ଟଙ୍କା ଜବତ ହୋଇଛି ।

ଗିରଫ ଅଭିଯୁକ୍ତମାନେ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ୨୪ନମ୍ବର ୱାର୍ଡ କାଳିକାପୁର ଅଞ୍ଚଳର କୁନ୍ଦନ ମୁଖୀ (୨୩), କାର୍ତ୍ତିକ ବୈଠା (୨୨), ବିଶୁ ମୁଖୀ (୧୯) ଏବଂ ଦାମଦୋରପୁର ଅଞ୍ଚଳର ଗଣେଶ ସିଂ (୨୦) । ଏହି ଘଟଣାରେ ଜଣେ ନାବାଳକ ମଧ୍ୟ ସମ୍ପୃକ୍ତ ଥିବା ପୁଲିସ ସୂଚନା ଦେଇଛି । ଅନ୍ୟପକ୍ଷରେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଏବେ ମଧ୍ୟ ଫେରାର ଅଛନ୍ତି । ସେମାନଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର ଓ ଅଧିକ ତଥ୍ୟ ସଂଗ୍ରହ ପାଇଁ ପୁଲିସ ତଦନ୍ତ ଜାରି ରଖିଛି ।

ବର୍ଦ୍ଧିତ ବସ ଭଡ଼ା ପ୍ରତ୍ୟାହାର ଦାବିରେ

ଏସୟୁସିଆଇ (କମ୍ୟୁନିଷ୍ଟ) ର ବିକ୍ଷୋଭ

ବ୍ରହ୍ମପୁର,(ସବୁଯ): ରାଜ୍ୟ ସରକାରଙ୍କ ପକ୍ଷରୁ ବସ ଭଡ଼ା ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ଏସୟୁସିଆଇ (କମ୍ୟୁନିଷ୍ଟ) ଗଞ୍ଜାମ ଜିଲ୍ଲା ସାଂଗଠନିକ କମିଟି ପକ୍ଷରୁ ସ୍ଥାନୀୟ କମାପଲ୍ଲୀ ଛକଠାରେ ଏକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସଚଳିତ ବର୍ଷ ରାଜ୍ୟରେ ସାତ ସାତ ଥର ପ୍ରଳୟଙ୍କରୀ ବନ୍ୟା ଏବଂ ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଓ ଜୀବିକା ବିପର୍ଯ୍ୟସ୍ତ ହୋଇପଡ଼ିଛି ।

ଏଭଳି ସଙ୍କଟଜନକ ପରିସ୍ଥିତି ରେ ଡାଲି ,ଚାଉଳ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ସାଧାରଣ ଜନତାଙ୍କ ଜୀବନକୁ ଦୁର୍ବିସହ କରିଦେଇଛି । ଏହା ଉପରେ ପୁଣି ବସ ଭଡ଼ା ବୃଦ୍ଧି ଜନସାଧାରଣଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ଲଦିଦେଇଛି । ଏହି ବର୍ଷ ମାତ୍ର ୬ ମାସ ମଧ୍ୟରେ ୩ ଥର ବସ ଭଡ଼ା ବୃଦ୍ଧି ହୋଇସାରିଲାଣି । ସରକାରଙ୍କ ନୂତନ ଭଡ଼ା ନିର୍ଦ୍ଧାରଣ ଅନୁଯାୟୀ, ସାଧାରଣ ବସ ଭଡ଼ା କିଲୋମିଟର ପିଛା ୯୨ ପଇସାରୁ ୧ ଟଙ୍କା ୧୮ ପଇସା, ଏକ୍ସପ୍ରେସ ବସ ଭଡ଼ା ୯୬ ପଇସାରୁ ୧ ଟଙ୍କା ୨୪ ପଇସା ଏବଂ ଏସି ଡିଲକ୍ସ ବସ ଭଡ଼ା ୧ ଟଙ୍କା ୬୩ ପଇସାରୁ ୨ ଟଙ୍କା ୯୯ ପଇସାକୁ ବୃଦ୍ଧି କରାଯାଇଛି । ସେହିପରି ସୁପର ପ୍ରିମିୟମ ବସ ଭଡ଼ା ୨ ଟଙ୍କା ୫୩ ପଇସାରୁ ୩ ଟଙ୍କା ୨୧ ପଇସାକୁ ବୃଦ୍ଧି ପାଇଛି । ଏପରିକି ଏସି ସ୍ଲିପର ବସ ପାଇଁ କିଲୋମିଟର ପିଛା ୪ ଟଙ୍କା ୬୨ ପଇସା ନୂତନ ଭଡ଼ା ଧାର୍ଯ୍ୟ କରାଯାଇଛି । ବିଜେପି ପରିଚାଳିତ ଡବଲ ଇଞ୍ଜିନ ସରକାର ବସ ମାଲିକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ବାରମ୍ବାର ଭଡ଼ା ବୃଦ୍ଧି କରିବା ଅତ୍ୟନ୍ତ ଜନବିରୋଧୀ ଓ ଅମାନବୀୟ ପଦକ୍ଷେପ ବୋଲି ଅଭିଯୋଗ କରାଯାଇଛି ।

ତେଣୁ ବର୍ଦ୍ଧିତ ବସ ଭଡ଼ାକୁ ତୁରନ୍ତ ପ୍ରତ୍ୟାହାର କରିବା ସହିତ ଜନସାଧାରଣଙ୍କ ଉପରେ ଅଯଥା ଆର୍ଥିକ ବୋଝ ଲଦିବା ବନ୍ଦ କରିବାକୁ ଦଳ ଦାବି କରିଛି । ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ସୋମନାଥ ବେହେରା, ସଭ୍ୟ ନିମାଇଁ ଚରଣ ସାହୁ, ନାରାୟଣ ସାହୁ,ପପୁନ ସାହୁ,କିସାନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ ଆଦି କର୍ମକର୍ତ୍ତା ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

ଲୋକଙ୍କୁ ଭୟଭୀତ କରୁଥିବା ତାନ୍ତ୍ରିକ ଗିରଫ

ଧରାକୋଟ ,(ସବୁଯ): ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗରେ ତାନ୍ତ୍ରିକ ଗିରଫ । ମଶାଣିରେ ତନ୍ତ୍ରମନ୍ତ୍ର କରି ମହିଳାଙ୍କ ଦେହରୁ ଭୂତ ଛଡ଼ାଉଥିବା ଦାବି କରୁଥିଲେ ତାନ୍ତ୍ରିକ । ଏପରିକି ଝାଡ଼ଫୁଙ୍କ କରିବାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ କରୁଥିଲେ ଭାଇରାଲ । ଭିଡିଓ ଦେଖି ଦୂରଦୂରାନ୍ତରୁ ବହୁ ମାନସିକ ରୋଗୀ ତାନ୍ତ୍ରିକ ପାଖକୁ ଆସୁଥିଲେ । ମାନସିକ ସମସ୍ୟାରେ ପୀଡ଼ିତ ଲୋକଙ୍କୁ ଭୂତ ଲାଗିଥିବା କହି ଝାଡ଼ଫୁଙ୍କ କରିବା ସହ ଅର୍ଥ ଆଦାୟ କରୁଥିଲେ । ନିଜ ସୋସିଆଲ ମିଡିଆରେ ଆକାଉଣ୍ଟରେ ଭିଡିଓ ଛାଡି ଫସିଗଲେ ତାନ୍ତ୍ରିକ । ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ସିଙ୍ଗିପୁର ଗାଁର କ୍ରିଷ୍ଣା କୁମାର ମୁନିଙ୍କୁ ଗିରଫ କରିଛି ଗାଙ୍ଗପୁର ପୋଲିସ । ତାଙ୍କ ନିକଟରୁ ତନ୍ତ୍ରମନ୍ତ୍ରରେ ବ୍ୟବହୃତ କିଛି ସାମଗ୍ରୀ ମଧ୍ୟ ଜବତ ହୋଇଛି ।ପ୍ରାୟ ୫ ବର୍ଷ ଧରି ଗାଁରେ ଏକ କୁଡ଼ିଆ ଘର କରି ତନ୍ତ୍ର ସାଧନା କରୁଥିଲେ ।ଯୁବତୀଙ୍କ ଝାଡ଼ଫୁଙ୍କ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗଞ୍ଜାମ ଏସ୍ପି ଘଟଣାକୁ ଗୁରୁତର ସହ ନେଇଥିଲେ । ତାଙ୍କ ନିର୍ଦ୍ଦେଶ ପରେ ଗାଙ୍ଗପୁର ପୋଲିସ ଚଢ଼ାଉ କରି ତାନ୍ତ୍ରିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା କହିଛନ୍ତି ଭଞ୍ଜନଗର ଏସ ଡ଼ି ପି ଓ । କେସ ନମ୍ବର ୧୫୫/୨୬ ପ୍ରକାରେ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି ।

ବନ୍ୟା ବିପନ୍ନଙ୍କୁ ୫୦ କିଲୋ ଚାଉଳ ଓ ୨୫ ଶହ ଟଙ୍କା ବାଣ୍ଟିଲେ ବିଧାୟକ



ବ୍ରହ୍ମପୁର, (ସବୁଯ): ଚଳିତ ବନ୍ୟାରେ ବ୍ରହ୍ମପୁର ସହରର ବିଭିନ୍ନ ଅଞ୍ଚଳରେ ଜଳପ୍ଲାବନ ଯୋଗୁଁ ଅନେକ ପରିବାର କ୍ଷତିଗ୍ରସ୍ତ ହୋଇଥିବା ବେଳେ ବିପନ୍ନ ଲୋକଙ୍କୁ ସରକାରୀ ସହାୟତା ପହଞ୍ଚାଇବା ଦିଗରେ ପଦକ୍ଷେପ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ମହାନଗର ନିଗମର ୧ ନମ୍ବର ୱାର୍ଡରେ ଚଳିତ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଓ ପ୍ରଭାବିତ ପରିବାରଙ୍କୁ ରାଜ୍ୟ ସରକାରଙ୍କ ନିୟମାବଳୀ ଅନୁଯାୟୀ ରିଲିଫ ସହାୟତା ପ୍ରଦାନ କରାଯାଇଛି ।

ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଉପସ୍ଥିତ ରହି ନିଜ ହାତରେ ବନ୍ୟା କ୍ଷତିଗ୍ରସ୍ତ ପରିବାରଙ୍କୁ ରିଲିଫ ସ୍ୱରୂପ ୫୦ କେଜି ଚାଉଳ ବଣ୍ଟନ କରିଥିଲେ । ରାଜ୍ୟ ସରକାରଙ୍କ ରିଲିଫ ନିୟମାବଳୀ ଅନୁସାରେ, ଚାଉଳ ବ୍ୟତୀତ ପ୍ରତ୍ୟେକ ଯୋଗ୍ୟ ବନ୍ୟା ପ୍ରପୀଡ଼ିତ ପରିବାରଙ୍କୁ ୨,୫୦୦ ଟଙ୍କା ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯିବ । ଏହି ଅର୍ଥରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଯିବାର ବ୍ୟବସ୍ଥା ରହିଛି । ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ବଦ୍ରି ନାରାୟଣ ନାୟକ, ଅଶୋକ ଶୁକ୍ଳ ଏବଂ ସ୍ଥାନୀୟ କର୍ପୋରେଟର ପ୍ରତିନିଧି ଜଗଦୀଶ ରାଓ ଉପସ୍ଥିତ ରହିଥିଲେ । ସେମାନେ ରିଲିଫ ବଣ୍ଟନ କାର୍ଯ୍ୟରେ ସହଯୋଗ କରିବା ସହ ଅଞ୍ଚଳର ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରିଥିଲେ । ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପରେ ପ୍ରଭାବିତ ଲୋକଙ୍କୁ ତୁରନ୍ତ ଖାଦ୍ୟଶସ୍ୟ ଓ ଆର୍ଥିକ ସହାୟତା ଯୋଗାଇଦେବା ସେମାନଙ୍କ ଜୀବନକୁ ପୁନର୍ବାର ସ୍ୱାଭାବିକ କରିବାରେ ସହାୟକ ହେବ । ଏହି ଦିଗରେ ୱାର୍ଡ ନଂ-୧ରେ ବିଧାୟକଙ୍କ ଉପସ୍ଥିତିରେ ରିଲିଫ ବଣ୍ଟନ ଓ ଆର୍ଥିକ ସହାୟତା ପାଇଁ ଆବଶ୍ୟକ ତଥ୍ୟ ସଂଗ୍ରହ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଥିଲା ।

ସାରନା ଧର୍ମ କୋଡ୍ ମାନ୍ୟତା ଦାବିରେ ସେଙ୍ଗେଲ ପକ୍ଷରୁ ସରହାୟ ପାରାବ ଜାଜଲେ ଜୁଲୁସ୍

ବାରିପଦା, (ସବୁଯ): ସାରନା ଧର୍ମ କୋଡ୍‌କୁ ସରକାରୀ ମାନଯତା ପ୍ରଦାନ ଦାବିରେ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ବାରିପଦାରେ ଜାଜଲେ ଜୁଲୁସ୍ ଆୟୋଜିତ ହୋଇଯାଇଛି । ଆଦିବାସୀଙ୍କ ପାରମ୍ପରିକ ପର୍ବ ସରହାୟ ପାରାବ ଅବସରରେ ରାଜ୍ୟ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ନିକଟରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏହି ଅବସରରେ ସେଙ୍ଗେଲ ଦିଶୋମ ପାର୍ଗାନା ସୁନାରାମ ସୋରେନ, ଝାଡ଼ଖଣ୍ଡ ପ୍ରଦେଶ ପାର୍ଗାନା ଜୁନିଅର ମୁର୍ମୁ, ଓଡ଼ିଶା ପ୍ରଦେଶ ସଭାପତି ନରେନ୍ଦ୍ର ହେମ୍ବ୍ରମ ଏବଂ ସାରନା ଧର୍ମ ମାଡଓ୍ୱାର ରାଜ୍ୟ ସଭାପତି କାଲୁରାମ ମୁର୍ମୁ ପ୍ରମୁଖ ଯୋଗଦେଇ ସରହାୟ ପାରାବର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ । ସେମାନେ କହିଥିଲେ, ସରହାୟ ପାରାବ ଆଦିବାସୀଙ୍କ ପରମ୍ପରା, ଅସ୍ମିତା ଓ ସାଂସ୍କୃତିକ ପରିଚୟର ପ୍ରତୀକ । ସାରନା ଧର୍ମାବଲମ୍ବୀମାନେ ଏହି ପର୍ବକୁ ପାଞ୍ଚ ଦିନ ଧରି ପାଳନ କରିଥାନ୍ତି । ଏଥିରେ ଗୃହପାଳିତ ପଶୁଙ୍କ ସେବା ଓ ସମ୍ମାନକୁ ବିଶେଷ ଗୁରୁତ୍ୱ ଦିଆଯାଏ ।

ସାରନା ଧର୍ମକୁ ସରକାରୀ ମାନଯତା ମିଳୁନଥିବାରୁ ଆଦିବାସୀଙ୍କ ସ୍ୱତନ୍ତ୍ର ଧାର୍ମିକ ପରିଚୟ, ପରମ୍ପରା ଓ ସଂସ୍କୃତି ପ୍ରତି ଅବହେଳା ହେଉଛି ବୋଲି ନେତୃବୃନ୍ଦ ଅଭିଯୋଗ କରିଥିଲେ । ତେଣୁ ପ୍ରକୃତି ପୂଜକ ଆଦିବାସୀଙ୍କ ସ୍ୱତନ୍ତ୍ର ପରିଚୟର ସୁରକ୍ଷା ପାଇଁ ଅବିଳମ୍ବେ ସାରନା ଧର୍ମ କୋଡ୍‌କୁ ସରକାରୀ ମାନ୍ୟତା ଦେବାକୁ ସେମାନେ ଦାବି କରିଥିଲେ ।

କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ପ୍ରଦେଶ ପାର୍ଗାନା ଜୁନିଅର ମୁର୍ମୁ, ପୂର୍ବ ସିଂହଭୂମ ମହିଳା ମୋର୍ଚ୍ଚା ସଭାପତି କାପୁରା ହେମ୍ବ୍ରମ, ବାରିପଦା ଜୋନାଲ ପାର୍ଗାନା ମାଧବ ଚନ୍ଦ୍ର ମୁର୍ମୁ, ସାରନା ଧର୍ମ ମାଡଓ୍ୱାର ବାରିପଦା ଜୋନାଲ ସଭାପତି ଚୈତନଯ ହେମ୍ବ୍ରମ, ମୟୂରଭଞ୍ଜ ଜିଲ୍ଲା ଯୁବ ସଭାପତି ଉଦୟନାଥ ହେମ୍ବ୍ରମଙ୍କ ସମେତ ବିଭିନ୍ନ ଜୋନାଲ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ । ଏଥିରେ ୮୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସାମିଲ ହୋଇଥିଲେ ।

ବିଜେପି ପକ୍ଷରୁ ଔଷଧୀୟ ଗଛ ଚାରା ବଣ୍ଟନ



ବ୍ରହ୍ମପୁର, (ସବୁଯ) : ପବିତ୍ର କାର୍ତ୍ତିକ ମାସ ଉପଲକ୍ଷେ ମହାନଗର ଅନ୍ତର୍ଗତ ୨୧ ନଂ ୱାର୍ଡ଼ ମୁକ୍ତେଶ୍ୱର ମନ୍ଦିର ସମ୍ମୁଖରେ ଶନିବାର ଦିନ ବିଜେପି ପକ୍ଷରୁ ଔଷଧୀୟ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ରାଜ୍ୟ ପ୍ରବକ୍ତା ଟି ଗୋପି, ଆସିକା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟିରେ ଥିବା ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ ଓ ମହିଳା ନେତ୍ରୀ ଏସ ରାଣୀ ପ୍ରମୁଖ ଯୋଗ ଦେଇ ଏହି ଔଷଧୀୟ ଚାରା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକ ହଜାରରୁ ଊର୍ଦ୍ଧ୍ୱ ଔଷଧୀୟ ଚାରା ବଣ୍ଟନ କରାଯାଇଥିଲା । ପବିତ୍ର କାର୍ତ୍ତିକ ମାସ ଉପଲକ୍ଷେ ସାତଶହରୁ ଊର୍ଦ୍ଧ୍ୱ ଅଁଳା ଚାରା ସମେତ ତିନିଶହରୁ ଊର୍ଦ୍ଧ୍ୱ ବିଭିନ୍ନ ଔଷଧୀୟ ଗଛର ଚାରା ବଣ୍ଟନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଦଳର ଓବିସି ମୋର୍ଚ୍ଚା ନେତା ତଥା ଆଇନଜୀବୀ ମଦନ ମୋହନ ପାତ୍ର,ଏସ ଶ୍ରୀନିବାସ, ବିନୋଦ ସିଂ, ପ୍ରଦୀପ ସାହୁ, ଧନୁ ପାଣିଗ୍ରାହୀ, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ନାରାୟଣ ସାହୁ, ଶିପ୍ରା ଶାହା, କୁନି ଦାସ, ଅଞ୍ଜନା ଶାହା, କେ ଅନୁରାଧା, ଜେ ମହାଲକ୍ଷ୍ମୀ, ଭି.ପୁଷ୍ପଲତା, ସାଳିନୀ ସୁଶିଲା ପ୍ରମୁଖଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଶିଶୁ ଦିବସରେ ବନ୍ୟା ବିପନ୍ନ ପିଲାଙ୍କ ଗହଣରେ ଗଞ୍ଜାମ ଜିଲ୍ଲାପାଳ

ଗଞ୍ଜାମ,(ସବୁଯ): ଶିଶୁଙ୍କ ମୁହଁରେ ହସ ଫୁଟାଇବା ହିଁ ଶିଶୁ ଦିବସ ପାଳନର ପ୍ରକୃତ ସାର୍ଥକତା । ଶିଶୁମାନଙ୍କ ମଧ୍ୟରେ ଶିକ୍ଷା, ସଂସ୍କାର, ସ୍ନେହ ଓ ସମାନତାର ଭାବନା ଜାଗ୍ରତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏହି ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରେ । ଏଭଳି ଏକ ପବିତ୍ର ଅବସରରେ ମାନବିକତା ଓ ସମ୍ବେଦନଶୀଳତାର ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ । ବନ୍ୟାରେ ପ୍ରଭାବିତ ଆସ୍କା ଓ ଧରାକୋଟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟକୁ ଜିଲ୍ଲାପାଳ ଅଚାନକ ଗସ୍ତ କରି ଛାତ୍ରଛାତ୍ରୀଙ୍କ ସହ କିଛି ଆନନ୍ଦମୟ ମୁହୂର୍ତ୍ତ ବିତାଇଥିଲେ । ଏହି ଅବସରରେ ପିଲାମାନଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ପ୍ରଦାନ କରିବା ସହ ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ । ବିପର୍ଯ୍ୟୟ ପରେ ମଧ୍ୟ ପିଲାମାନଙ୍କ ପାଠପଢ଼ା ଯେପରି ବାଧାପ୍ରାପ୍ତ ନହୁଏ, ସେଥିପ୍ରତି ତାଙ୍କର ଏହି ଗସ୍ତ ଏକ ସକାରାତ୍ମକ ବାର୍ତ୍ତା ଦେଇଛି । ବିଶେଷକରି ଧରାକୋଟ ବ୍ଲକର ଯାହାଡ଼ା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାପାଳଙ୍କ ନିଆରା ଆତିଥ୍ୟ ଓ ଆତ୍ମୀୟତା ସମସ୍ତଙ୍କ ମନ ଜିଣିଥିଲା । ସେ ନିଜେ ଛିଡ଼ା ହୋଇ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପରଷିଥିଲେ। ପରେ ପିଲାମାନଙ୍କ ସହ ଏକାଠି ବସି ଭୋଜନ କରିବା ସହ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ମଚାରୀଙ୍କ ସହ ଫଟୋ ଉଠାଇଥିଲେ । ଜଣେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ ହୋଇ ମଧ୍ୟ ପିଲାଙ୍କ ଗହଣରେ ଏତେ ସରଳ ଓ ଆତ୍ମୀୟ ଭାବେ ମିଶିବା ଉପସ୍ଥିତ ସମସ୍ତଙ୍କୁ ଆନନ୍ଦିତ କରିଥିଲା । ଏହି ଅବସରରେ ଧରାକୋଟ ବ୍ଲକର ନନ୍ଦିଘର ବିଦ୍ୟାଳୟ, ଯାହାଡ଼ା ଉଚ୍ଚ ବିଦ୍ୟାଳୟ, ଯାହାଡ଼ା ନୂଆସାହି ବିଦ୍ୟାଳୟ ଏବଂ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ଜିଲ୍ଲାପାଳ ପିଲାମାନଙ୍କ ସହ ସମୟ ବିତାଇଥିଲେ । ତାଙ୍କ ସହ ଉପଜିଲ୍ଲାପାଳ, ଧରାକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବ୍ଲକ ଶିକ୍ଷା ଅଧିକାରୀ, ସହକାରୀ ଶିକ୍ଷା ଅଧିକାରୀ ଓ ସହକାରୀ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।ବନ୍ୟା ଭଳି ବିପତ୍ତିରେ ଅନେକ କିଛି ହରାଇଥିବା ଶିଶୁମାନଙ୍କ ପାଇଁ ଜିଲ୍ଲାପାଳଙ୍କ ଏହି ଗସ୍ତ କେବଳ ଏକ ସରକାରୀ ପରିଦର୍ଶନ ନଥିଲା ବରଂ ଏହା ଥିଲା ସ୍ନେହ, ସହାନୁଭୂତି ଓ ଆଶ୍ୱାସନାର ଏକ ନିଆରା ପ୍ରୟାସ । ଜିଲ୍ଲାପାଳଙ୍କ ଏହି ମାନବିକ ପଦକ୍ଷେପକୁ ସାଧାରଣରେ ବେଶ ପ୍ରଶଂସା କରାଯାଉଛି । ବିପଦ ସମୟରେ ପ୍ରଶାସନ ପିଲାଙ୍କ ପାଖରେ ଛିଡ଼ା ହୋଇଛି ବୋଲି ଏହି ଦୃଶ୍ୟ ଏକ ଦୃଢ଼ ବାର୍ତ୍ତା ଦେଇଛି ।

ଧରାକୋଟ ବ୍ଲକରେ ୧୯୦୭ ହିତାଧିକାରୀଙ୍କୁ ମିଳିଲା ଭତ୍ତା

ଧରାକୋଟ,(ସବୁଯ): ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ଲକ ଅଧୀନରେ ପୂର୍ବରୁ ଆବେଦନ କରି ଭତ୍ତା ଅପେକ୍ଷାରେ ରହିଥିବା ୧୯୦୭ ଜଣ ହିତାଧିକାରୀଙ୍କ ଭତ୍ତା ମଞ୍ଜୁର ହୋଇଛି । ଏହି ଅବସରରେ ଶୁକ୍ରବାର ଧରାକୋଟ ବ୍ଲକ ପରିସରସ୍ଥିତ ସଭାଗୃହରେ ବ୍ଲକସ୍ତରୀୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ସହ ଭତ୍ତା ଆବେଦନ ପାଇଁ ନୂତନ ଓ୍ୱେବସାଇଟ୍ର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବହୁଦିନ ଧରି ଭତ୍ତା ପାଇଁ ଅପେକ୍ଷା କରିଥିବା ହିତାଧିକାରୀଙ୍କ ମଧ୍ୟରୁ ଶତାଧିକ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା । ପ୍ରତ୍ୟେକ ପଞ୍ଚାୟତରୁ ମନୋନୀତ କିଛି ହିତାଧିକାରୀଙ୍କୁ ସମ୍ମାନର ସହ ଦୁଇ ମାସର ଭତ୍ତା ପ୍ରଦାନ କରାଯାଇଥିଲା। ଅନ୍ୟ ହିତାଧିକାରୀମାନଙ୍କୁ ଆସନ୍ତା ୨୫ ତାରିଖରେ ପଞ୍ଚାୟତସ୍ତରରେ ଏକକାଳୀନ ଦୁଇ ମାସର ଭତ୍ତା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ତେବେ ଏହି କାର୍ଯ୍ୟକ୍ରମକୁ ଧରାକୋଟ ବ୍ଲକର ୧୮ଟି ପଞ୍ଚାୟତରୁ ବହୁ ହିତାଧିକାରୀ ଆସିଥିଲେ ମଧ୍ୟ ସମସ୍ତଙ୍କୁ କାର୍ଯ୍

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଲକ୍ଷ୍ୟ ଆବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ



ଅନୁଗୋଳ, (ସବ୍ୟୁ) : ଆଜି ସ୍ଥାନୀୟ ସଭାଘରଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ଗୃହ ଆବଣ୍ଟନ ଲକ୍ଷ୍ୟଧାର୍ଯ୍ୟ ଘୋଷଣା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ କରାଯାଇଥିବା ବେଳେ ଅନୁଗୋଳଠାରେ ଏହାର ଆଭାସୀ (ଭର୍ଚୁଆଲ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲକ୍ଷ୍ୟଧାର୍ଯ୍ୟ ବିଷୟରେ ଅବଗତ କରାଇବା ସହ ସରକାରଙ୍କ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ସମ୍ମାନିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର,ଅନୁଗୋଳ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅତିରିକ୍ତ ନିର୍ବାହୀ ଅଧିକାରୀ ଡ଼. ଗୌରବମୟ ପ୍ରଧାନ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱଭୂଷଣଙ୍କ ସମେତ ବିଭାଗୀୟ ଅଧିକାରୀ ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ। ସଭା କାର୍ଯ୍ୟକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ମାନସ ରଞ୍ଜନ ଭଞ୍ଜଦେଓ ପରିଚାଳନା କରିଥିଲେ।

ଜନବସତି ଅଞ୍ଚଳରେ କବାଡିଦୋକାନ, ବଢୁଛି ଜନଅସନ୍ତୋଷ

ବଇଣ୍ଡା,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅନ୍ତର୍ଗତ ୫୫ ନୟର ଜାତୀୟ ରାଜପଥ ପାର୍ଶ୍ୱସ୍ଥ କଦଳୀମୁଣ୍ଡା ଅଞ୍ଚଳରେ ଜନବସତି ନିକଟରେ ଦୀର୍ଘବର୍ଷ ଧରି ଚାଲିଥିବା ଦୁଇଟି କବାଡ଼ି ଦୋକାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ମାତ୍ର ୨୦୦ ମିଟର ବ୍ୟବଧାନରେ ଥିବା ଏହି ଦୁଇଟି କବାଡ଼ି ଦୋକାନ ଯୋଗୁଁ ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।ଏହି କବାଡ଼ି ଦୋକାନ ଦୁଇଟିକୁ ଜନବସତି ଅଞ୍ଚଳରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ପୂର୍ବରୁ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ଠୋସ ପଦକ୍ଷେପ ନିଆଯାଇନଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗ ଅନୁଯାୟୀ, କବାଡ଼ି ଦୋକାନକୁ ଆଳ କରି କେତେକ ଦୁର୍ବୃତ୍ତ ଲୋକଙ୍କ ଘରୁ ଆଜବେଷ୍ଟସ ଭାଙ୍ଗି ପୁରୁଣା ଲୁହା ସାମଗ୍ରୀ, ଆସବାବପତ୍ର ଓ ଗାଡ଼ିର ମୂଲ୍ୟବାନ ଯନ୍ତ୍ରାଂଶ ଚୋରି କରୁଥିବା ଅଭିଯୋଗ ହେଉଛି। ଏଥିସହ ଜିନ୍ଦଲ କମ୍ପାନୀକୁ ଆସୁଥିବା ସ୍ଲାପ ଏବଂ ରେଳବାଇର ମୂଲ୍ୟବାନ ସାମଗ୍ରୀ ଚୋରି ହେଉଥିବା ନେଇ ମଧ୍ୟ ଅଭିଯୋଗ ଉଠୁଛି।ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେଉଥିଲେ ମଧ୍ୟ ଚୋରି ସାମଗ୍ରୀ ଉଦ୍ଧାର ନହୋଇ ତଦନ୍ତରେ ସୀମିତ ରହିଯାଉଥିବା ଅଞ୍ଚଳବାସୀ କହିଛନ୍ତି। ଏପରିକି ରାତି ଅଧରେ କଣ୍ଟେନର ଗାଡ଼ି ଲଗାଇ ଚୋରା ସାମଗ୍ରୀ ଲୋଡିଂ କରାଯାଇ ଜିଲ୍ଲା ତଥା ରାଜ୍ୟ ବାହାରକୁ ଚାଲାଣ ହେଉଥିବା ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି।ଅନ୍ୟପକ୍ଷରେ କବାଡ଼ି ଦୋକାନ ସମ୍ମୁଖରେ ବଡ଼ ବଡ଼ ଗାଡ଼ି ପାର୍କିଂ କରି ସାମଗ୍ରୀ ଲୋଡିଂ ଓ ଅନଲୋଡିଂ କରାଯାଉଥିବାରୁ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଟ୍ରାଫିକ ସମସ୍ୟା ଉପୁଜୁଛି। ସେହିପରି ବିଭିନ୍ନ କେବୁଲ ତାର ପୋଡ଼ି ସେଥିରୁ ତମ୍ବା ବାହାର କରାଯାଉଥିବାରୁ ଅଞ୍ଚଳରେ ବାୟୁ ପ୍ରଦୂଷଣ ବଢୁଥିବା ଅଭିଯୋଗ ହୋଇଛି। ଏହି ସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଜନବସତି ନିକଟରୁ ଉକ୍ତ କବାଡ଼ି ଦୋକାନ ଦୁଇଟିକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢୁଥିବାବେଳେ ପ୍ରଶାସନ ଓ ପୋଲିସର ନୀରବତାକୁ ନେଇ ସାଧାରଣରେ ତୀବ୍ର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରେଙ୍ଗାଳି ପୋଲିସ ପକ୍ଷରୁ ଶିଶୁଦିବସ ପାଳିତ

ରେଙ୍ଗାଳି, (ସବ୍ୟୁ) : ସାରଭାରତ ର ପୁରପଲି ରେ ଆଜି ଶିଶୁଦିବସ କୁ ଧୂମ ଧାମ ରେ ପାଳନ କରାଯାଇଛି। ଏହି ପରିପେକ୍ଷୀରେ ରେଙ୍ଗାଳି ପୋଲିସ ପକ୍ଷରୁ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ହାତୀଆଦଣ୍ଡାରେ ଆଜି ଧୂମ ଧାମ ରେ ଶିଶୁ ଦିବସ କୁ ପାଳନ କରାଯାଇଛି ।ବିଦ୍ୟାଳୟ ଖୋଲିବା ପରେ ପ୍ରଥମେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ରାଙ୍କନ, ରଚନା, ବକ୍ତୃତା, ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ତାପରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ ମିଶ୍ର ଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ବକ୍ତା ଭାବେ ରେଙ୍ଗାଳି ଥାନା ଆଇଆଇସି ଚଞ୍ଚଳା ନାୟକ ଯୋଗଦେଇ ଚାଚା ନେହେରୁ ଙ୍କ ବିଷୟରେ ସମ୍ୟକ ସୂଚନା ଦେବାପରେ କୁନିକୁନି ପିଲା ମାନଙ୍କୁ ପୋଲିସ କିପରି ସେମାଙ୍କର ବନ୍ଧୁ ସେ ବିଷୟରେ ଅବଗତ କରାଇଥିଲେ। ରେଙ୍ଗାଳି ଥାନାର ଶିଶୁ ମହିଳା ସୁରକ୍ଷା ଅଧିକାରୀ ଏଏସଆଇ ରେବତୀ ସାହୁ ଛୋଟ ଛୋଟ ଝିଅ ମାନେ କିପରି ନିଜକୁ ସୁରକ୍ଷିତ ରଖିବେ ଓ ଦରକାର ହେଲେ କେଉଁ ନମ୍ବରରେ କାହାକୁ ଯୋଗାଯୋଗ କରିବେ ସେ ବିଷୟରେ ସୂଚନା ଦେଇଥିଲେ। ଏସଆଇ ଧିରେନ ଭୋଏ, ଏଏସଆଇ ଜ୍ୟୋତିମୟ ସିଂ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶେଷରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ଓ ଚକୋଲେଟ ବଣ୍ଟନ କରିଥିଲେ ।

ତାଳଚେର ଜଗନ୍ନାଥ ମନ୍ଦିର ସମ୍ମୁଖରେ ପମ୍ପ ହାଉସ ନିର୍ମାଣକୁ ବିରୋଧ

ତାଳଚେର,(ସବ୍ୟୁ) : ତାଳଚେର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଜଗନ୍ନାଥ ଟୁଠ ଠାରେ ଅନୁଗୋଳ ଓ ବନରପାଳ ବ୍ଲକ ଜଳ ଯୋଗାଣ ପାଇଁ ମେଗା ପମ୍ପ ହାଉସ ନିର୍ମାଣ ହେବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି । ଏହାକୁ ଜଗନ୍ନାଥ ପ୍ରେମୀ ତଥା ତାଳଚେର ସହର ର ଜନସାଧାରଣ ତୀବ୍ର ବିରୋଧ କରିଛନ୍ତି ।ଉକ୍ତ କାର୍ଯ୍ୟ କରୁଥିବା ସମ୍ପୃକ୍ତ ଠିକା ସଂସ୍ଥା କିଛି କୁଢି ନେତାଙ୍କୁ ପ୍ରଲୋଭନ ଦେଖାଇ ଉକ୍ତ ସ୍ଥାନରେ ପମ୍ପ ହାଉସ ନିର୍ମାଣ କରିବାକୁ ମସୁଧା ଚଲାଇ ଜୋର ଜବରଦସ୍ତ ପ୍ରଶାସନ ସହାୟତାରେ କାର୍ଯ୍ୟ କରିବାକୁ ଲାଗିଛି ।ଏହା ଜଣାପଡିବା ପରେ ସ୍ଥାନୀୟ ଜନସାଧାରଣ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଉକ୍ତ ସ୍ଥାନରେ ପମ୍ପ ହାଉସ ନ କରାଇବା ପାଇଁ ଜଣାଇଛନ୍ତି । ଗଣମାଧ୍ୟମ ସଂଯୋଜକ ପର୍ଶୁରାମ ବାରିକ ପ୍ରଶାସନର ଉକ୍ତ କାର୍ଯ୍ୟକୁ ତୀବ୍ର ବିରୋଧ କରିଛନ୍ତି । ଜଗନ୍ନାଥ ମନ୍ଦିର ତଥା ଜଗନ୍ନାଥ ଟୁଠ ରୁ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମରେ କଳସ ରେ ଜଳ ଉଠାଇ ପୂଜାର୍ଚନା କରାଯାଏ ଜଗନ୍ନାଥ ଙ୍କର ଚାପ, ବିଭିନ୍ନ ପାରମ୍ପରିକ, ଆଧାତ୍ମିକ ତଥା କାର୍ତିକ ପୁର୍ଣିମା, ଛଟ ପର୍ବ, ଏଭଳି ବର୍ଷ ତମାମ କାର୍ଯ୍ୟକ୍ରମ ଉକ୍ତ ସ୍ଥାନରେ ସମ୍ପାଦିତ ହୋଇଥାଏ । ପୁନଶ୍ଚ ଉକ୍ତ ସ୍ଥାନରେ ପ୍ରତ୍ୟହ ସହସ୍ରାଧିକ ଜନ ସମାଗମ ହୁଏ। ଉକ୍ତ ସ୍ଥାନ ରେ ଜଗନ୍ନାଥ ମନ୍ଦିର, ତାଳଚେର ଜଗନ୍ନାଥ ପାର୍କ, ଲୋକଙ୍କର ଗାଧୁଆ ଜଗନ୍ନାଥ ଟୁଠ, ତାଳଚେର ରାଜବାଟି ଆଦି ରହିଛି ।ପ୍ରତ୍ୟହ ସେଠି ସାହସ୍ରାଧିକ ଜନ ସମାଗମ ହୁଏ। ଉକ୍ତ ସ୍ଥାନର ଉର୍ନ୍ନତକରଣ କରି ବ୍ରାହ୍ମଣୀ ରେ ବୋଟିଙ୍ଗ କରିବା ର ବ୍ୟବସ୍ଥା କରିବା ପରିବର୍ତ୍ତେ ଏଠାରେ ପମ୍ପ ହାଉସନିର୍ମାଣଏକ ବିରାଟ ବଡ଼ ଷଡଯନ୍ତ୍ର ବୋଲି ଶ୍ରୀ ବାରିକ ପ୍ରକାଶ କରିଛନ୍ତି ।ଉକ୍ତ ସ୍ଥାନ ଜଗନ୍ନାଥ ମନ୍ଦିର ର ବିଭିନ୍ନ ପରମ୍ପରା ସହ ଜଡିତ ।ପୂର୍ବରୁ ସେଠାରେ ଦୁର୍ଗା ମନ୍ଦିର ଥିଲା ବୋଲି ଦେବୋତ୍ତର ମ୍ୟାନେଜର ପ୍ରକାଶ କରିଛନ୍ତି ।ସମଗ୍ର ଦେଶରେ ମନ୍ଦିର ସହ ତାର ପରିସୀମା ର ଉର୍ନ୍ନତି ରଣ ଚାଲିଥିବା ବେଳେ ବର୍ତମାନ ମନ୍ଦିର ସମ୍ମୁଖ ଟୁଠ କୁ ଉର୍ନ୍ନତକରଣ କରିବା ପରିବର୍ତ୍ତେ ପମ୍ପ ହାଉସ ନିର୍ମାଣ କାହା ସ୍ୱାର୍ଥରେ ବୋଲି ଶ୍ରୀ ବାରିକ କହିଛନ୍ତି ।ଏଠାରୁ ପମ୍ପ ହାଉସ ଅନ୍ୟତ୍ର କରିବା ସହ ଉକ୍ତ ସ୍ଥାନ ର ଉର୍ନ୍ନତି କରଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ବୁଦ୍ଦ ନାରାୟଣ ପାଣି ,ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ ଓ ଅନୁଗୋଳ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି ।

ବିଭିନ୍ନ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ

ତାଳଚେର,(ସବ୍ୟୁ) : ଆଜି ପବିତ୍ର ଶିଶୁ ଦିବସ ଅବସରରେ ଦିନଟି ଗୁରୁ ଓ ଶିଶୁମାନଙ୍କ ମହତକାଂକ୍ଷା ହୋଇଥିବାରୁ ଗୁରୁମାନଙ୍କୁ ନତମସ୍ତକ ହୋଇ ଛାତ୍ରଛାତ୍ରୀ ମାନେ ଗୁରୁଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ ।ଏହି ପରିପ୍ରେକ୍ଷୀରେ ତାଳଚେର ଅଂଚଳର ବିଭିନ୍ନ ବିଦ୍ୟାଳୟ ଗୁ ଶିଶୁଦିବସ ପାଳିତ ହୋଇଯାଇଛି । ସେହିପରି ତାଳଚେର ବ୍ଲକ କଳମଝୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅତିଥିମାନେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଜୀବନୀ ଦର୍ଶନ ଉପରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶକୁ ଅନୁସରଣ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଥାନାଧିକାରୀ ସନ୍ତୋଷ କୁମାର ସେଠୀ ବିଦ୍ୟାଳୟକୁ ଉପକରଣ ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଚକୋଲେଟ ବଂଟନ କରିଥିଲେ ।

ଢେଙ୍କାନାଳ ମେଡିକାଲରେ ପୁଣି ଅଘଟଣ,୪ ମହଲାରୁ ଡେଇଁ ରୋଗୀ ମୃତ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ମୁଖ୍ୟଚିକିତ୍ସାଳୟରେ ପୁଣି ଅଘଟଣ ଘଟି ଜଣେ ରୋଗୀର ଜୀବନ ଚାଲିଯାଇଛି। ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀ ମନ୍ଦିର ରୋଡର ମନୋଜ ଦେହୁରୀ ବାତ ଏବଂ ଉଚ୍ଚ ରକ୍ତଚାପ ପାଇଁ ଗତ ଦୁଇ ଦିନ ତଳେ ମେଡିକାଲରେ ଭର୍ତ୍ତି ହୋଇଥିଲେ। ତେବେ ଗତକାଲି ରାତିରେ ସେ ୪ମହଲା ଉପରୁ ଡେଇଁ ପଡିଥିଲେ। ରାତି ପ୍ରାୟ ଗୋଟାଏ ଏବଂ ଦୁଇଟା ମଧ୍ୟରେଏହି ଘଟଣା ଦେଖିବାକୁ ମିଳିଥିବା ବେଳେ ସୁରକ୍ଷାକର୍ମୀ ମାନେ ତାକୁ ଉଦ୍ଧାର କରି ଓପିଡିରେ ଭର୍ତ୍ତି କରିଥିବା ବେଳେ ତାରମୃତ୍ୟୁ ଘଟିଥିଲା। ତେବେ ରୋଗୀର ସମ୍ପର୍କୀୟ ତା ନିକଟରେଥିଲେକି ନାହିଁ ଏବଂ କେଉଁପରିସ୍ଥିତିରେ ସେ ବାଲକୋନିକୁ ଯାଇ ତଳକୁ ଡେଇଁପଡିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ସହିତ ସୁରକ୍ଷାକର୍ମୀ ମାନେ ଥିବା ବେଳେ ସେ କିପରି ଉପରକୁ ଗଲା ତାକୁ ନେଇ ସନ୍ଦେହ ସୃଷ୍ଟିହୋଇଛି।

କିଆକଟାରେ ରକ୍ତଦାନ ଶିବିର : ୬୧ ୟୁନିଟ ସଂଗୃହିତ



ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ କିଆକଟା ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଯୁବ ଡୁମାଳ ଆଠମଲ୍ଲିକ ତରଫରୁ ଆୟୋଜିତ ଏହି ରକ୍ତଦାନ ଶିବିର ରେ ମୋଟ ୬୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଅତିଥି ଭାବରେ କିଆକଟା ଥାନା ଆଇ ଆଇ ସି ପ୍ରଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ନାଏକ ଯୋଗ ଦେଇ ରକ୍ତଦାତାଙ୍କ ପୁଷ୍ପ ଗୁଚ୍ଛ ଦେଇ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଡ୍ରାଇଭର ସଙ୍ଘ ସଭାପତି ପ୍ରଶାନ୍ତ ମେଣ୍ଟୁଲି,କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି,ବିଜୟାନନ୍ଦ ଚାଉଳିଆ, ହିମାଂଶୁ ଚାଉଳିଆ, ମାନସ ପାତ୍ର, ଚିତ୍ତରଞ୍ଜନ କର୍ଣ୍ଣ, କିଶୋର ଛନ୍ଦ, ବସନ୍ତ ମେଣ୍ଟୁଲି ଯୋଗ ଦେଇଥିଲେ । ଆଠମଲ୍ଲିକ ରକ୍ତ ଭଣ୍ଡାର ତରଫରୁ ଡାକ୍ତର ସାଗତିକା ଗରଡ଼ିଆ ରକ୍ତଦାତା ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ନର୍ସିଙ୍ଗ ଅଫିସର ସ୍ନିଗ୍ଧାରାଣୀ ସିଂ, ରକ୍ତ ଭଣ୍ଡାର କର୍ମଚାରୀ ସୁଶାନ୍ତ କୁମାର ସାହୁ,ମୁକେଶ କୁମାର ଦେହୁରୀ, ରାକେଶ କୁମାର ଦତ୍ତଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ ।ପ୍ରାରମ୍ଭରେ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କୁ ଫଳ ବଣ୍ଟନ କରା ଯାଇଥିଲା । ।ସମସ୍ତ କାର୍ଯ୍ୟକ୍ରମକୁ ଯୁବ ଡୁମାଳ ସମାଜ ର ସଭ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ସଚେତନତା ପଦଯାତ୍ରା ଓ ମାଗଣା ସ୍ୱାସ୍ଥ୍ୟ ଶିବିର

ତାଳଚେର(ସବ୍ୟୁ) : ବିଶ୍ୱ ମଧୁମେହ ଦିବସ ଅବସରରେ ରିସର୍ଚ୍ଚ ସୋସାଇଟି ଫର୍ ଦି ଷ୍ଟଡି ଅଫ ଡାଏବେଟିସ ଇନ ଇଣ୍ଡିଆ ଓଡ଼ିଶା ଶାଖା ଆନୁକୂଲ୍ୟରେ 'କେୟାର କ୍ଲିନିକ ଆଣ୍ଡ ଡାଏଗ୍ନୋଷ୍ଟିକ' ଏବଂ 'ଡାକ୍ତର ସଞ୍ଜୟଙ୍କ ଫ୍ରେଣ୍ଡଲେସ ସେଣ୍ଟର'ର ମିଳିତ ସହଯୋଗରେ ତାଳଚେରଠାରେ ଏକ ବ୍ୟାପକ ସଚେତନତା ଅଭିଯାନ ଏବଂ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ବିଶ୍ୱସ୍ତରୀୟ ବିଷୟବସ୍ତୁ (ଥିମ) ମଧୁମେହ ଉପରେ ତ୍ୱରିତ ପଦକ୍ଷେପକୁ ଆଧାର କରି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଠିକ ସମୟରେ ରୋଗ ନିରୂପଣ, ପ୍ରତିଷେଧକମୂଳକ ଚିକିତ୍ସା ଏବଂ ଜୀବନଶୈଳୀ ପରିଚାଳନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଏକ 'ମଧୁମେହ' ପାଇଁ ପଦଯାତ୍ରା ରାଲିରୁ ହୋଇଥିଲା, ଯାହା ତାଳଚେରର ଐତିହାସିକ ଜଗନ୍ନାଥ ମନ୍ଦିରରୁ ପତାକା ଦେଖାଇ ଆରମ୍ଭ କରାଯାଇଥିଲା ଏବଂ ତାଳଚେର ଟାଉନ ସ୍ଥିତ ମଦନ ମୋହନ ଧର୍ମଶାଳାଠାରେ ଶେଷ ହୋଇଥିଲା। ମଧୁମେହର ବଢୁଥିବା ପ୍ରାଦୁର୍ଭାବ ଏବଂ ମେଟାବୋଲିକ ଜନିତ ରୋଗକୁ ରୋକିବାରେ ଶାରୀରିକ ବ୍ୟାୟାମର ଗୁରୁତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ସମାଜର ବିଭିନ୍ନ ବର୍ଗର ଲୋକ, ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ଏକାଠି ହୋଇ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରା ପରେ ମଦନ ମୋହନ ଧର୍ମଶାଳାଠାରେ ଏକ ମତବିନିମୟଭିତ୍ତିକ ରୋଗୀ ସଚେତନତା କାର୍ଯ୍ୟକ୍ରମ ଏବଂ ମାଗଣା ରୋଗ ନିରୂପଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୨୫ ଜଣ ଅଂଶଗ୍ରହଣକାରୀ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାର ଲାଭ ଉଠାଇଥିଲେ । ତାଳଚେରର ବିଶିଷ୍ଟ ମଧୁମେହ ରୋଗ ବିଶେଷଜ୍ଞ ତଥା ଓଡ଼ିଶା ଶାଖାର ବର୍ତ୍ତମାନର ଅଧକ୍ଷ ଡାକ୍ତର ସଞ୍ଜୟ ଦାଶ ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ଡାକ୍ତର ଦାଶ ଉପସ୍ଥିତ ଲୋକମାନଙ୍କୁ ବ୍ୟକ୍ତିଗତ ପରାମର୍ଶ ପ୍ରଦାନ କରିବା ସହ ମଧୁମେହ ଜନିତ ଦୀର୍ଘକାଳୀନ ଜଟିଳତାକୁ ରୋକିବା ପାଇଁ ପ୍ରାରମ୍ଭିକ ପରୀକ୍ଷା, ସନ୍ତୁଳିତ ପୋଷଣ, ନିୟମିତ ଔଷଧ ସେବନ ଏବଂ ନିୟମିତ ବ୍ୟାୟାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ।ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ପର୍ଶୁରାମ ବାରିକ ଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ମଧୁମେହ ପରିଚାଳନାକୁ ନେଇ ରହିଥିବା ସାଧାରଣ ଭ୍ରାନ୍ତ ଧାରଣାଗୁଡ଼ିକୁ ଦୂର କରିବା ପାଇଁ ଏକ ପ୍ରଶ୍ନୋତ୍ତର ଅଧିବେଶନ ସହ କାର୍ଯ୍ୟକ୍ରମଟି ଉଦଯାପିତ ହୋଇଥିଲା ।

ସେଣ୍ଟଜୋନ ସ୍କୁଲରେ ବିଜ୍ଞାନମେଳା



ତାଳଚେର,(ସବ୍ୟୁ) : ତାଳଚେର ଅଙ୍ଗାରୁଆ ଶନିବାର ସାପ୍ତାହିକ ହାଟ ନିକଟସ୍ଥ ସେଂଟଜୋନ ସ୍କୁଲରେ ଶିଶୁଦିବସ ଅବସରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ବିଜ୍ଞାନମେଳାରେ ଛାତ୍ରଛାତ୍ରୀ ବିଜ୍ଞାନଭିତିକ ବିଭିନ୍ନ ପ୍ରୋଜେକ୍ଟ କରି ଲୋକଙ୍କ ମନକୁ ଆକୃଷ୍ଟ କରିପାରିଥିଲେ। ସ୍କୁଲର ୬ଷ୍ଠଶ୍ରେଣୀ ଠାରୁ ଆରମ୍ଭ କରି

ମହାଲକ୍ଷ୍ମୀ ବେଶରେ ମା' ଭଦ୍ରକାଳୀ



ଭଦ୍ରକ ,(ସବ୍ୟୁ):ଭଦ୍ରକ ଅଧିଷ୍ଠାତ୍ରୀ ଦୀ ମା ଭଦ୍ରକାଳୀ ସପ୍ତମାତୃକା ବେଶର ଅନ୍ତିମ ଦିନ ରେ ମହାଲକ୍ଷ୍ମୀ ବେଶ ଧାରଣ କରିଛନ୍ତି ମା ଭଦ୍ରକାଳୀ। ମା ଙ୍କୁ ମହାଲକ୍ଷ୍ମୀ ବେଶରେ ଦର୍ଶନ କରିବା ପାଇଁ ମନ୍ଦିରରେ ଭକ୍ତ ମାନଙ୍କର ପ୍ରବଳ ସମାଗମ ହୋଇଥିଲା। ଭକ୍ତମାନେ ଧାଡି ବାନ୍ଧି ମା ଙ୍କୁ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ଆଶିଷ କାମନା କରିଥିଲେ। ମା ମହା ଲକ୍ଷ୍ମୀ ବେଶରେ ନାଲି ରଙ୍ଗର ପାଟ ବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର ରେ ଭୁଷିତ ହୋଇଥିଲେ। ଗଜ ଓ ପେଚା ବାହନରେ ମା ବିରାଜମାନ କରି ବାମ ହସ୍ତ ଯୁଗଳ ରେ ଶଙ୍ଖ ଓ ଗଦା ଧାରଣ କରିଥିବା ବେଳେ ଦକ୍ଷିଣ ହସ୍ତ ଯୁଗଳରେ ଚକ୍ର ଓ ପଦ୍ମ ଧାରଣ କରିଥିଲେ। ମାଙ୍କର ଏହି ଚତୁର୍ଦ୍ଧା ଅପୂର୍ବ ଅନନ୍ୟ ରୂପକୁ ଦର୍ଶନ କରିବା ନିମନ୍ତେ ଭକ୍ତ ମାନଙ୍କର ଭିଡ଼ ଅର୍ଦ୍ଧ ରାତ୍ରି ପର୍ଯ୍ୟନ୍ତ ଲଗିରହି ଥିଲା। ମହାଲକ୍ଷ୍ମୀ ରୂପ କୁ ଦର୍ଶନ କଲେ ଭକ୍ତ ଧନ ଧାନ୍ୟ, ଗୋପ ଲକ୍ଷ୍ମୀ, ଯଶ ଐ ସଔର୍ଯ୍ୟ ପ୍ରାପ୍ତ ହୋଇଥାଏ ବୋଲି ଭକ୍ତ ମାନଙ୍କର ଅତୁଟ ବିଶ୍ୱାସ ରହିଛି। ପୀଠରେ ଦେବ ଭୂମି ଭାରତ ବର୍ଷ ହିତାର୍ଥେ ଆୟୁଜିତ ହୋଇଥିବା ମହାଯଜ୍ଞର ରାତି ନୀତି , ପୂଜା ବିଧି ସମ୍ପନ୍ନ କରାଯାଇ ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୂତି ପର୍ବରେ ବହୁ ପ୍ରଶାସନିକ ଅଧିକାରୀ, ରାଜନେତା ସମାଜ ସେବୀ ମାନେ ପୀଠରେ ଉପସ୍ଥିତ ହୋଇଥିଲେ। ମନ୍ଦିର ପ୍ରଶାସନ ଓ ସେବାୟତ ମାନଙ୍କ ତରଫରୁ ପ୍ରାୟ ପନ୍ଦର ହଜାରରୁ ଉର୍ଦ୍ଧ ଭକ୍ତ ମାନଙ୍କୁ ପ୍ରସାଦ ଓ ପତ୍ରୁଡ଼ ଭୋଗ ମାଗଣା ର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ସମାରୋହ ଉପଲକ୍ଷେ ବହୁ ଧୁମଧାମରେ ରେ ସପ୍ତ ମାତୃକା ବେଶ ପାଳିତ ହୋଇଥିଲା। ।ସେବାୟତମାନଙ୍କ ମଧ୍ୟରେ ମନ୍ଦର୍ଧର ଦିକ୍ଷୀତ, ଦିପୁନ ଦିକ୍ଷୀତ, ଅନୁଗ୍ରହ ଦିକ୍ଷୀତ, ଶେଖର ମହାପାତ୍ର, କୃଷ୍ଣ ପ୍ରସାଦ ଦୀକ୍ଷିତ, ଜୀବନ ଦିକ୍ଷୀତ,ଭାଗିରଥି ଦୀକ୍ଷିତ,ମଦନ ମୋହନ ଦିକ୍ଷୀତ ପଞ୍ଚାନନ ଦିକ୍ଷୀତ, ଶରତ ପଣ୍ଡା, ଅରବିନ୍ଦ ଦିକ୍ଷୀତ, ନିକୁଞ୍ଜ ଦିକ୍ଷୀତ, ପ୍ରଶାନ୍ତ ଦିକ୍ଷୀତ, ସୁଶାନ୍ତ ପଣ୍ଡା, ପ୍ରଫୁଲ୍ଲ ସାହୁ,ବାପି ଦିକ୍ଷୀତ, ନିତ୍ୟା ନନ୍ଦ ଦୀକ୍ଷିତ, ଏବଂ ପୀଠର ସମସ୍ତ ପୂଜକ ସେବାୟତ ତଥା ଯୁବକମାନେ ପୂର୍ଣ୍ଣାହୂତି ପର୍ବରେ ବିଭିନ୍ନ ବିଭାଗରେ ନିଜ ନିଜ ଦାୟିତ୍ୱ ସମ୍ପନ୍ନ କରିଥିଲେ।

ନ୍ୟାୟ ଦାବିରେ ନରସିଂହପୁର ଗ୍ରାମବାସୀଙ୍କ ମେଳି

ଅସୁରାଳି,(ସବ୍ୟୁ):ଦୀପାବଳି ସନ୍ଧ୍ୟାରେ ଧୂଷୁରୀ ଠାରେ ବାପ ପୁଅଙ୍କୁ ଆକ୍ରମଣ କରି ଦୋକାନରୁ ବାଣ ଓ ଟଙ୍କା ଲୁଟି ନେଇଥିବା ଘଟଣା ଏବେ ଭିନ୍ନ ରୂପ ନେଇଛି। ଅଭିଯୁକ୍ତକୁ ଗିରଫ କରିବା ଓ ନ୍ୟାୟ ଦାବି କରି ଶୁକ୍ରବାର ନରସିଂହପୁର ଗ୍ରାମବାସୀ ଧୂଷୁରୀ ଥାନାରେ ମେଳି କରିଛନ୍ତି। ଧୂଷୁରୀ ବିଜ୍ଞାପିତ ଅଂଚଳଟ୍ଟିତ ବାସନ୍ତୀ ପଡ଼ିଆରେ ଦୀପାବଳୀ ଦିନ ବାଣ ବଜାରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବୁଦ୍ଧିରାମ ସାହୁ ବାଣ ଦୋକାନ କରିଥିବାବେଳେ ଓଲଟପୁର ଅଂଚଳର ଜଣେ ଯୁବକ ମାଗଣାରେ ବାଣ ନେବାକୁ ଅଡ଼ି ବସିଥିଲେ। ଦୋକାନି କିଛି ବାଣ ଦେଇଥିଲେ ମଧ୍ୟ ଏଥିରେ ସମ୍ପୃକ୍ତ ଯୁବକ ସନ୍ତୁଷ୍ଟ ହୋଇନଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହା ପରେ ସଂପୃକ୍ତ ଯୁବକ ଏବଂ ତାଙ୍କ ସହିତ କେତେକ ଯୁବକ ପହଂଚି ଦୋକାନରୁ ଜୋରକରି ବହୁ ପରିମାଣର ବାଣ ନେଇ ଫିଙ୍ଗାଫିଙ୍ଗି କରିଥିଲେ। ଦୋକାନୀ ବାପ ପୁଅଙ୍କୁ ମାଡ଼ ମାରି ଗୁରୁତର କରିବା ସହିତ ସେମାନଙ୍କ ଠାରୁ ଟଙ୍କା ଛଡ଼ାଇ ନେଇ ଯାଇଥିଲେ। ଧୂଷୁରୀ ପୁଲିସ ଘଟଣା ସ୍ଥାନରେ ପହଂଚି ଆହତ ବାପ ପୁଅଙ୍କୁ ଚିକିତ୍ସା ପାଇଁ ପଠାଇଥିଲା। ସରକାରୀ ଭାବେ ଲାଇସେନ୍ସ ଆଣି ଦୋକାନ କରିଥିବା ସ୍ଥାନୀୟ ନରସିଂପୁର ଗ୍ରାମର ସୁନନ୍ଦ ସାହୁ ଏପ୍ରକାର ଘଟଣାକୁ ନେଇ ଧୂଷୁରୀ ଥାନାରେ ଏତଲା ଦେଇଥିଲେ। ଧୂଷୁରୀ ଥାନାର କେସ ନଂ-୪୮୨/୨୬ ରୁଜୁ ହୋଇଥିଲା ଏବଂ ଅଭିଯୁକ୍ତଙ୍କ ବିରୋଧରେ କାର୍ଯଯାନୁଷ୍ଠାନ ପ୍ରତିଶ୍ରୁତି ମିଳିଥିଲା। ଏହି ଘଟଣାକୁ ଇତିମଧ୍ୟରେ ଏକ ସପ୍ତାହ ପୂରିବା ପାଇଁ ବସିଛି। କିନ୍ତୁ ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ସଫଳ ହୋଇନି। ଏହାକୁ ନେଇ ନରସିଂପୁର ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଜି ଗ୍ରାମର କେତେକ ପୁରୁଷ ଓ ମହିଳା ଅଭିଯୋଗକାରୀ ବାପ ପୁଅଙ୍କୁ ସାଙ୍ଗରେ ଧରି ଧୂଷୁରୀ ଥାନାରେ ପହଂଚିବା ସଙ୍ଗେ ସଙ୍ଗେ ପୁଲିସ ଉପରେ ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଘଟଣାକୁ ଧୂଷୁରୀ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ କହିଛନ୍ତି ଯେ ପୁଲିସ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରିବା ସହିତ ଆଇନଗତ କାଯ୍ୟାନୁଷ୍ଠାନ ନେବ।

ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଢେଙ୍କିକୋଟ,(ସବ୍ୟୁ): ଘଟଗାଁ ଥାନା ଢେଙ୍କିକୋଟ ଗ୍ରାମ ପଞ୍ଚାୟତ ନିକଟରେ ଘଟିଯାଇଛି ଶୁକ୍ରବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେର ଗୁରୁତର ହୋଇଛନ୍ତି । ମୃତ ବାଇକ ଆରୋହୀ ଜଣଙ୍କ ନିକଟବର୍ତ୍ତୀ କାଶିବେଡା ଗ୍ରାମର ମାଛ ବେପାରୀ ବସନ୍ତ ରାଉତଙ୍କ ପୁଅ ନୀତିଶ କୁମାର ରାଉତ୍ (୨୨) ବୋଲି ଜଣାପଡିଛି । ଗୁରୁତର ଆହତ ହୋଇଥିବା ବୃଦ୍ଧ ଜଣଙ୍କ ଢେଙ୍କିକୋଟ ଦଲେଇ ସାହିର ସାରଗଙ୍ଗାଧର ସାହୁ (୭୪)ବୋଲି ଜଣାପଡିଛି ।ଶୁକ୍ରବାର ସନ୍ଧ୍ୟାରେ ବୃଦ୍ଧ ଜଣଙ୍କ ଚାଲିଚାଲି ମାର୍କେଟରୁ ଘରକୁ ଯାଉଥିବା ବେଳେ ବାଇକ ଆରୋହୀ ତାଙ୍କୁ ପଛପଟରୁ ଧକ୍କା ଦେଇ ଛିଟିକି ପଡିଥିଲେ । ବାଇକ ଆରୋହୀଙ୍କ ଛାତିରେ ମାଡ ହୋଇଥିଲା । ତାଙ୍କୁ କଟକ ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଛି । ବୃଦ୍ଧ ଜଣଙ୍କ ର ଗୋଡ଼ ଭାଙ୍ଗିଥିବା ବେଳେ ମୁଣ୍ଡରେ ଆଘାତ ଲାଗିଛି । ତାଙ୍କୁ ମଧ୍ୟକଟକ ଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ କରାଯାଉଛି ।

ଦୁଇ ପଥର ବୋଝେଇ ଡମ୍ପର ଜବତ

ସୋର, (ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଚଢ଼ାଉ କରି ବାଗୁଡି ଖାଦାନରୁ ପଥର ବୋଝେଇ କରି ଯାଉଥିବା ଦୁଇଟି ଡମ୍ପରକୁ ଖଣି ବିଭାଗ ଜବତ କରିଛି। ସୂଚନା ଅନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ବାଗୁଡି ପଥର ଖାଦାନରୁ ପଥର ବୋଝେଇ କରି ଡମ୍ପର ଗୁଡିକ ଧାମରା ଯାଉଥିବା ଖବର ପାଇ ଖଣି ବିଭାଗ ପକ୍ଷରୁ ତଳନଗର ନିକଟରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଓ ୦୪ଏଫ ୫୬୮୫ ଓ ଓ ୦୪କେ ୭୧୮୫ ନମ୍ବର ବିଶିଷ୍ଟ ଦୁଇଟି ବେଆଇନ ପଥର ବୋଝେଇ ଡମ୍ପରକୁ ଜବତ କରିଥିଲେ। ଜବତ ଗାଡିକୁ ସୋର ପୁଲିସକୁ ହସ୍ତାନ୍ତର କରାଯାଇଥିବା ବେଳେ ଚଢ଼ାଉ ହେଉଥିବା ଖବର ପାଇ ୨୫ ରୁ ଅଧିକ ଗାଡି ଫେରାର ହୋଇଯାଇଥିବା ଜଣାପଡିଛି। ଏହି ଚଢ଼ାଉରେ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଓ ସମ୍ବିତ କୁମାର ମଣି ସାମିଲ ଥିଲେ।

ମଦ ସହିତ ବିଅର ଜବତ, ୩ ଗିରଫ

ଖଇରା ,(ସବ୍ୟୁ):ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଖଇରା ଅବକାରୀ ଥାନା ଅନ୍ତର୍ଗତ ବାରାପୁର ବଜାର, ସାରଡାଙ୍ଗ, କେନ୍ଦୁଭଦଳୀ ଓ ହର୍ଣ୍ଣବାବି ଗ୍ରାମରେ ଚଢ଼ାଉ କରାଯାଇ ୭୦ ଲିଟର ଦେଶୀ ମଦ, ୩.୨୪୦ ବିଦେଶୀ ମଦ ଓ ୨୩.୪୦୦ ଲିଟର ବିଅର ଜବତ କରିବା ସହିତ କେନ୍ଦୁଭଦଳୀ ଗ୍ରାମର ଅନାମ ଦାସ, ବାରାପୁର ଗ୍ରାମର ପ୍ରଶାନ୍ତ ମାଝୀ ଓ ହର୍ଣ୍ଣବାବି ଗ୍ରାମର ଜୟକୃଷ୍ଣ ବେହେରା ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛନ୍ତି । ଜବତ ହୋଇଥିବା ବିଅର ଓ ମଦ ର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ସହକାରୀ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ, ଶଶୀକାନ୍ତ ସାହୁ ପ୍ରମୁଖ ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୩ ଗୋଟି ମାମଲା ରୁଜୁ କରାଯାଇଛି ।

ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ

ଠାକୁରମୁଣ୍ଡା ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅବକାରୀ ଥାନା ପକ୍ଷରୁ ବିପୁଳ ପରିମାଣର ମହୁଲ ପୋଚ ସହିତ ମହୁଲି ମଦ ନଷ୍ଟ । ଘଟଣା ରୁ ପ୍ରକାଶ ବିଶେଷ ସୁତ୍ରରୁ ଖବର ପାଇ କରଞ୍ଜିଆ ଅବକାରୀ ଥାନା ଇନ୍ସପେକ୍ଟର ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱ ରେ ଡାଳପଦା ଗ୍ରାମ ପଞ୍ଚାୟତ ସରାସପୋଷି ଜଙ୍ଗଲ ରେ ଚଢ଼ାଉ କରି ୬୪୦୦ କି.ଗ୍ରା. ମହୁଲ ପୋଚ ସହିତ ବିକ୍ରି ପାଇଁ ରଖାଯାଇଥିବା ୨୪୦ ଲିଟର ମହୁଲି ମଦକୁ ନଷ୍ଟ କରାଯାଇଛି । ଏହି ଚଢ଼ାଉ କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀଧର ମାଝୀ,ଶୁକୁଳି ଅବକାରୀ ଥାନା ଅଧିକାରୀ,ଏଏସ ଆଇ ଲକ୍ଷ୍ମଣ ନାୟକ, କନେଷ୍ଟବଳ ଚନ୍ଦ୍ରକାନ୍ତ ମୁଦୁଲି, ସସ୍ମିତା ବେହେରା ସାମିଲ ହୋଇଥିଲେ।

ଯୋଡ଼ା ଖଣି ବିଭାଗ ଚଢ଼ଉ ୩ ଲୁହାପଥର ବୋଝେଇ ଟ୍ରକ ଜବତ

କେନ୍ଦୁଝର ,(ଜିପ୍ର): ଯୋଡ଼ା ଖଣି ବିଭାଗ ଚଢ଼ଉ କରି ୩ଟି ଚୋରା ଲୁହାପଥର ବୋଝେଇ ଟ୍ରକ ଜବତ କରିଛି। ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ବିଶରଂଜନ ସେଠୀଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ଖୁଡ଼ଖଣ୍ଡ ପର୍ ଦ୍ରୁତ ଗତିରେ ଆସୁଥିବା ଦୁଇଟି ଟ୍ରକ (ଓଡି୦୯ଜେଡ୦୦୨ ଏବଂ ଓଡି ୦୯ ଜେଡ ୮୦୦୩)କୁ ପାସ ପାଇଁ ଅଟକାଯାଇଥିଲା। ପାସ ସମୟରେ ସେମାନେ ଯେଉଁ 'ଗ୍ରାଣ୍ଡ ପାସ' ଦେଖାଇଥିଲେ, ସେଥିରେ କୋଇଡ଼ା ଖଣି କ୍ଷେତ୍ରର ଏକ ଖଣିରୁ ଯୋଡ଼ା ଖଣି ମଣ୍ଡଳର ଏକ କାରଖାନାକୁ ପରିବହନ ହେଉଥିବା ଦର୍ଶାଯାଇଥିଲା। କିନ୍ତୁ ଗାଡ଼ି ଗୁଡ଼ିକର ଗତିପଥ ଏହା ସହିତ ମେଳ ଖାଉନଥିଲା ଅର୍ଥା୍ ସେଗୁଡ଼ିକ ବିପରୀତ ଦିଗରେ ଯାଉଥିଲେ। ତେଣୁ ଗାଡ଼ି ଗୁଡ଼ିକୁ ଜବତ କରାଯାଇଥିଲା। ସେହିପରି ଅନ୍ୟ ଏକ ଘଟଣାରେ ରାତି ପ୍ରାୟ ୨ଟା ସମୟରେ ଓଡ଼ି ୧୪ ଡିମ୍ବା୦୩୫ ପଞ୍ଜୀକରଣ ନମ୍ବର ବିଶିଷ୍ଟ ଅନ୍ୟ ଏକ ଗାଡ଼ିକୁ 'ନାଳଦା' ଆଡ଼କୁ ଯାଉଥିବା ବେଳେ ଅଟକାଯାଇଥିଲା। ନିୟମ ଅନୁଯାୟୀ ଏହି ଗାଡ଼ିଟି ଚଙ୍ଗୁଆ ଦେଇ ଯିବାର କଥା ଥିଲା, କିନ୍ତୁ ଏହା ବେଆଇନ ଭାବେ ଖୁଡ଼ଖଣ୍ଡ ଆଡ଼କୁ ଯାଉଥିବା ଜଣାପଡ଼ିଲା। ତେଣୁ ଉକ୍ତ ଟ୍ରକକୁ ମଧ୍ୟ ଜବତ କରାଯାଇଥିଲା। ଏନେଇ ଖଣି ବିଭାଗ ଟ୍ରକ ମାଲିକ ଓ ଡ୍ରାଇଭର ମାନଙ୍କ ନାମରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଉଥିବା ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ବିଶରଂଜନ ସେଠୀ କହିଛନ୍ତି।

ବସନ୍ତ ମୁଦୁଲି କବିତା ପୁରସ୍କାର ପାଇବେ ଯୁବକବି ସୁବ୍ରତ ଜେନା



ବାଲେଶ୍ୱର,(ସବ୍ୟୁ): କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'କବି ବସନ୍ତ ମୁଦୁଲି କବିତା ପୁରସ୍କାର' ପାଇଁ ୨୦୨୬ ବର୍ଷ ନିମନ୍ତେ ଯୁବକବି ସୁବ୍ରତ କୁମାର ଜେନାଙ୍କ ନାମ ଘୋଷଣା କରାଯାଇଛି। ସଂସଦର ସଭାପତି ତଥା ଗାନ୍ଧିକ ପବିତ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଭଦ୍ରକ ଠାରେ ଅନୁଷ୍ଠିତ ଏକ ବୈଠକରେ ୨୦୨୬ ବର୍ଷ ପାଇଁ ପୁରସ୍କାର ବିଜେତାଙ୍କ ନାମ ଚୂଡ଼ାନ୍ତ କରାଯାଇ ଘୋଷଣା କରାଯାଇଥିଲା। ଏହି ବୈଠକରେ ଅରୁଣ ଖିଲାର, କବି କିଶୋର ପାଣିଗ୍ରାହୀ, ସୁଚିତ୍ରା ପାଣିଗ୍ରାହୀ, ଅମିତାଭ ଖିଲାର ଓ ସଂସଦର ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଉପସ୍ଥିତ ଥିଲେ। ଏଥିସହିତ ସଂସଦର ସଦସ୍ୟଦ. ରବୀନ୍ଦ୍ର ପଣ୍ଡା, ଶାନ୍ତନୁ ମହାପାତ୍ର, ବିଜୟ ଖିଲାର ମଧ୍ୟ ଯୋଗ ଦେଇଥିଲେ। ବିଚାରକମାନଙ୍କ ମତାମତ ଆଧାରରେ ଶ୍ରୀ ଜେନାଙ୍କୁ ଏହି ପୁରସ୍କାର ପାଇଁ ଯୋଗଯ ବିବେଚିତ କରାଯାଇ ନାମ ଘୋଷଣା କରାଯାଇଥିଲା।ଆସନ୍ତା ଡିସେମ୍ବର ୨୭ ତାରିଖରେ ଭଦ୍ରକସ୍ଥିତ ସଂସ୍କୃତି ଭବନ ଅପରାହ୍ନ ୪ରେ ୪୦ତମ କବି ବସନ୍ତ ମୁଦୁଲି ସ୍ମୃତି ସମାରୋହ ଆୟୋଜିତ ହେବ। ଏହି ଅବସରରେ ବିଜେତା କବି ସୁବ୍ରତ କୁମାର ଜେନାଙ୍କୁ ନଗଦ ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ଏହି ଉତ୍ସବରେ ବିଶିଷ୍ଟ କଥାକାର ତରୁଣକାନ୍ତି ମିଶ୍ର ମୁଖ୍ୟ ଅତିଥି, ବିଶିଷ୍ଟ ସମାଲୋଚକ ଓ କବି ଡ. ଭଗବାନ ଜୟସିଂହ ମୁଖ୍ୟବକ୍ତା ଏବଂ ବିଶିଷ୍ଟ ଲେଖକ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ବିଭାଗ ମୁଖ୍ୟ ଡକ୍ଟର ଦେବାଶିଷ ପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେବାକୁ ସଦୟ ସମ୍ମତି ପ୍ରଦାନ କରିଛନ୍ତି ବୋଲି ସଂସଦର ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି।ଯୁବକବି ସୁବ୍ରତ କୁମାର ଜେନା ଓଡ଼ିଆ କବିତା ଜଗତର ଜଣେ ପରିଚିତ ସ୍ୱର।

ଜିଲ୍ଲାସ୍ତରୀୟ କୋଟିଏ ହସ-ବାର୍ଷିକ ଶିଶୁ ମହୋତ୍ସବ



ବାଲେଶ୍ୱର,(ସବ୍ୟୁ): ଶିଶୁ ଦିବସ ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ସହଯୋଗରେ ଜିଲ୍ଲାସ୍ତରୀୟ କୋଟିଏ ହସ-ବାର୍ଷିକ ଶିଶୁ ମହୋତ୍ସବ ୨୦୨୬ ଶନିବାରଦିନମ୍ୟୁନିସିପାଲିଟି ପ୍ରକଳ୍ପ ଅଧିନସ୍ଥ ପଟାପୋଲ ଅଙ୍ଗନବାଡ଼ି କେନ୍ଦ୍ରର ସଭାଗୃହରେ ପାଳିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମମତା) ବାମଦେବ ପାଣିଗ୍ରାହୀ ମଞ୍ଚ ସଞ୍ଚାଳନ କରିବା ସହିତ ମହୋତ୍ସବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଶ୍ରୀମତୀ ସବିତା ସାହୁ, ଅଧକ୍ଷା ମ୍ୟୁନିସିପାଲିଟି, ଏସ୍ କେ ନାଉସାଦ୍ ଅଲ୍ଲୀ, ୱାର୍ଡ କାଉସିଲର, ପ୍ରୋଟେକ୍ସନ ଅଫିସର ଶ୍ରୀମତୀ ଯୁଥିକାରାଣୀ ରାୟ, ପ୍ରୋଗ୍ରାମ ଅଫିସର ଶ୍ରୀମତୀ ଗିରିବାଲା ମହନ୍ତ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ସହିତ ପୋଷଣ ପ୍ରଦର୍ଶନୀ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଶିଶୁ ଅଧିକାର ଓ ସୁରକ୍ଷା ସଚେତନତା କାଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ପ୍ରକଳ୍ପ ସୁପରଭାଇଜର, ପ୍ରକଳ୍ପ କର୍ମଚାରୀ, ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମକର୍ତ୍ତାଗଣ, ମହିଳା ସଶକ୍ତିକରଣ କାର୍ଯ୍ୟଳୟର କର୍ମକର୍ତ୍ତାଗଣ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ବିଭିନ୍ନ ଅଙ୍ଗନବାଡ଼ିର ଶିଶୁଗଣ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ କିଶୋରୀ ବାଳିକାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ଭାରପ୍ରାପ୍ତ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଧୁସ୍ମିତା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନୂତନ ଭତ୍ତା, ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ

ଭଦ୍ରକ,(ସବ୍ୟୁ):ଭଦ୍ରକ ପଂଚାୟତ ସମିତି ଓ ଭଦ୍ରକ ପୌରପାଳିକା ଆନୁକୂଲ୍ୟରେ 'ମଧୁବାବୁ ପେନସନ ଯୋଜନା'ଅନ୍ତର୍ଗତ ନୂତନ ଭତ୍ତା ପ୍ରଦାନର ବ୍ଲକ ଓ ପୌରପାଳିକାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭଦ୍ରକର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ସୀତାଂଶୁ ଶେଖର ମହାପାତ୍ର ହିତାଧିକାରୀମାନଙ୍କୁ ନୂତନ ଭତ୍ତା ଓ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉର୍ମିଳା ନାୟକ,ଅଧକ୍ଷା,ଭଦ୍ରକ ପଂଚାୟତ ସମିତି ,ସମ୍ମାନିତ ଅତିଥି ଭାବେ ମଳୟ କୁମାର ଜେନା,ଜିଲ୍ଲା ପରିଷଦ ସଦସ୍ୟ,ଭଦ୍ରକ ଯୋଗଦେଇ ଏହି ଯୋଜନା ଏକ ମହତ୍ତ୍ୱ ପୂର୍ଣ୍ଣ ପଦକ୍ଷେପ ବୋଲି ନିଜର ମତ ପ୍ରକାଶ କରିଥିଲେ। ଭଦ୍ରକ ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଯୋଗଦେଇ ସମାଜର ଅବହେ

ଭ୍ରମଣ କାହାଣୀ

ମଧ୍ୟପ୍ରଦେଶର ସଂସ୍କାରଧାନୀ-ଜବଲପୁର



ଡା. ଅନୀତା ପଣ୍ଡା

ଜବଲପୁର ହେଉଛି ମଧ୍ୟପ୍ରଦେଶ ରାଜ୍ୟର ଏକ ପ୍ରମୁଖ ସହର ଏବଂ ସବୁଠାରୁ ପୁରାତନ ସହର ମାନଙ୍କ ମଧ୍ୟରୁ ଗୋଟିଏ। ଏହାକୁ ମଧ୍ୟପ୍ରଦେଶର ସଂସ୍କାରଧାନୀ ଏବଂ ମହାକୌଶଳର ରାଜଧାନୀ ବୋଲି ମଧ୍ୟ କୁହାଯାଏ। ନର୍ମଦା ନଦୀ କୂଳରେ ଅବସ୍ଥିତ ଏହି ସହର ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହାସିକ ଗୁରୁତ୍ୱ ଏବଂ ସାଂସ୍କୃତିକ ଐତିହ୍ୟ ପାଇଁ ପ୍ରସିଦ୍ଧ। ଜବଲପୁର ଜିଲ୍ଲାର ପ୍ରଶାସନିକ ମୁଖ୍ୟାଳୟ ଏହି ସହର। ଏହା ଭୋପାଳ ଠାରୁ ପ୍ରାୟ ୩୦୦ କିଲୋମିଟର ପୂର୍ବରେ ଅବସ୍ଥିତ। ଏହାର ଉଚ୍ଚତା ସମୁଦ୍ର ପତ୍ତନଠାରୁ ପ୍ରାୟ ୪୧୨ ମିଟର।

ଜବଲପୁର ନାମର ଉତ୍ପତ୍ତିକୁ ନେଇ ଅନେକ କିମ୍ବଦନ୍ତୀ ଅଛି। **କୁହାଯାଏ ଯେ ପ୍ରାଚୀନ କାଳରେ ଏଠାରେ ଜାବାଳି ଋଷି ତପସ୍ୟା କରୁଥିଲେ, ତେଣୁ ଏହାର ନାମ ଜାବାଳିପୁରମ୍ ଥିଲା, ଯାହା ପରେ ଜବଲପୁର ହୋଇଗଲା। ଅନ୍ୟ ଏକ ମତ ଅନୁସାରେ, ଆରବୀ ଶବ୍ଦ ଜବଲ୍ ଅର୍ଥାତ୍ ପାହାଡ଼ରୁ ଏହାର ନାମ ଆସିଛି, କାରଣ ଚାରିପଟେ ପାହାଡ଼ ଘେରି ରହିଛି। ଜବଲପୁରର ଇତିହାସ ବହୁ ପୁରାତନ। ଏହା ତ୍ରିପୁରୀ ନଗରୀ ଭାବରେ ଜଣାଶୁଣା ଥିଲା।** ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଏଠାରେ ମୌର୍ଯ୍ୟ ସାମ୍ରାଜ୍ୟର ଶାସନ ଥିଲା। ପରେ ସାତବାହନ ଏବଂ ଗୁପ୍ତ ବଂଶ ଶାସନ କଲେ। ନବମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ କଲଚୁରୀ ବଂଶ ଏଠାରେ ରାଜ୍ୟ କଲା ଏବଂ ତ୍ରିପୁରୀକୁ ନିଜର ରାଜଧାନୀ କରିଥିଲା। ତ୍ରିପୁରୀର ଭଗ୍ନାବଶେଷ ଆଜି ମଧ୍ୟ ତେୱର ଗାଁ ନିକଟରେ ଦେଖିବାକୁ ମିଳେ।ଗୋଣ୍ଡ ଏବଂ ମରାଠା କାଳ ବିଷୟରେ ଆଲୋଚନା କରାଗଲେ ବହୁ କିଛି ବିଷୟରେ ଜଣା ପଡ଼ିଥାଏ. ଚତୁର୍ଦ୍ଦଶ ଶତାବ୍ଦୀରେ ଗୋଣ୍ଡ ରାଜା ସଂଗ୍ରାମ ସାହ ଏଠାରେ ଶାସନ କଲେ। ଗୋଣ୍ଡ ରାଣୀ ଦୁର୍ଗାବତୀ ଏହି ଅଞ୍ଚଳର ସବୁଠାରୁ ପ୍ରସିଦ୍ଧ ଶାସିକା ଥିଲେ। ସେ ମୁଗଲ ସେନା ସହ ବୀରତାର ସହ ଯୁଦ୍ଧ କରିଥିଲେ। ପରେ ଅଷ୍ଟାଦଶ ଶତାବ୍ଦୀରେ ମରାଠା ପେଶୱାମାନେ ଏହି ଅଞ୍ଚଳ ଦଖଲ କଲେ। ବ୍ରିଟିଶ କାଳ ବିଷୟରେ ମଧ୍ୟ ବହୁ ଜାଣିବାର ତଥ୍ୟ ରହିଛି। ଯେପରିକି: ୧୮୧୭ ମସିହାରେ ବ୍ରିଟିଶ ସରକାର ଜବଲପୁରକୁ ନିଜ ଅଧୀନକୁ ନେଇଗଲେ। ଏହାକୁ ସେମାନେ ଏକ ପ୍ରମୁଖ ସାମରିକ ଘାଟି ଭାବରେ ବ୍ୟବହାର କଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଜବଲପୁରର ବହୁତ ବଡ଼ ଭୂମିକା ଥିଲା। ୧୯୩୯ ମସିହାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ତ୍ରିପୁରୀରେ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଭୂଗୋଳ ଏବଂ ଜଳବାୟୁ ବିଷୟରେ ଅନୁଶୀଳନ କଲେ ଜଣାଯାଏ ଜବଲପୁର ନର୍ମଦା ନଦୀର ଉତ୍ତର କୂଳରେ ଅବସ୍ଥିତ। ଏହି ସହରର ଚାରିପଟରେ ବିନ୍ଧ୍ୟ ଏବଂ ସତପୁଡ଼ା ପର୍ବତମାଳା ଦ୍ୱାରା ଘେରି ରହିଛି। ନର୍ମଦା ନଦୀ ଏଠାରେ ମାର୍ବଲ ପଥର ମଧ୍ୟ ଦେଇ ପ୍ରବାହିତ ହୁଏ, ଯାହା ଏହାର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଦିଏ। ମାଟି ମୁଖ୍ୟତଃ କଳା ଏବଂ ଲାଲ ମିଶ୍ରିତ। ଜଳବାୟୁ ଦୃଷ୍ଟିରୁ ଜବଲପୁରରେ ଅତ୍ୟଧିକ ଗରମ ଏବଂ ଥଣ୍ଡା ଅନୁଭୂତ ହୁଏ। ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଯାଏ ଓ ଶୀତ ଋତୁରେ ୧୦ ଡିଗ୍ରୀ ତଳକୁ ଖସିଯାଏ। ବର୍ଷା ଋତୁରେ ପ୍ରାୟ ୧୩୫୦ ମିଲିଲିଟର ବର୍ଷା ହୁଏ। ବୁଲିବା ପାଇଁ ସବୁଠାରୁ ଭଲ ସମୟ ହେଉଛି ଅକ୍ଟୋବରରୁ ମାର୍ଚ୍ଚ।



ଚଉଷଠି ଯୋଗିନୀ ମନ୍ଦିର

ଜନସଂଖ୍ୟା ଏବଂ ଭାଷା ଉପରେ ଆଲୋକପାତ କଲେ ଜଣାଯାଏ , ୨୦୧୧ ଜନଗଣନା ଅନୁସାରେ ଜବଲପୁର ସହରର ଜନସଂଖ୍ୟା ପ୍ରାୟ ୧୨ ଲକ୍ଷ ଏବଂ ଜିଲ୍ଲାର ଜନସଂଖ୍ୟା ପ୍ରାୟ ୨୪ ଲକ୍ଷ। ସାକ୍ଷରତା ହାର ୮୨%ରୁ ଅଧିକ। ଏଠାରେ ହିନ୍ଦୀ ହେଉଛି ମୁଖ୍ୟ ଭାଷା। ଏହା ବ୍ୟତୀତ ବୁନ୍ଦେଲଖଣ୍ଡୀ, ମହାକୌଶଳୀ ଏବଂ ଇଂରାଜୀ ମଧ୍ୟ ବ୍ୟବହୃତ ହୋଇଥାଏ। ହିନ୍ଦୁ, ମୁସଲମାନ, ଜୈନ, ଖ୍ରୀଷ୍ଟିଆନ ଏବଂ ଶିଖ୍ ସମ୍ପ୍ରଦାୟର ଲୋକେ ମିଳିମିଶି ରହନ୍ତି। ଏଠାକାର ଲୋକେ ସଂସ୍କାରୀ ଏବଂ ଅତିଥି ସତ୍କାର ପାଇଁ ପ୍ରସିଦ୍ଧ। ତେଣୁ ଏହାକୁ ସଂସ୍କାରଧାନୀ କୁହାଯାଏ। ଅର୍ଥନୀତି ଦୃଷ୍ଟିକୋଣରୁ ଦେଖାଗଲେ ଜବଲପୁର ମଧ୍ୟପ୍ରଦେଶର ଏକ ପ୍ରମୁଖ ଶିଳ୍ପ ଏବଂ ସାମରିକ କେନ୍ଦ୍ର। ଏଠାର ସାମରିକ କାରଖାନା ବହୁ ପ୍ରସିଦ୍ଧ. ଏଠାରେ ଭାରତର ଚାରୋଟି ପ୍ରମୁଖ ଅର୍ଡନାନ୍ସ ଫ୍ୟାକ୍ଟ୍ରି ଅଛି - ଭେହିକଲ ଫ୍ୟାକ୍ଟ୍ରି (V.F.J), ଗନ୍ କ୍ୟାରେଜ୍ ଫ୍ୟାକ୍ଟ୍ରି (G.C.F), ଗ୍ରେ ଆଇରନ ଫାଉଣ୍ଡ୍ରି (G.I.F) ଏବଂ ଅର୍ଡିନାନ୍ସ ଫ୍ୟାକ୍ଟ୍ରି ଖମରିଆ (O.F.K)। ଏଠାରେ ଟ୍ୟାଙ୍କ, ତୋପ ଏବଂ ଗୋଳାବାରୁଦ ତିଆରି ହୁଏ। ସିମେଣ୍ଟ, ବିଡ଼ି, ମାର୍ବଲ ଏବଂ ପଥର ଶିଳ୍ପ ବହୁତ ପ୍ରସିଦ୍ଧ . ଏଠାରେ ଚାରିପଟେ ଗହମ, ଧାନ, ଚଣା ଏବଂ ସୋୟାବିନ ଚାଷ ହୁଏ।

ଜବଲପୁରକୁ ଏକ ପର୍ଯ୍ୟଟନ ସ୍ଥଳୀ ରୂପେ ଗଣନା କରାଯାଇଥାଏ. ଜବଲପୁରକୁ ପ୍ରକୃତି ନିଜ ହାତରେ ସଜାଇଛି। ଦର୍ଶନୀୟ ସ୍ଥାନ: ୧. ଭେଡ଼ାଘାଟ ଏବଂ ଧୂଆଁଧାର ଜଳପ୍ରପାତ: ଏହା ଜବଲପୁରର ସବୁଠାରୁ ପ୍ରସିଦ୍ଧ ସ୍ଥାନ। ସହରଠାରୁ ୨୫ କିମି ଦୂରରେ ନର୍ମଦା ନଦୀ ଦୁଇ ପାର୍ଶ୍ୱରେ ୧୦୦ ଫୁଟ ଉଚ୍ଚରେ ଧଳା ମାର୍ବଲ ପଥରର ପାହାଡ଼। ଏହା ୩ କିମି ଲମ୍ବା ଗର୍ଭ ଭିତରେ ନୌକା ବିହାର କଲେ ଏହାର ସୌନ୍ଦର୍ଯ୍ୟ ଦେଖିବା ଭଳିଲାଗେ। ଚାନ୍ଦିନୀ ରାତିରେ ଏହା ସ୍ୱର୍ଗ ପରି ଲାଗେ। ଏଠାରେ ଅନେକ ହିନ୍ଦୀ ଫିଲ୍ମର ସୁଟିଂ ହୋଇଛି। ୩. ମଦନ ମହଲ କିଲ୍ଲା: ଗୋଣ୍ଡ ରାଜା ମଦନ ଶାହ ୧୧୧୬ ମସିହାରେ ଏକ ପାହାଡ଼ ଉପରେ ଏହି କିଲ୍ଲା ନିର୍ମାଣ କରିଥିଲେ। ଏଠାରୁ ପୁରା ଜବଲପୁର ସହର ଦେଖାଯାଏ। ଏଠାରେ ରାଣୀ ଦୁର୍ଗାବତୀଙ୍କ ମହଲ ମଧ୍ୟ ଅଛି। ୪. ବାଲାଜ୍ଜିଂ ରକ୍: ମଦନ ମହଲ ନିକଟରେ ଏକ ବଡ଼ ପଥର ଆଉ ଏକ ପଥର ଉପରେ ସନ୍ତୁଳିତ ହୋଇ ରହିଛି। ଭୂମିକମ୍ପରେ ମଧ୍ୟ ଏହା ପଡେନାହିଁ। ୫. ରାଣୀ ଦୁର୍ଗାବତୀ ସଂଗ୍ରହାଳୟ: ଏଠାରେ ପୁରାତନ ମୂର୍ତ୍ତି, ଶିଳାଲେଖ ଏବଂ ପୁରାତନ କାଳର କଳାକୃତି ରଖାଯାଇଛି। ୬. ଡୁମ୍ନା ନେଚର ରିଜର୍ଭ ପାର୍କ: ୧୦୫୮ ହେକ୍ଟର ପର୍ଯ୍ୟନ୍ତ ବ୍ୟାପି ଏହି ପାର୍କ। ଏଠାରେ ହରିଣ, ବାନର, ବିଭିନ୍ନ ପକ୍ଷୀ ଦେଖିବାକୁ ମିଳନ୍ତି। ଖାଣ୍ଡାରୀ ବନ୍ଧ ମଧ୍ୟ ଏଠାରେ ଅଛି। ୭. କଚନାର ସିଟି - ଶିବ ମୂର୍ତ୍ତି: ୭୭ ଫୁଟ ଉଚ୍ଚ ଭଗବାନ ଶିବଙ୍କ ବିଶାଳ ମୂର୍ତ୍ତି, ଯାହା ଦୂରରୁ ଦେଖାଯାଏ। ୮. ପିସାନହରି କି ମଢ଼ିଆ: ଜୈନ ଧର୍ମର ଏକ ପବିତ୍ର ସ୍ଥାନ। କୁହାଯାଏ ଜଣେ ଗରିବ ମହିଳା ପିସାନ (ଅଟା) ପେଷି ଯେଉଁ ପଇସା ପାଇଲେ, ସେଥିରେ ଏହି ମନ୍ଦିର ତିଆରି କଲେ. ଏହା ବ୍ୟତୀତ ତ୍ରିପୁର ସୁନ୍ଦରୀ ମନ୍ଦିର, ଗ୍ୱାରୀଘାଟ, ବରଗୀ ଡ୍ୟାମ ମଧ୍ୟ ଦର୍ଶନୀୟ।

ଶିକ୍ଷା ଦୃଷ୍ଟିରୁ ଦେଖିବାକୁ ଗଲେ ଜବଲପୁର ଶିକ୍ଷା କ୍ଷେତ୍ରରେ ମଧ୍ୟ ଆଗରେ। ଏଠାରେ ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟ, ଜବାହରଲାଲ ନେହେରୁ କୃଷି ବିଶ୍ୱବିଦ୍ୟାଳୟ, ମଧ୍ୟପ୍ରଦେଶ ଆୟୁର୍ବେଦ ବିଶ୍ୱବିଦ୍ୟାଳୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମେଡିକାଲ କଲେଜ, ଜବଲପୁର ଇଞ୍ଜିନିୟରିଂ କଲେଜ (JEC), IIITDM ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ଅଛି। ଜବଲପୁରର ସଂସ୍କୃତିରେ ବୁନ୍ଦେଲଖଣ୍ଡ ଏବଂ ମହାକୌଶଳର ମିଶ୍ରଣ ଦେଖାଯାଏ। ଦୀପାବଳି, ହୋଲି, ଦୁର୍ଗା ପୂଜା, ନର୍ମଦା ଜୟନ୍ତୀ ବଡ଼ ଧୁମଧାମରେ ପାଳନ କରାଯାଏ। ନର୍ମଦା ଜୟନ୍ତୀରେ ଗ୍ୱାରୀଘାଟରେ ଲକ୍ଷ ଲକ୍ଷ ଦୀପ ଜଳାଯାଏ। ଖାଦ୍ୟରେ ଏଠାକାର ଲୋକେ ପୋହା-ଜଲେବୀ, ସମୋସା, କଚୋଡ଼ି, ମଟର ଚାଟ, ମକ୍କା କିସ୍, ଏବଂ ନର୍ମଦା ନଦୀର ମାଛ ବହୁତ ପସନ୍ଦ କରନ୍ତି। ଖୋୟା ଜଲେବୀ ଜବଲପୁରର ସ୍ୱତନ୍ତ୍ର ମିଠା। ଜବଲପୁରର ପରିବହନ ବିଭାଗ ମଧ୍ୟ ଉଲ୍ଲେଖନୀୟ . ରେଳ: ଜବଲପୁର ଜଙ୍କସନ ପଶ୍ଚିମ ମଧ୍ୟ ରେଳବାଇର ଏକ ପ୍ରମୁଖ ଷ୍ଟେସନ। ଏଠାରୁ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ ସବୁ ଆଡକୁ ଟ୍ରେନ ଯାଏ। ବିମାନ: ଡୁମ୍ନା ବିମାନବନ୍ଦର (JLR) ସହରଠାରୁ ୨୦ କିମି ଦୂରରେ। ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦକୁ ସିଧା ବିମାନ ସେବା ଅଛି। ରାସ୍ତା ଘାଟ ବିଷୟରେ ଦୁଇପଦ କୁହାଯାଇ ପାରେ। NH-30, NH-34 ଜବଲପୁର ଦେଇ ଯାଇଛି। ମଧ୍ୟପ୍ରଦେଶର ସବୁ ବଡ଼ ସହର ବସ ସେବା ଦ୍ୱାରା ସଂଯୁକ୍ତ ହୋଇଛି।

ନିକଟସ୍ଥ ଆକର୍ଷଣ ହେଲା ଜବଲପୁରରୁ କାନହା ଜାତୀୟ ଉଦ୍ୟାନ (୧୫୦ କିମି), ବାନ୍ଧବଗଡ଼ ଜାତୀୟ ଉଦ୍ୟାନ (୧୬୦ କିମି) ଏବଂ ଅମରକଣ୍ଟକ (୨୨୦ କିମି - ନର୍ମଦାର ଉତ୍ପତ୍ତି ସ୍ଥଳ)। ଗଠିତ ଉନ୍ନତ ସଡ଼କ ସାହାଯ୍ୟରେ ଏ ସବୁ ସ୍ଥାନ ମାନଙ୍କୁ ଯିବା ସହଜ ସାପେକ୍ଷ। ସଂକ୍ଷେପରେ କରିବାକୁ ଗଲେ, ଜବଲପୁର କେବଳ ଏକ ସହର ନୁହେଁ, ଏହା ଇତିହାସ, ପ୍ରକୃତି ଏବଂ ଆଧୁନିକତାର ଏକ ସୁନ୍ଦର ମିଶ୍ରଣ। ନର୍ମଦା ନଦୀରେ ସନ୍ଧ୍ୟା ଆରତୀ ଏବଂ ମାର୍ବଲ ପଥର ଉପରେ ନୌକା ବିହାର ଦର୍ଶକମାନଙ୍କୁ ଖୁବ ଆକର୍ଷିତ କରିଥାଏ।

ସଭାନେତ୍ରୀ,ଦିଲ୍ଲୀ ଉତ୍କଳ ଅସ୍ମିତା ଫାଉଣ୍ଡେସନ
ନୂଆଦିଲ୍ଲୀ,ମୋ. ୯୮୧୮ ୯୮୬୩୦୩

ବନ୍ଧୁର ପରିଭାଷା



ରାକେଶ ପଣ୍ଡା

ସମଗ୍ର ଜୀବନକାଳ ମଧ୍ୟରେ ଜଣେ ମଣିଷ ନିଜ ବ୍ୟକ୍ତିଗତ, ସାମାଜିକ ତଥା ବୃତ୍ତି କ୍ଷେତ୍ରରେ ଅନେକ ବ୍ୟକ୍ତିବିଶେଷଙ୍କ ସଂସ୍ପର୍ଶରେ ଆସିଥାଏ। ତେବେ ସେ ଯେତେ ବୁଦ୍ଧିମାନ,ସତର୍କ କିମ୍ବା ଚତୁର ହେଲେ ମଧ୍ୟ, କୁସଙ୍ଗ ତାର ଜୀବନ ଏବଂ ସାମାଜିକ ପରିଧିକୁ ଘେରିରହିବା ସ୍ୱାଭାବିକ ବିଷୟ ଅଟେ। ଅପରପକ୍ଷରେ, ଜଳ ପରି ସ୍ୱଭାବ ରଖୁଥିବା ମଣିଷର ମନ ସର୍ବଦା ନିମ୍ନ ଏବଂ ଖରାପ ଚିନ୍ତାଧାରା ଓ କାର୍ଯ୍ୟ ଆଡକୁ ଆକର୍ଷିତ ତଥା ଟାଣି ହୋଇଯିବା ନିମନ୍ତେ ସଦା ତତ୍ପର ରହିଥାଏ ଏବଂ ଅତି ସହଜରେ ସେ ଉକ୍ତ କୁସଙ୍ଗ ସହ ନିଜକୁ ସାମିଲ କରିନିଏ।

କିନ୍ତୁ, ବେଳେବେଳେ ତାର ଜୀବନରେ ଗୋଟିଏ ସ୍ୱତନ୍ତ୍ର ବ୍ୟକ୍ତି ଅବା ଚରିତ୍ରଙ୍କର ପ୍ରବେଶ ହୋଇଥାଏ ଏବଂ ସମ୍ପର୍କର ଉକ୍ତ ଭିଡ଼ ମଧ୍ୟରେ ତାଙ୍କର ଚେହେରା ଓ ବ୍ୟକ୍ତିତ୍ୱ ବାରି ହୋଇପଡେ। ଯେମିତି, ରାତ୍ର ସମୟରେ ଆକାଶରେ ଅନେକ ତାରା ଥାଏ, କିନ୍ତୁ ଗୋଟିଏ ଚନ୍ଦ୍ର ବିନା ରାତିର ସେ ନିସ୍ତବ୍ଧ ସମୟ ଅସମ୍ପୂର୍ଣ୍ଣ, ଅସହାୟ ଓ ଏକୁଟିଆ ଅନୁଭବ ହୁଏ। ସେହିପରି, ଜଣେ ବ୍ୟକ୍ତିର ବିଚାର ତଥା ସମଗ୍ର ଜୀବନକୁ ଗୋଟିଏ ଠିକ୍ ଦିଗ ଦେବା ନିମନ୍ତେ ଭଲ ଓ ନିଃସ୍ୱାର୍ଥପର ମିତ୍ରଜଣେର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ। ଯିଏକି' ତାର ଜୀବନରେ, ଚନ୍ଦ୍ର ପରି ବିନା ସ୍ୱାର୍ଥ ଓ ସର୍ତ୍ତରେ ଶୀତଳ ଆଲୋକ ରୂପକ ସୁଜ୍ଞାନ, ମାର୍ଗ ଓ ସମାଧାନ ପ୍ରଦାନ କରିଥାଏ।

ଦ୍ୱାପର ଯୁଗରେ, ଶ୍ରୀକୃଷ୍ଣ ଓ ସୁଦାମାଙ୍କର ବନ୍ଧୁତା ଅନନ୍ୟ ଓ ସ୍ୱତନ୍ତ୍ର ଅଟେ। ସୁଦାମା ତ୍ରିକାଳଦର୍ଶୀ ଥିଲେ। ଦିନେ ତାଙ୍କୁ ଜଣେ ବ୍ୟକ୍ତି କିଛି ଖୁଦଭଜା ଆଣି ଦେଲେ। ନିଜର ଅଲୌକିକ ଶକ୍ତି ବଳରେ ସେ ଜାଣିବାକୁ ପାଇଲେ ଯେ, ଉକ୍ତ ଖୁଦଭଜା ଶ୍ରାପିତ ଅଟେ ଏବଂ ତାକୁ ଯିଏ ଭକ୍ଷଣ କରିବ, ସେ ଅତି ଗରିବ ହୋଇଯିବ। ଶ୍ରୀକୃଷ୍ଣ ଖୁଦଭଜା ଖାଇବାକୁ ଭାରି ଭଲପାଆନ୍ତି। ତେଣୁ ସୁଦାମାଙ୍କ ହାତରେ ଖୁଦାଭଜା ଦେଖି ସେ ଦଉଡି ଆସିଲେ। ତାହା ଦେଖି ସୁଦାମା ଉକ୍ତ ଖୁଦ ଭଜା ସବୁକୁ ସଙ୍ଗେ ସଙ୍ଗେ ନିଜେ ଭକ୍ଷଣ କରିନେଲେ। ଫଳସ୍ୱରୂପ, ପରବର୍ତ୍ତୀ ମୁହୂର୍ତ୍ତରେ ଦାରିଦ୍ର୍ୟତାର ସହ ସଂପୂର୍ଣ୍ଣ ଜୀବନ ନିର୍ବାହ କରିଥିଲେ। ଶାସ୍ତ୍ର କହେ-

ଉତ୍ସବେ ବ୍ୟସନେ ଚୈବ ଦୁର୍ଭିକ୍ଷେ ଶତ୍ରୁସଂକଟେ।

ରାଜଦ୍ୱାରେ ଶ୍ମଶାନେ ଚ ଯସ୍ତିଷ୍ଠତି ସ ବାନ୍ଧବଃ।

ତେବେ, ଚନ୍ଦ୍ର ରୂପକ ଉତ୍ତମ ଚରିତ୍ର, ବିଚାର ଏବଂ ନିଃସ୍ୱାର୍ଥପର ଚିନ୍ତାଧାରାସମ୍ପନ୍ନ ବନ୍ଧୁଟିଏ ସହ ଯୋଗାଯୋଗ ଓ ସମ୍ପର୍କ ସ୍ଥାପନ ଦ୍ୱାରା ସଦାଚାର, ଧର୍ମଭାବନା, କର୍ତ୍ତବ୍ୟନିଷ୍ଠା ଏବଂ ସଦ୍‌ଭାବନା ଆଦି ଗୁଣ ଗୁଡିକର ଉଦୟ ହୋଇଥାଏ, ଯାହାଦ୍ୱାରା, ହୃଦୟ ଏବଂ ଅର୍ନ୍ତଆତ୍ମା ନିର୍ମଳ ଓ ପବିତ୍ର ହୋଇ, ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକଶିତ ହେବାସହ ଠିକ୍ ପରାମର୍ଶ, ସକାରାତ୍ମକ ପ୍ରେରଣା ଏବଂ ତା'ର ବିଚାରଧାରାକୁ ଠିକ୍ ମାର୍ଗ ପ୍ରାପ୍ତ ହୁଏ- ଯାହା ମାଧ୍ୟମରେ, ଜଣେ ବ୍ୟକ୍ତି ସୁଖଦ, ସନ୍ତୁଷ୍ଟ ଏବଂ ଶାନ୍ତ ଜୀବନଟିଏ ଅତିବାହିତ ନିମନ୍ତେ ସମର୍ଥ ହୁଏ। ଏଣୁ, ପ୍ରତ୍ୟକ ବ୍ୟକ୍ତି ଜୀବନର ଚଲାବାଟରେ ଚନ୍ଦ୍ର ପରି ଜଣେ ବନ୍ଧୁଙ୍କୁ ବାଛିବା ଏବଂ ତାଙ୍କ ସହ ସଂପୂର୍ଣ୍ଣ ଜୀବନ ଯୋଡିହୋଇ ରହିବା ନିମନ୍ତେ ନିଜର ଶ୍ରେଷ୍ଠ ଅବଦାନ ଦେବା ଜରୁରୀ ଅଟେ।

ବନ୍ଦାଳୋ, ଟାଙ୍ଗୀ,
କଟକ- ୭୫୪୦୨୨
ମୋ: ୯୩୩୭୮୯୭୬୫୦

ଏ ସପ୍ତାହର ବିଶେଷ **କବିତା**

ସମୟ ପ୍ରତି...



ଇଂ ସୁଶାନ୍ତ କିଶୋର ବଳ

ହେ ମହିୟସୀ କ୍ଷିପ୍ରା ଚଂଚଳା ସମୟ!
ତମେ କେବେ ନବ୍ୟ
କେବେ ପୁଣି ଭବ୍ୟ
କେବେ ପୁଣି ସଭ୍ୟ.
କେବେ ସାମୁଦ୍ରିକ ଜୁଆର
ଅବୟବ ତୁମ ଉତ୍ତାଳ,
ଜଗାଇଥାଅ ଶଂକା, ପ୍ରମାଦ
ନେଇଥାଅ ଉର୍ବୀକୁ ରସାତଳ.

କେବେ ଭରିଦିଅ ଆହ୍ଲାଦ
ମାନବଗଣ ତୃପ୍ତ, ପରିତୃପ୍ତ
ମନେ ଆଣିଦିଅ ଉଲ୍ଲାସ,
କ୍ଲିଷ୍ଟତା ହରି ଆଣ ହରଷ
ଜୀବନ ଲାଗଇ ମହମହ,
ମୂହୁର୍ତ ହୁଅଇ ମଧୂମୟ .
ବଂଚିବାକୁ ଦିଅ ପ୍ରେରଣା,
ଯେସନ ଲାଗଇ ଉଷ୍ମ ଝରଣା.

ବେଳେବେଳେ ଲାଗ ନିର୍ଦ୍ଦୟ,
ଚେହେରା ତୁମର କ୍ଲିଷ୍ଟ, କର୍କଶ.
ଶୁଭେନାହିଁ କି ତୁମକୁ କ୍ଷୁଧିତର
ଆର୍ତନାଦ?
ପର୍ଣକୂଟୀର ତଳେ ସେ ଅନ୍ନବିନା
ଆଉଟୁ ପାଉଟୁ ଛଟପଟ.
ନାରୀର ସାତସିଂଆ ଶାଢୀରେ
ଲୁଚେନାହିଁ
ଶରୀର ଲଜ୍ୟା, ଅସ୍ମିତା,
ସମ୍ଭ୍ରମତା ତା' ଲୋଟେ ରାଜରାସ୍ତେ,
ସବୁ ଥିଲାବାଲାଂକ ସେ ମାଇପ.
ପୁତ୍ର ପଡିଥାଏ ଜ୍ୱର ଜଂପରେ
ସାରାରାତ୍ରି ମାତା ଦିଏ ପାଣିପଟି
ଅର୍ଥାଭାବେ ଦୂରେଥାଏ ମହୌଷଧି

କନ୍ୟା ବିଭାଘର ହୁଏ ବହୁକଷ୍ଟେ
ଦାଣ୍ଡେ କଦଳୀପୁଆ ପାତୋ.
କଇଁଫୁଲେ ସଜା ମଣ୍ଡପ ଅଳିଂଦ
ଯୋଡି ମହୁରୀର ନଥାଏ ଭାଗ୍ୟେ.

ଇଂ ସୁଶାନ୍ତ କିଶୋର ବଳ

ବରପିତା ଖୋଜେ ମାଟୋଧନ
ସ୍ୱର୍ଣାଳଂକାର ନଦେଇ ପାରି
କନ୍ୟାପକ୍ଷ ପିଟନ୍ତି ମଥା.
ବର ଫେରିଯାଏ ହାତଗଂଠି ନ ପଡୁଣୁ
ଶାଶୁ ହାରିଥାଏ ରଜ୍ଜୁରେ ଜୀବନ.
କବାଟକଣରେ ମଥାକୁ ଲୁଚାଇ
କନ୍ୟା କାଂଦୁଥାଏ ନୀରବେ.

କିଛି ଦୂରେ ଫଂଚତାରକାରେ
ହୁଏ ଧନୀକର ଜାକଜମକେ ବିଭା.
ଆଲୋକ, ଆତସବାଜିରେ ମହଲ
ଜମିଥାଏ, ଗରୀବଂକ କଥା ଭଲା
ପଚାରେ କିଏ ପୁରୁଣା ସାଇକେଲକୁ
ସଫାସଫି କରି
ଦେଇଥାନ୍ତି କନ୍ୟାକୁ ଯଉତୁକ.

ବେଳ ଉଇଁଲେ ତମସା ଢାଂକିଲେ,
ସହରତଳିର ଫିଟେ ଚମକ,
ଲମ୍ବାଲମ୍ବା ଗାଡି ଫେପାଂକରି
ଛୁଟିଥାନ୍ତି ସେହି ବଦନାମ ଗଳି
ଫିତାଖଟିଆରେ ବସି କଳକଳ
ଶବଦେ ଫିଟିଥାଏ ମଦଘଡି.
'ଦେହ'କୁ ବୋଲାଯାଏ ଡାକ.
ଯିଏ ଦେଇଥାଏ ସର୍ବୋଚ୍ଚ ମୂଲ୍ୟ
ତାହାର ହୁଏ ଜିତାପଟ.
ଚଂଦ୍ର ଢଳିଗଲେ ନିସ୍ତବ୍ଧ ହୋଇଲେ,
ଡାକ ଯେବେ ଦିଏ କୁୟାଟୁଆ।
ଆସର ଭାଂଗଇ, ଗରିବ ଫେରଇ,
ଛୁପାଇ କରି ନିଜ ମୁହଁ.
ରାତ୍ରି ଅର୍ଜନର କରି ସହାସ୍ୟେ
ଦର୍ଶନ, ମାଡିଦିଏ ଅଣ୍ଟା ସଂଧିରେ.
ସକାଳ ହାଇଲେ ବାଳରବି
ଉଇଁଉଠେ ସବୁପୁଣି ଠିକଠାକ୍
ଶୁଭେ ରିକ୍ସାବାଲାର ଶବ୍ଦ ଠନଠନ୍।

ଏସବୁତ ଅଟେ ବଡ ସହରର
ସବୁଦିନିଆ କଥା,
ନାହିଁ ନୂତନତ୍ୱ କିଛି ଏଥେ .

ଆରେ ହେ ସମୟ !
ତମେ ବଳବାନ,
ତମେ ଶକ୍ତିବାନ,
କରହେ କିଛି
ଯାହାଅଛି ତୁମ ଶକତି, ସାମର୍ଥ୍ୟ।.

କଟକ, ଫୋନ- ୯୩୩୭ ୯୧୦୪୨୧



ସାହିତ୍ୟ ପୃଷ୍ଠା ପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ।

(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ୍ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ।)

samayaeditorial2021@gmail.com

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସମସ୍ତଙ୍କ...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋଦୀଙ୍କ ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଯୋଗୁଁ ଗତ ୧୨ ବର୍ଷରେ ଦେଶର ପ୍ରାୟ ୫୦ କୋଟି ଲୋକ ଉତ୍କଟ ଦାରିଦ୍ର୍ୟରୁ ବାହାରି ପାରିଛନ୍ତି ବୋଲି ବିଶ୍ୱବ୍ୟାଙ୍କ ତଥ୍ୟ ପ୍ରଦାନ କରିଛି । ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନ ଲକ୍ଷ୍ୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନଜୀଙ୍କ ନେତୃତ୍ୱରେ କୃଷି ଓ ଗ୍ରାମୀଣ ବିକାଶ କ୍ଷେତ୍ର ଦ୍ରୁତ ଗତିରେ ଆଗେଇ ଚାଲିଛି ।

ଆଜି ପ୍ରଥମ ପର୍ଯ୍ୟାୟରେ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ପାଇଁ ନୂତନ ଆବାସ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ୨୦୨୫ ଜାନୁଆରୀରୁ ମେ' ମଧ୍ୟରେ ହୋଇଥିବା 'ଆୱାସ୍ ପ୍ଲସ୍ ୨୦୨୪' ସର୍ଭେ ସମ୍ପର୍କରେ ସୂଚନା ଦେଇଥିଲେ ।

ସେ କହିଥିଲେ ଯେ କେନ୍ଦ୍ର ସରକାର ୪ ଲକ୍ଷ ଘର ପୂର୍ବରୁ ମଞ୍ଜୁର କରିଥିବା ବେଳେ ବର୍ତ୍ତମାନ ଆଉ ଏକ ଲକ୍ଷ ଘର ମଞ୍ଜୁର କରିଥିବା ଯୋଗୁ ଏହି ଯୋଜନାରେ ରାଜ୍ୟର ୫ ଲକ୍ଷ ଘର ମଞ୍ଜୁର ହୋଇଛି । ମୁଖ୍ୟମନ୍ତ୍ରୀ ଆଉ ଏକ ଲକ୍ଷ ଘର ପାଇଁ ଅନୁରୋଧ କରିଥିଲେ ।

ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଆବାସ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟମହା ଅଭିଯାନ ଅଧୀନରେ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ ପରିବାରଙ୍କ ପାଇଁ ମଞ୍ଜୁର ହୋଇଥିବା ୪୧ ହଜାର ୭୫ଟି ଘର ମଧ୍ୟରୁ ୩୫ ହଜାର ୬୩୫ଟି ଘର ସମ୍ପୂର୍ଣ୍ଣ ହୋଇଛି । ସେହିପରି ୨୦୨୫ ମାର୍ଚ୍ଚ ୩୦ ତାରିଖରେ ଆରମ୍ଭ ହୋଇଥିବା ରାଜ୍ୟର ନିଜସ୍ୱ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ଦିବ୍ୟାଙ୍ଗ ମୁଖ୍ୟ ରୋଜଗାରକାରୀ ଥିବା ପରିବାର, ଅସହାୟ ଓ ବିଧବା ମହିଳାଙ୍କ ପରିବାରକୁ ସାମିଲ କରାଯାଇଛି । ଏଥିରେ ମଞ୍ଜୁର ୨ ଲକ୍ଷ ୨୫ ହଜାର ଘର ମଧ୍ୟରୁ ୧ ଲକ୍ଷ ୪୭ ହଜାର ଘର ନିର୍ମାଣ ଶେଷ ହୋଇଛି । ଅଧିକ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଏହି ଯୋଜନାର ଅବଧିକୁ ଆଉ ୨ ବର୍ଷ ବୃଦ୍ଧି କରାଯାଇ ୨୦୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ, ଯାହାଦ୍ୱାରା ୨ ଲକ୍ଷ ୯୧ ହଜାର ୬୬୬ ନୂଆ ଘର ନିର୍ମାଣ କରାଯାଇପାରିବ । ଏହା ବ୍ୟତୀତ ୫ ମାସ ମଧ୍ୟରେ ଘର ଶେଷ କଲେ ୩୫ ହଜାର ଟଙ୍କା ଓ ୬ ମାସ ମଧ୍ୟରେ ଶେଷ କଲେ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି, ଯାହାଦ୍ୱାରା ଏପର୍ଯ୍ୟନ୍ତ ୧୧ ଲକ୍ଷ ୩୫ ହଜାର ହିତାଧିକାରୀ ଉପକୃତ ହୋଇଛନ୍ତି ।

କେନ୍ଦ୍ର କୃଷି ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଥିଲେ ଯେ, ସେ ଅତିଥି ନୁହଁନ୍ତି ବରଂ ମନ୍ତ୍ରୀ ରୂପରେ ଜଣେ ସେବକ ଭାବେ ଆସିଛନ୍ତି । ପାରମ୍ପରିକ କୃଷି ସହ ଆଧୁନିକ ଜ୍ଞାନ କୌଶଳକୁ ଆପଣାଇବାକୁ ପଡ଼ିବ ଏବଂ ଆଗାମୀ ଦିନରେ ବଲାଙ୍ଗୀରର ନୂତନ କୃଷି ବିଶ୍ୱବିଦ୍ୟାଳୟ ଦେଶର ଅନ୍ୟତମ ଶ୍ରେଷ୍ଠ ବିଶ୍ୱ ବିଦ୍ୟାଳୟ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ସରଳ ଓ ନିଷ୍ପଟ ବ୍ୟକ୍ତି, ଯାହାଙ୍କ ସହ ମିଶି ବିନା କୌଣସି ତ୍ରୁଟିରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ପହଞ୍ଚାଯିବ ବୋଲି ସେ କହିଥିଲେ । ହେଲିକପ୍ଟରରୁ ବଲାଙ୍ଗୀର ଘର ଛାତ ଉପରେ ସୋଲାର ପ୍ୟାନେଲ୍ ଦେଖି ସେ ଖୁସି ବ୍ୟକ୍ତ କରିବା ସହ ରାଜ୍ୟରେ ୨୯ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଓଡ଼ିଶାର ପ୍ରତି ଗାଁକୁ ପକ୍କା ସଡ଼କ ଦ୍ୱାରା ଯୋଡ଼ାଯିବ । ପୂର୍ବରୁ ୪ ଲକ୍ଷ ଘର ମଞ୍ଜୁର ହୋଇଥିବା ବେଳେ ଆଜି ଅଧିକ ୧ ଲକ୍ଷ ଘର ମଞ୍ଜୁର କରାଯାଉଛି ଏବଂ ଭବିଷ୍ୟତରେ ଆହୁରି ଅଧିକ ଘର ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଘୋଷଣା କରିଥିଲେ ।

କେନ୍ଦ୍ରମନ୍ତ୍ରୀ ଘୋଷଣା କରିଥିଲେ ଯେ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଯେଉଁ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଛନ୍ତି, ଓଡ଼ିଶାରେ ତାହା ବଲାଙ୍ଗୀର ମାଟିରୁ ତାହା ଆରମ୍ଭ କରାଯିବ ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କୃଷି ପର୍ଯ୍ୟଟନ ଏବଂ ଉନ୍ନତ ବିଦ୍ୟୁତ୍ ଉତ୍ପାଦନ ପାଇଁ କୃଷି କ୍ଷେତ୍ରରେ ଆଗ୍ରୋ ପ୍ୟାନେଲ୍ ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହିତ 'ପିଏମ୍ ସୂର୍ଯ୍ୟଘର ଯୋଜନା'କୁ ଯୋଡ଼ାଯିବ ଏବଂ ଘରର ଛାତ ଉପରେ ସୋଲାର ପ୍ୟାନେଲ୍ ସ୍ଥାପନ ସୁନିଶ୍ଚିତ କରାଯିବ ।

ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଯେ, ଘର କାହା ପାଇଁ ଏକ ସ୍ୱପ୍ନ ତ କାହା ପାଇଁ ଏକ ପରିଚୟ ଓ ଠିକଣା, ଏବଂ ଏକ ପରିବାର ପାଇଁ ଏହା ସୁରକ୍ଷା କବଚ; ତେଣୁ ପ୍ରତ୍ୟେକ ସାମାଜିକ ପ୍ରାଣୀ ପାଇଁ ଘର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଘର ନିର୍ମାଣ ଶେଷ କରୁଥିବା ହିତାଧିକାରୀମାନଙ୍କୁ ଆମ ସରକାର ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି । ଯେକୌଣସି ମୂଲ୍ୟରେ ସମସ୍ତଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ଧ୍ୟାନ ଦେଉଛନ୍ତି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଘର କେବଳ ଏକ ବାସସ୍ଥାନ ନୁହେଁ, ଏହା ଜଣେ ମହିଳାଙ୍କ ପାଇଁ ସମ୍ମାନ ଏବଂ ଏକ ପରିବାର ପାଇଁ ସୁରକ୍ଷାର ପ୍ରତୀକ । ଆମ ସରକାର କେବଳ ଘର ଯୋଗାଇ ଦେଉନାହାନ୍ତି, ବରଂ ପ୍ରତ୍ୟେକ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଏବଂ ସଡ଼କ ସଂଯୋଗୀକରଣର ସୁବିଧା ମଧ୍ୟ ସୁନିଶ୍ଚିତ କରୁଛନ୍ତି ।

ସୂଚନାଯୋଗ୍ୟ ଯେ, ମା' ପାଟଣେଶ୍ୱରୀଙ୍କ ପୀଠରେ ଆୟୋଜିତ ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରାୟ ୯୧୧ କୋଟି ଟଙ୍କାର ୨୪୮ଟି ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି, ଯେଉଁଥିରେ ପ୍ରାୟ ୧୭୬ କୋଟି ଟଙ୍କାର ୧୬୦ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ୭୩୫ କୋଟି ଟଙ୍କା ମୂଲ୍ୟର ୮୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅନ୍ତର୍ଭୁକ୍ତ । ସ୍ୱାସ୍ଥ୍ୟ ଭିତ୍ତିଭୂମି, ଜଳଯୋଗାଣ, ଜଳସେଚନ ପ୍ରକଳ୍ପ, ଅଙ୍ଗନବାଡ଼ି କେନ୍ଦ୍ର, ଅତିରିକ୍ତ ଶ୍ରେଣୀଗୃହ, ସଡ଼କ ଉନ୍ନତିକରଣ ଓ ହଷ୍ଟେଲ୍ ଆଦି ଏହି ପ୍ରକଳ୍ପଗୁଡ଼ିକ ବଲାଙ୍ଗୀରର ବିକାଶ ଯାତ୍ରାରେ ନୂଆ ଫର୍ଦ୍ଦ ଯୋଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସାଂସଦ ସଂଗୀତା ସିଂହଦେଓ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍, ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିସନର ତଥା ଶାସନ ସଚିବ ରୂପା ମିଶ୍ର ଏବଂ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇଶଲ୍ୱର ପ୍ରମୁଖ ଉପସ୍ଥିତ ଥିଲେ ।

ଶେଷ...

ଜବାବରେ ଭାରତ ୫୦ ଓଭରରେ ୯ ୱିକେଟ୍ ହରାଇ ୩୩୯ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା । ୪୨ ଓଭର ସୁଦ୍ଧା ଭାରତ ୮ ୱିକେଟ୍ ହରାଇ ୨୫୨ ରନ୍ କରିଥିଲା । ଟାର୍ଗେଟ ୩୩୮ ଥିବାରୁ ଭାରତ ନିଶ୍ଚିତ ପରାଜୟ ଆଡେ ମୁହାଁଉଛି ବୋଲି ସମସ୍ତେ ଭାବି ନେଇଥିଲେ । କିନ୍ତୁ ମନଲ ଚୌହାନ ଓ ମୋହିତଙ୍କ ଯୋଡି ସ୍ଥିତି ବଦଳାଇ ଦେଇଥିଲେ । ଉଭୟ ବଡ଼ ସଟ ଖେଳି ଭାରତକୁ ବିଜୟଟ୍ରାକକୁ ଫେରାଇ ଦେଇଥିଲେ । ମନଲ ୩୨ ବଲରୁ ୪୭ ରନ କରି ଆଉଟ୍ ହେବା ପରେ ସମସ୍ୟା ବଢ଼ିଥିଲା । କିନ୍ତୁ ମୋହିତ ହାର ମାନି ନଥିଲେ । ତାଙ୍କୁ ଚଳିତ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ମ୍ୟାଚ ଖେଳୁଥିବା ଭେଙ୍କଟା ଉଚିତ ସହଯୋଗ କରିଥିଲେ । ଶେଷ ମୋହିତ ଚୌକା ମାରି ଜିତାଇଥିଲେ । ମୋହିତ ୨୬ ବଲରୁ ୪୯ ରନ କରିଥିଲେ । ଭେଙ୍କଟା ମଧ୍ୟ ୮ ବଲରୁ ୧୧ ରନ କରିଥିଲେ ।

ଓମାନ କ୍ରିକେଟ୍ ଗ୍ରାଉଣ୍ଡରେ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଉସମାନ ଖାନଙ୍କ ୧୦୭, ଅବଦୁଲ କାଦିରଙ୍କ ୮୦, ଅଧିନାୟକ ଫରହାନ ୟୁଶୁଫଙ୍କ ୬୩ ରନ ବଳରେ ୫୦ ଓଭରରେ ୯ ୱିକେଟ୍ ହରାଇ ୩୩୭ ରନ୍ କରିଥିଲା । ଜବାବରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୩୩୯ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା ।

୩୩୮ ରନର ବିଜୟଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଭାରତ ପାଇଁ ଆର୍ଯ୍ୟବୀର ସେହ୍ୱାଗ ଓ ଅଧିନାୟକ ଲକ୍ଷ୍ୟ ରାଇଚନ୍ଦାନୀ ଧୀମା ଆରମ୍ଭ କରିଥିଲେ । କିନ୍ତୁ ପ୍ରଥମ ୱିକେଟ୍ ପାଇଁ ୧୭ ଓଭରରେ ୯୫ ରନ ଯୋଡି ଥିଲେ । ଆର୍ଯ୍ୟବୀର ୬୧ ବଲରେ ୫୮ ବଲ କରି ନିକାବ ସଫିକଙ୍କ ବଲରେ ଆଉଟ୍ ହୋଇଥିଲେ । ଭିକେ ବିନାତ କିଛି ସଟ ଖେଳିଥିଲେ ହେଁ କେବଳ ୨୪ ରନ କରିଥିଲେ । ଅର୍ଜୁନ ରାଜପୁତ କେବଳ ୧୬ ରନ କରିଥିଲେ । ଯଶବର୍ଦ୍ଧନ ଚୌହାନ ୯ ରନ୍ କରି ପାଭିଲିୟନ ଫେରିଥିଲେ । ଦ୍ରାବିଡଙ୍କ ପୁଅ ଅନ୍ୱୟ ପଡ଼ିଆକୁ ଆସିଥିଲେ । ଲକ୍ଷ୍ୟ ୧୦୧ ବଲରେ ୮୦ ରନ କରି ପାଭିଲିୟନ୍ ଫେରିଥିଲେ । ଅନ୍ୱୟ ମଧ୍ୟ ୧୨ ବଲରେ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ । ମନଲ ଚୌହାନ ଓ ଆର୍ଯ୍ୟନ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ ମଧ୍ୟ ଦଳ ବିଜୟ ଆଶା କମ ଥିଲା । ଭାରତ ୨୫୨ ରନ ମଧ୍ୟରେ ୮ ୱିକେଟ୍ ହରାଇ ସାରିଥିଲା । ଶେଷ ୪୨ ବଲରେ ୭ ୯ରନର ଆବଶ୍ୟକତା ଥିଲା । ମ୍ୟାଚର ୪୪ତମ ଓଭରରେ ମନଲ ଓ ମୋହିତ ୧୯ ରନ ଆଦାୟ କରିଥିଲେ । ୬ ଓଭରରେ ୬୦ ରନର ଆବଶ୍ୟକତା ଥିଲା । ୪୫ତମ ଓଭରରେ ପୁଣି ୧୩ରନ ସଂଗ୍ରହ ହୋଇଥିଲା । ୪୬ତମ ଓଭରରେ ମଧ୍ୟ ୧୩ ରନ ଆସିବାରୁ ଶେଷ ୪ ଓଭରରେ ବିଜୟ ପାଇଁ ୩୪ ରନର ଆବଶ୍ୟକତା ଥିଲା । ୪୭ ଓଭରରେ ମାତ୍ର ୪ ରନ୍ ଆସିବାରୁ ରୋମାଞ୍ଚ ବଢ଼ିଯାଇଥିଲା । ଶେଷ ଦୁଇ ଓଭରରେ ୨୫ ରନର ଆବଶ୍ୟକତା ଥିବା ବେଳେ ଷ୍ଟ୍ରାଇକରେ ରହିଥିଲେ ମୋହିତ । ସେ ପ୍ରଥମ ବଲରେ ଚୌଲେ, ଦ୍ୱିତୀୟ ବଲରେ ଛକା ଓ ତୃତୀୟ ବଲରେ ୧ ରନ ନେଇଥିଲେ । ପରବର୍ତ୍ତୀ ବଲରେ ଭେଙ୍କଟା ୪ ରନ୍ ସଂଗ୍ରହ କରିଥିଲେ । ପଞ୍ଚମ ବଲରେ ସିଙ୍ଗଲ ହେବାରୁ ମୋହିତ ପୁଣି ଷ୍ଟ୍ରାଇକକୁ ଆସିଥିଲେ । ଶେଷ ବଲରେ ମୋହିତ ୧ ରନ କରିବାରୁ ୬ ବଲରୁ ୮ ରନର ଆବଶ୍ୟକତା ଥିଲା । ଅହମ୍ମଦ ହୁସେନଙ୍କ ଓଭରର ପ୍ରଥମ ବଲ ଡଟ୍ ଥିଲା । ଦ୍ୱିତୀୟ ବଲ ହ୍ୱାଇଡ ସହ ସିଙ୍ଗଲ ନେଇଥିଲେ ମୋହିତ । ଦ୍ୱିତୀୟ ବଲରେ ଭେଙ୍କଟା ସିଙ୍ଗଲ ନେବାରୁ ମୋହିତ ଷ୍ଟ୍ରାଇକକୁ ଆସିଥିଲା । ଚତୁର୍ଥ ବଲରେ ସିଙ୍ଗଲ୍ ଓ ପଞ୍ଚମ ବଲରେ ୧ ରନ ହୋଇଥିଲା । ତେଣୁ ଶେଷ ବଲରେ ଜିତିବା ପାଇଁ ୩ ରନର ଆବଶ୍ୟକତା ଥିଲା । ମୋହିତ ଚୌକା ମାରି ଭାରତକୁ ଅପ୍ରତ୍ୟାସିତ ବିଜୟ ଭେଟି ଦେଇଥିଲେ ।

ସ୍ପଷ୍ଟ...

ତାରିଖରୁ ବର୍ଷା ହେବାର ଆଶଙ୍କାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ଯୋଲୋ ୱାର୍ଣ୍ଣି ଜାରି କରାଯାଇଛି । ଗଜପତି, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ଘଡଘଡି ଓ ବିଜୁଳି ସହ ୪୦ ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଆସନ୍ତା ୨୦ ତାରିଖ ସକାଳ ଯାଏ ଗଜପତି , ଗଞ୍ଜାମ, ପୁରୀ ଜିଲ୍ଲାରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣି ଦିଆଯାଇଛି । ଏହି ସମୟ ମଧ୍ୟରେ ପବନର ବେଗ ୫୦ ରୁ ୬୦ କିଲୋମିଟର ହୋଇପାରେ । ସେହିଭଳି ପ୍ରବଳ ବର୍ଷା ନେଇ କେନ୍ଦ୍ରାପଡା, ଜଗତସିଂହପୁର, କଟକ, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲା ଲାଗି ପ୍ରବଳ ବର୍ଷା ନେଇ ଯୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୧ ତାରିଖ ସକାଳ ଯାଏ ଜଗତସିଂହପୁର, କଟକ, କନ୍ଧମାଳ, ଗତପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ସତର୍କ କରାଇଦିଆଯାଇଛି । ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ନେଇ ଯୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧୭ ଓ ୧୮ ତାରିଖ ମତ୍ସ୍ୟଜୀବିଙ୍କୁ ଦକ୍ଷିଣ ଓଡିଶା ଉପକୂଳ ଓ ଏହାର ଆଖପାଖ ସମୁଦ୍ର ମଧ୍ୟକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି ।

ଏକାଠି...

ସେ କହିଛନ୍ତି । ଏହା ସହ ଇରାନ୍ ପ୍ରସଙ୍ଗ ମଧ୍ୟ ଆଲୋଚନା ହୋଇପାରେ । ତେବେ ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗ ଏହି ବୈଠକରେ ସ୍ଥାନ ପାଇବ ନାହିଁ ବୋଲି ଜଣାପଡ଼ିଛି । ମସ୍କୋ ଓ ବେଜିଂ ପକ୍ଷରୁ ଏପର୍ଯ୍ୟନ୍ତ ଏହି ବୈଠକ ନେଇ କୌଣସି ଆଧିକାରିକ ମନ୍ତବ୍ୟ ଆସିନାହିଁ ।

ଆମେରିକାର ଜଣେ ବରିଷ୍ଠ ଅଧିକାରୀଙ୍କ ଅନୁସାରେ, ଏହି ଆଲୋଚନାରୁ କୌଣସି ରୁକ୍ତିନାମା ହେବାର ଆଶା ନାହିଁ । ଟ୍ରମ୍ପ ବୁଧବାର ବିଳମ୍ବିତ ରାତିରେ ସେନ୍‌ଜେନ୍‌ରେ ପହଞ୍ଚିବେ । ୨୧ଟି ସଦସ୍ୟ ରାଷ୍ଟ୍ରକୁ ନେଇ ଆୟୋଜିତ ଏହି ଦୁଇଦିନିଆ ଶିଖର ସମ୍ମିଳନୀରେ ସେ ଯୋଗଦେବେ । ଗୁରୁବାର ଟ୍ରମ୍ପ ଓ ଜିନ୍‌ପିଙ୍ଗଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ହେବ । ୨୦୨୫ରେ ଟ୍ରମ୍ପ ପୁନର୍ବାର ରାଷ୍ଟ୍ରପତି ହେବା ପରେ ଏହା ଉଭୟ ନେତାଙ୍କ ଚତୁର୍ଥ ସାକ୍ଷାତ୍ ହେବ ।

ୱେଲ୍ସଙ୍କ କହିବା ଅନୁଯାୟୀ, ଟ୍ରମ୍ପଙ୍କ ଚୀନ୍ ଗସ୍ତ ଶେଷରେ ଆମେରିକା, ଚୀନ୍ ଓ ରୁଷିଆର ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଏହି ତ୍ରିପାକ୍ଷିକ ବୈଠକ ହେବ । ଏହା ପୂର୍ବରୁ ମଙ୍ଗଳବାର ଫିଲିପାଇନ୍ସରେ ଆସିଆନ୍ ଶିଖର ସମ୍ମିଳନୀରେ ଟ୍ରମ୍ପ ଯୋଗଦେବେ । ତାଙ୍କର ଏହି ଗସ୍ତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆମେରିକାର ସ୍ୱାର୍ଥକୁ ଆଗକୁ ବଢ଼ାଇବା ସହ ଦେଶ ପାଇଁ ଐତିହାସିକ ସଫଳତା ଆଣିବ ବୋଲି ହ୍ୱାଇଟ୍ ହାଉସ୍ ଆଶା ପ୍ରକାଶ କରିଛି ।

ଆମେରିକା ଓ ରୁଷିଆ ମଧ୍ୟରେ ଥିବା ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ରୁକ୍ତି ଫେବୃଆରୀରେ ଶେଷ ହୋଇଛି । ଏହା ଫଳରେ ବିଶ୍ୱର ଦୁଇଟି ସର୍ବବୃହତ୍ ପରମାଣୁ ଅସ୍ତ୍ରଭଣ୍ଡାର ଉପରେ ଥିବା ପ୍ରମୁଖ ନିୟନ୍ତ୍ରଣ ହଟିଯାଇଛି । ଶୀତଳ ଯୁଦ୍ଧର ଅବସାନରେ ସହାୟକ ହୋଇଥିବା ଅସ୍ତ୍ର ନିୟନ୍ତ୍ରଣ ସହଯୋଗର ଏହା ଏକ ପ୍ରମୁଖ ଅନ୍ତ ଭାବେ ଦେଖାଯାଉଛି ।

ଜାତିସଂଘ ଉଭୟ ଦେଶକୁ ବିଳମ୍ବ ନକରି ଏକ ନୂତନ ଢାଞ୍ଚା ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଛି । ତେବେ ଟ୍ରମ୍ପ କହିଛନ୍ତି, ଚୀନ୍‌କୁ ସାମିଲ କରି ଏହାଠାରୁ ଅଧିକ ଉନ୍ନତ ରୁକ୍ତି କରାଯାଇପାରିବ । ଚୀନ୍ ନିଜର ପରମାଣୁ ଅସ୍ତ୍ରଭଣ୍ଡାରକୁ କ୍ରମାଗତ ଭାବେ ବୃଦ୍ଧି କରୁଥିବାରୁ ଏହାକୁ ନେଇ ଆଲୋଚନା ଜଟିଳ ହୋଇପାରେ । ପୂର୍ବତନ ଆମେରିକୀୟ ଅଧିକାରୀ ଓ ବିଶ୍ଳେଷକମାନେ ମତ ଦେଇଛନ୍ତି ଯେ, ବେଜିଂ ଓ ମସ୍କୋର ସହଯୋଗ ହାସଲ କରିବାରେ ଅନେକ ବାଧା ଆସିପାରେ ଏବଂ ଏଥିପାଇଁ ବର୍ଷ ବର୍ଷ ସମୟ ଲାଗିପାରେ । ଚଳିତ ବର୍ଷ ଆରମ୍ଭରେ ଜିନ୍‌ପିଙ୍ଗ ବେଜିଂରେ ଅଳ୍ପ କିଛି ଦିନର ବ୍ୟବଧାନରେ ପୁଟିନ୍ ଓ ଟ୍ରମ୍ପଙ୍କୁ ପୃଥକ୍ ଭାବେ ଆତିଥ୍ୟ ଦେଇଥିଲେ । ସେପ୍ଟେମ୍ବରରେ ଟ୍ରମ୍ପ ମଧ୍ୟ ଚୀନ୍ ରାଷ୍ଟ୍ରପତିଙ୍କୁ ୱାଶିଂଟନ୍‌ରେ ସ୍ୱାଗତ କରିଥିଲେ ।

୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆର ବ୍ୟାପକ ଆକ୍ରମଣ ପରଠାରୁ ଚୀନ୍ ମସ୍କୋର ଏକ ପ୍ରମୁଖ ବାଣିଜ୍ୟିକ ସହଯୋଗୀ ହୋଇପାରିଛି । ପଶ୍ଚିମ

କୁନି ହାତରେ ବଡ଼ ସ୍ୱପ୍ନ, ପ୍ରକଳ୍ପରେ ପ୍ରତିଭାର ସ୍ପନ୍ଦନ

ଡିଏଭି ୟୁନିଟ୍-୮ରେ ବାର୍ଷିକ ପ୍ରକଳ୍ପ ପ୍ରଦର୍ଶନୀ 'ଅନ୍ୱେଷଣମ୍'

ଭୁବନେଶ୍ୱର, (ସବୁ୍ୟ): ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭାର ଉନ୍ମୋଚନ ଓ ଅସୀମ ସମ୍ଭାବନାର ଅନୁସନ୍ଧାନ ଲକ୍ଷ୍ୟ ନେଇ ଡିଏଭି ପବ୍ଲିକ୍ ସ୍କୁଲ ୟୁନିଟ୍-୮ ପରିସରରେ ବାର୍ଷିକ ପ୍ରକଳ୍ପ ପ୍ରଦର୍ଶନୀ 'ଅନ୍ୱେଷଣମ୍' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇ.ଆଇ.ଟି ଭୁବନେଶ୍ୱର କମ୍ପ୍ୟୁଟର ବିଜ୍ଞାନ ଓ ଇଞ୍ଜିନିୟରିଙ୍ଗ ବିଭାଗର ମୁଖ୍ୟ ଡ. ଦେବୀ ପ୍ରସାଦ ଡୋଗ୍ରା ଯୋଗ ଦେଇ ପ୍ରକଳ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ନିଜ ଜୀବନରେ ଦେଖିଥିବା ସ୍ୱପ୍ନକୁ ସାକାର କରିବା ନିମନ୍ତେ ଅଦ୍ୟମ ଇଚ୍ଛାଶକ୍ତି, ନିଷ୍ଠା ଓ ଅକ୍ଲାନ୍ତ ପରିଶ୍ରମ ସହିତ ନିରନ୍ତର ପ୍ରୟାସରତ ହେବା ଆବଶ୍ୟକ ବୋଲି ସେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରାୟ ୭୦୦ଜଣ ଛାତ୍ରଛାତ୍ରୀ ସକ୍ରିୟ



ଅଂଶଗ୍ରହଣ କରି ଶିକ୍ଷାର ବହୁମୁଖୀ ଉଦ୍ଦେଶ୍ୟ ନେଇ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, କମ୍ପ୍ୟୁଟର, ବାଣିଜ୍ୟ, ଚିତ୍ରାଙ୍କନ, ଫଟୋଗ୍ରାଫି, କୌଶଳ ସଙ୍ଗମ ଉପରେ ଆଧାରିତ ପ୍ରାୟ ୩୭୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୁଖ୍ୟତଃ ସୌରଶକ୍ତି ପ୍ରୟୋଗ, ସ୍ମାର୍ଟ ସିଟି, ବର୍ଜ୍ୟବସ୍ତୁ ପରିଚାଳନା, ପ୍ରଦୂଷଣ ନିୟନ୍ତ୍ରଣ, ସବୁଜ ଶକ୍ତି ବ୍ୟବହାର, ଆଲୋକଚିତ୍ରଣ, କୌଶଳ ବୋଧ ଆଦି ବିଷୟ ଉପରେ ପ୍ରଦର୍ଶନୀରେ ଗୁରୁତ୍ୱ ଆରୋପ କରାଯାଇଥିଲା। ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟର ଆସର ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ପ୍ରଦର୍ଶନୀ ଶେଷରେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଚୟନ ହୋଇଥିବା ଶ୍ରେଷ୍ଠ ପ୍ରକଳ୍ପ ପ୍ରସ୍ତୁତକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନଙ୍କ ମଧ୍ୟରେ ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ଼. କେ.ସି. ଶତପଥୀ, ପୋଖରୀପୁଟ ଡିଏଭିର ଅଧ୍ୟକ୍ଷ ବିପିନ କୁମାର ସାହୁ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନେ ପ୍ରକଳ୍ପଗୁଡ଼ିକୁ ଅବଲୋକନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଈପ୍ସିତା ଦାସ ଏହି ବାର୍ଷିକ ପ୍ରକଳ୍ପ ପ୍ରଦର୍ଶନୀ ପିଲାମାନଙ୍କର ମଧ୍ୟରେ ଗବେଷଣାମନସ୍କତା ଓ ଆତ୍ମବିଶ୍ୱାସ ବିକାଶରେ ସହାୟକ ହେବ ବୋଲି ମତବ୍ୟକ୍ତ କରିବା ସହିତ ସଭିଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।

ଶିଶୁ ଦିବସରେ ଶିଶୁ ମେଳା ଅନୁଷ୍ଠିତ

ଜଟଣୀ, (ସବୁ୍ୟ): ସ୍ଥାନୀୟ "ମା'ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରପଦା ଠାରେ ଶିଶୁ ଦିବସ ଅବସରରେ ଏକ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଅଛି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ପ୍ରଚେଷ୍ଟାରେ ଏକ "ଶିଶୁ ମେଳା "ଅନୁଷ୍ଠିତ ହୋଇଥିଲା । ଏହି ମେଳରେ ବିଦ୍ୟାଳୟର ଛୋଟ ଛୋଟ ଶିଶୁମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତ ଶିଳ୍ପ, ପିଲାଙ୍କ ଖେଳନା, ସୁଷମ ଖାଦ୍ୟର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧାରୋଡ଼ ମଣ୍ଡଳର ପର୍ସନାଲ ବିଭାଗର ଓଏସ ସବିତା ବେହେରା ଯୋଗ ଦେଇ ଆୟୋଜିତ ମେଳକୁ ଅନୁଷ୍ଠାନିକ ରୂପେ ଦୀପ ପ୍ରଜ୍ୱଳିତ କରି ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ଚାଚା ନେହେରୁଙ୍କ ଜୀବନୀ ଉପରେ ସମ୍ୟକ ଅଭିଭାଷଣ ରଖିଥିଲେ । ବିଦ୍ୟାଳୟର ଗୁରୁମା ସଜନୀ ମହାପାତ୍ର, ସ୍ୱପ୍ନପ୍ରଭା ଦାସ, ସସ୍ମିତା ବେହେରା, ମାଳତୀ ବେହେରା, ଚିନ୍ମୟୀ ପାଇକରାୟ, ସନ୍ତୋଷିନୀ ବରାଳ, ଗୁରୁଜୀ ସୁନିଲ ସେଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପେ ସମ୍ପାଦନ କରିଥିଲେ।

ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଏବଂ ସେଣ୍ଟ ଜାଭିୟର ହାଇସ୍କୁଲ ପକ୍ଷରୁ ବିଜ୍ଞାନମେଳା

ଭୁବନେଶ୍ୱର (ସବୁ୍ୟ): ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଏବଂ ସେଣ୍ଟ ଜାଭିୟର ହାଇସ୍କୁଲ, ତାଳବଣିଆ, ଶିଶୁପାଳଗଡର ମିଳିତ ଆନୁକୂଲ୍ୟରେ ଶିଶୁ ଦିବସ ପାଳନ ଅବସରରେ ଏକ ବିଶାଳ ବିଜ୍ଞାନ ମେଳା ପ୍ରଦର୍ଶନୀ, ହସ୍ତଶିଳ୍ପ ପ୍ରଦର୍ଶନୀ, ଭାଷା ପ୍ରକଳ୍ପ ଏବଂ ଫାନ୍ସି ଡ୍ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି । ଏହି





ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ଦେବୀପ୍ରସାଦ କର କହିଲେ, ଆଜି ଓଡିଶାରେ ବିଶ୍ୱ ସ୍ତରୀୟ ଶିକ୍ଷା ବ୍ୟବସ୍ଥା ଉପଲବ୍ଧ । ଛାତ୍ରଛାତ୍ରୀମାନେ ଏହାର ସୁଯୋଗ ନେଇ ବିଶ୍ୱର ଅନେକ ଅନୁଷ୍ଠାନମାନଙ୍କରେ ସେମାନେ ଆଜି କାର୍ଯ୍ୟରତ । ତୁମେମାନେ କଠିନ ପରିଶ୍ରମ ଓ ଏକାଗ୍ରତାର ସହ ପାଠ ପଢ଼ାରେ ମନୋନିବେଶ କଲେ ମଧ୍ୟ ସେହି ସ୍ଥାନରେ ପହଞ୍ଚି ପାରିବ । ସମ୍ମାନିତ ଅତିଥି ଭାବେ ପ୍ରକାଶ ଦାସ ଯୋଗ ଦେଇଥିଲେ। ସମ୍ପାଦକ ଶୁଭଦେବ ତାରେଣିଆ ସ୍ୱାଗତ ଭାଷଣ ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଅଧ୍ୟକ୍ଷା ସୁଚେତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ଶିଶୁଦିବସ ଅବସରରେ ୮୦୦ ଛାତ୍ରଛାତ୍ରୀଙ୍କୁ ଖାତା ଓ କଲମ ବଣ୍ଟନ

ଭୁବନେଶ୍ୱର, (ସବୁ୍ୟ) : ପବିତ୍ର ଶିଶୁଦିବସ ଉପଲକ୍ଷେ ୱାର୍ଡ ନଂ-୧ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର



ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମାଜସେବୀ, ୱାର୍ଡ ନଂ-୧ ର କର୍ପୋରେଟର ମିହିର କୁମାର ରାଉତଙ୍କ ସହଯୋଗରେ ଏହି ମହତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଶାନ୍ତି ବିହାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରଶାନ୍ତି ବିହାର ବିଜୁ ପଟ୍ଟନାୟକ ମେମୋରିଆଲ ଉଚ୍ଚ ବିଦ୍ୟାଳୟ ଏବଂ ଶିଖରଚଣ୍ଡୀ ନଗର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରାୟ ୮୦୦ ଜଣ ଛାତ୍ରଛାତ୍ରୀଙ୍କୁ ଖାତା ଓ କଲମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପୃକ୍ତ ତିନୋଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ପ୍ରଶାନ୍ତି ବିହାର ବିକାଶ ସମିତିର ସଭାପତି ମନୋରଞ୍ଜନ ଦାସ, ଶିଖରଚଣ୍ଡୀ ନଗର ସଭାପତି ଏମ୍. ରଚନ ମୂର୍ତ୍ତି, ସମ୍ପାଦକ ବିରଞ୍ଚି ନାରାୟଣ ମଲ୍ଲିକ, କେ. ଦୁର୍ଗାମା, କେ. ଲକ୍ଷ୍ମୀମା ଏବଂ ରାଜେଶ ବିଶୋଇ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

ବାଣୀବିହାର ୮୦ର ଅନ୍ନସେବା



ଭୁବନେଶ୍ୱର (ସବୁ୍ୟ): ଶନିବାର ଅପରାହ୍ନରେ ଶିଶୁ ଦିବସ ଉପଲକ୍ଷେ ବାଣୀବିହାର ୮୦ ଅନୁଷ୍ଠାନ ତରଫରୁ ପଟିଆ ଜାଲିମୁଣ୍ଡା ବସ୍ତିସ୍ଥିତ ଚେଷ୍ଟା ବିଦ୍ୟାଳୟର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା । ଏହି ଅନ୍ନସେବା କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ କରିଥିଲେ ବାଣୀବିହାର ୮୦ର ପୂର୍ବତନ ସଭାପତି ଶରତ ଦାଶ, ସମ୍ପାଦକ ଆଶୁତୋଷ ଦାଶ ଓ ଜନସେବା ନିର୍ଦ୍ଦେଶକ ଅଲେଖ ନଦୀ । ପ୍ରତିମାସରେ ଅନ୍ୟୁନ ଥରେ ବାଣୀବିହାର ଅଶୀ ତରଫରୁ ଅନ୍ନସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଅଛି ।

ଆଦିତ୍ୟ ଆଲୁମିନା ରିଫାଇନାରୀ ପକ୍ଷରୁ

ଦ୍ୱିତୀୟ ପର୍ଯ୍ୟାୟ ପ୍ରାଣୀପାଳନ ଉଦ୍ୟୋଗୀ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବୁ୍ୟ): କଂସାରୀଗୁଡ଼ା ସ୍ଥିତ ଆଦିତ୍ୟ ଆଲୁମିନା ରିଫାଇନାରୀ ପକ୍ଷରୁ 'ପ୍ରାଣୀ ଧନ ସେବା ପ୍ରକଳ୍ପ' ଅଧୀନରେ ସାତ ଦିନିଆ ଆବାସିକ ପ୍ରାଣୀପାଳନ ଉଦ୍ୟୋଗୀ ତାଲିମ କାର୍ଯ୍ୟକ୍ରମର ଦ୍ୱିତୀୟ ବ୍ୟାଚ୍‌କୁ ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ତାଲିମ ଗ୍ରହଣ କରିବେ । ଏହି ଉଦ୍‌ଘାଟନୀ ଉତ୍ସବରେ ୟୁନିଟ୍ ମୁଖ୍ୟ ତଥା ପ୍ରେସିଡେଣ୍ଟ ମଜହର ବେଗ୍, କ୍ଲଷ୍ଟର ଏଚ୍.ଆର୍ ମୁଖ୍ୟ (ଓଡ଼ିଶା ଓ ଖଣି) ଟି. ଏମ୍. ପ୍ରକାଶ ଏବଂ ଏଚ୍.ଆର୍, ଆଇ.ଆର୍, ଓ.ଏଚ୍.ସି ଓ ସି.ଏସ୍.ଆର୍ ମୁଖ୍ୟ ଦୀପକ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ପାରିପାର୍ଶ୍ୱିକ ଗ୍ରାମାଞ୍ଚଳର ମୋଟ ୨୦ ଜଣ ଯୁବକ ଏହି ଆବାସିକ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ପ୍ରାଣୀପାଳନ କ୍ଷେତ୍ରରେ ବ୍ୟବହାରିକ ଦକ୍ଷତା ଏବଂ ଉଦ୍ୟୋଗୀ ଜ୍ଞାନ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ଏହି ତାଲିମ କାର୍ଯ୍ୟକ୍ରମରେ ଶ୍ରେଣୀଗୃହ ଶିକ୍ଷା ସହିତ ପ୍ରତ୍ୟକ୍ଷ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ କରାଯିବ । ଏଥିରେ ଗୋପାଳନ (ଡେଏରୀ), କୁକୁଡ଼ା ପାଳନ, ବତକ ପାଳନ, ଗୋଖାଦ୍ୟ ପରିଚାଳନା, ଛତୁ ଚାଷ ଏବଂ ଉନ୍ନତ ପ୍ରଜାତି ପରିଚାଳନା ଭଳି ବିଭିନ୍ନ ପ୍ରାଣୀପାଳନ ଭିତ୍ତିକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ରହିଛି । ଏହି ପଦକ୍ଷେପ ମାଧ୍ୟମରେ ଅଂଶଗ୍ରହଣକାରୀମାନେ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ସ୍ଥାୟୀ ପ୍ରାଣୀପାଳନ ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଆବଶ୍ୟକୀୟ ଜ୍ଞାନ ଓ କୌଶଳ ହାସଲ କରିପାରିବେ ।

ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'କୈଶୋର'ର ପ୍ରିମିୟର୍

ଭୁବନେଶ୍ୱର (ସବୁ୍ୟ): ଦେଶ ତଥା ବିଦେଶର ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ଉଲ୍ଲେଖନୀୟ ସଫଳତା ଓ ପ୍ରଶଂସା ହାସଲ କରିବା ପରେ, ଏମ୍ ୦୮ ଷ୍ଟୁଡିଓ ଏବଂ ଓଭରସିଜ୍ ପ୍ରଡକ୍ସନ୍ ପକ୍ଷରୁ ପ୍ରସ୍ତୁତ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'କୈଶୋର'ର ସ୍ୱତନ୍ତ୍ର ପ୍ରିମିୟର୍ ଶୋ' ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଶିଶୁ ଦିବସର



ପୂର୍ବ ସନ୍ଧ୍ୟାରେ ଆୟୋଜିତ ଏହି ବିଶେଷ ପ୍ରଦର୍ଶନୀରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ୩୫୦ରୁ ଅଧିକ ସଦସ୍ୟ, ବିଶିଷ୍ଟ ଅତିଥି, କଳାକାର, ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷ ଏବଂ ସିନେମାପ୍ରେମୀ ଯୋଗ ଦେଇଥିଲେ । ଚଳଚ୍ଚିତ୍ର ପ୍ରଦର୍ଶନ ପରେ ଏହାର କଳାକାର ଓ ନିର୍ମାତାମାନଙ୍କ ସହ ଏକ ଭାବବିନିମୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ, ଆତ୍ମହତ୍ୟା ନିରାକରଣ, ସହାନୁଭୂତି ଏବଂ ନିଜ ଭିତରେ ଥିବା ଶିଶୁମନକୁ ଜୀବନ୍ତ ରଖିବାର ବାର୍ତ୍ତା ଦେଇଛି ଏହି ଚଳଚ୍ଚିତ୍ର । ଇଶାନ ପଟ୍ଟନାୟକ ଓ ଏସ୍. ଅଭିଷେକ ରେଡ୍ଡୀଙ୍କ ରଚିତ କାହାଣୀକୁ ଇଶାନ ପଟ୍ଟନାୟକ, ଅଙ୍କିତା ବର୍ମା ଏବଂ ଏସ୍. ଅଭିଷେକ ରେଡ୍ଡୀ ମିଳିତ ଭାବେ ନିର୍ଦ୍ଦେଶନା ଦେଇଛନ୍ତି । ଚଳଚ୍ଚିତ୍ରରେ ପାର୍ଥ ସାରଥୀ ରାୟ, ଆକାଶ ହୋତା ଏବଂ ମନୀଷା ମଞ୍ଜରୀ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି ।

ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ : ଯୁବକ ଗଲେ ଜେଲ

ବ୍ରହ୍ମପୁର, (ସବୁ୍ୟ):ସୋସିଆଲ ମିଡିଆରେ ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରଲ ସହ ବ୍ଲାକମେଲ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଅଙ୍କୁଲିର ଏ. ଦୀପକ ରାଓ (୩୭) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି ପୋଲିସ । ପୋଲିସ ଘଟଣାରେ ବ୍ୟବହୃତ ମୋବାଇଲ ଜବତ କରି ତଦନ୍ତ ଚଳାଇଛି । କେସ ନଂ ୫୮୩/୨୬ ରେ ଅଭିଯୁକ୍ତଙ୍କୁ ଶନିବାର ଦିନକୋର୍ଟ ଚାଲାଣ କରାଯାଇଛି । କୋର୍ଟ ନିର୍ଦ୍ଦେଶରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି ।ପୋଲିସର ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଜଣକ ପାଡ଼ିତାଙ୍କ ଅଜାଣତରେ ତାଙ୍କର ଅଶ୍ଳୀଳ ଫଟୋ ଉଠାଇଥିଲେ । ପରେ ଉକ୍ତ ଫଟୋଗୁଡ଼ିକୁ ତାଙ୍କ ପରିବାର ସଦସ୍ୟଙ୍କ ନିକଟକୁ ହଣ୍ଡ୍ୱାଟ୍ସଆପ୍ରେ ପଠାଇ ବ୍ଲାକମେଲ କରିଥିଲେ । ଏଥିସହ ପାଡ଼ିତାଙ୍କ ନାମରେ ନକଲି ଫେସବୁକ ଓ ଇନଷ୍ଟାଗ୍ରାମ ଆକାଉଣ୍ଟ ଖୋଲି ସେଥିରେ ଅଶ୍ଳୀଳ ଫଟୋ ଓ ଭିଡିଓ ଅପଲୋଡ କରିଥିଲେ ।

'ସୂର୍ଯ୍ୟବନ'ର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, (ସବୁ୍ୟ): ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ କରିଛି ସୂର୍ଯ୍ୟବନ; ଏହି ଅବସରରେ ଅଞ୍ଚଳବାସୀ, ଜନପ୍ରତିନିଧି ଏବଂ ପ୍ରଶାସନିକ



ଅଧିକାରୀମାନେ ଏକ ମଞ୍ଚରେ ଏକତ୍ରିତ ହୋଇ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲ୍ଲାର ଗୁରୁଡ଼ିସ୍ଥିତ, ସତକୋଶିଆ ଅଞ୍ଚଳ ନିକଟରେ 'ସୂର୍ଯ୍ୟବନ' ନାମକ ଏକ ବନ ରିସର୍ଟର ଭିତ୍ତିପ୍ରସ୍ତର ଫଳକ ଉନ୍ମୋଚନ କରିଛନ୍ତି। 'ସୂର୍ଯ୍ୟ ହସ୍ପିଟାଲିଟି ଗ୍ରୁପ୍'ର ଏକ ଉଦ୍ୟମ 'ସୂର୍ଯ୍ୟ ଇକୋ ରିସର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍' ଦ୍ୱାରା ଏହି ରିସର୍ଟଟି ନିର୍ମାଣ କରାଯାଉଛି। ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ଅଢ଼େଇ ବର୍ଷ ସମୟ ଲାଗିବ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି; ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ; ପଲ୍ଲହରା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି; ଚେନ୍ଦିପଦା ବିଧାୟକ ଅଗସ୍ତି ବେହେରା; ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ; ଆଠମଲ୍ଲିକର ପୂର୍ବତନ ବିଧାୟକ ସଞ୍ଜୀବ ସାହୁ; ଢେଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ; ତାଳଚେର ପୌରପାଳିକା ଅଧ୍ୟକ୍ଷ ପବିତ୍ର ଭୁତିଆ; ଡ. ମୃଦୁଲା ଠାକୁର ପ୍ରଧାନ; ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଜୋନାଲ ମ୍ୟାନେଜର ଭୂଷଣ ଶର୍ମା; ସରାଧାପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାହୁ ଏବଂ ସମିତି ସଭ୍ୟ ରାଧାକାନ୍ତ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ପ୍ରାତମ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

ନାଲ୍‌କୋକୁ ଚୁଗଣ କରିଦେବାକୁ ଉଦ୍ୟମ ହେଉଛି : କଂଗ୍ରେସ

ଭୁବନେଶ୍ୱର,(ସବୁ୍ୟ): କେନ୍ଦ୍ର ଏନଡିଏ ସରକାର ଆନ୍ଧ୍ର ପ୍ରଦେଶରେ ୦.୫ ମିଲିଅନ ଟନ କ୍ଷମତା ବିଶିଷ୍ଟ ଏକ ନୂତନ ଆଲୁମିନିୟମ ସ୍ମେଲଟର (ଧାତୁ ଗଳାଇବା କାରଖାନା) ପ୍ରତିଷ୍ଠା କରିବାକୁ ଯୋଜନା କରୁଛି । ଏହି ପ୍ରସ୍ତାବ ଅନୁଯାୟୀ ଉକ୍ତ ପ୍ରକଳ୍ପ ପାଇଁ ଓଡ଼ିଶାର ଖଣିରୁ ବକ୍ସାଇଟ କଞ୍ଚାମାଲର ବ୍ୟବହାର କରିବ । ସ୍ମେଲଫର ପାଇଁ ପ୍ରାୟ ୧୮,୦୦୦ କୋଟି ଟଙ୍କା ଏବଂ ଏହା ସହିତ ଜଡ଼ିତ ୧,୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ କ୍ୟାପଟିଭ ପାୱାର ପ୍ଲାଣ୍ଟ (ନିଜସ୍ୱ ବିଦ୍ୟୁତି କେନ୍ଦ୍ର) ପାଇଁ ପ୍ରାୟ ୧୧,୦୦୦ କୋଟି ଟଙ୍କା ସହ ମୋଟ ନିବେଶ ପ୍ରାୟ ୨୯,୦୦୦ କୋଟି ଟଙ୍କା ବିନିଯୋଗ କରିବ । ସେହିଭଳି କମ୍ପାନୀ ୩୭ ହଜାର କୋଟି ଟଙ୍କା ନିବେଶ କରି ଅନୁଗୁଳରେ ଏହାର ସଂପ୍ରସାରଣ କାର୍ଯ୍ୟ କରିବେ ବୋଲି ଘୋଷଣା କରିଛନ୍ତି । ସଂପ୍ରସାରଣ ଯୋଜନା ଅନୁଯାୟୀ ଅନୁଗୁଳରେ ୧୨,୧୬୩ କୋଟି ଟଙ୍କା ବ୍ୟୟରେ ଆଲୁମିନିୟମ ସ୍ମେଲଟର କ୍ଷମତାକୁ ୦.୫ ନିୟୁତ ଟନ ବଢ଼ାଇବା ସହ କମ୍ପାନି ୧୭,୦୦୦ କୋଟି ଟଙ୍କା ବ୍ୟୟରେ ପାୱାର ପ୍ଲାଣ୍ଟ କ୍ଷମତାକୁ ୧୦୮୦ ମେଗାଓ୍ୱାଟକୁ ବଢ଼ାଇବା, ଦାମନଯୋଡ଼ିଠାରେ ୧ ନିୟୁତ ଟନ



ବିଶିଷ୍ଟ ଆଲୁମିନା ରିଫାଇନାରିର ପଞ୍ଚମ ଷ୍ଟ୍ରିମ ପାଇଁ ୫୬୭୨ କୋଟି ଟଙ୍କା ଏବଂ ୩.୫ ନିୟୁତ ଟନ କ୍ଷମତା ବିଶିଷ୍ଟ କୋରାପୁଟ ଜିଲ୍ଲାର ପଟାଙ୍ଗୀ ବକ୍ସାଇଟ ଖଣି ପାଇଁ ୧୯୨୧ କୋଟି ଟଙ୍କା ନିବେଶ କରାଯାଇ ୨୦୩୦ ସୁଦ୍ଧା ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଉପରେ ଯୋଜନା କରାଯାଇଛି । ତେବେ ଓଡିଶା ପ୍ରଦେଶ କଂଗ୍ରେସ ପକ୍ଷରୁ କୁହାଯାଇଛି ଆ

ଆସନ୍ତା ୩ ବର୍ଷରେ ସାରା ଦୁନିଆ ଉପରେ କବଜା କରିପାରେ ଏଆଇ: ହିଣ୍ଟନ

ନୂଆଦିଲ୍ଲୀ: ଏଆଇକୁ ନେଇ ସମୟ ସମୟରେ ଏକ୍ସପର୍ଟମାନେ ବଡ଼ ଭୟଙ୍କର ଚେତାବନୀ ଜାରି କରୁଛନ୍ତି। ଯାହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଲୋକେ ପଢୁଛନ୍ତି ଆଉ ତା' ପରେ ଭୁଲି ଯାଉଛନ୍ତି। ଏହି ବାରମ୍ବାରତା ଭିତରେ ସେପଟେ ଦିନକୁ ଦିନ ଭୟଙ୍କର ରୂପ ନେଉଛି ଏଆଇ। ବିଭିନ୍ନ ଦେଶର କମ୍ପାନୀଗୁଡ଼ିକ ପ୍ରତିଯୋଗିତା ଭଳି ଏଆଇକୁ ଡେଭଲପ କରୁଛନ୍ତି। ହେଲେ କେମିତି ନିୟନ୍ତ୍ରଣ କରାଯିବ ଜାଣିପାରୁ ନାହାନ୍ତି। ତେଣୁ ସମୟ ଆସିବ ଦିନେ ଏଆଇ ମଣିଷର ନିୟନ୍ତ୍ରଣରୁ ବାହାରି ସାରା ଦୁନିଆରେ ଆତଙ୍କ ଖେଳାଇବ।



ଏଆଇର ଗଡ୍ ଫାଦର କୁହାଯାଉଥିବା ନୋବେଲ ବିଜେତା ଜେଫ୍ରି ହିଣ୍ଟନ ନିକଟରେ ଏକ ଭୟଙ୍କର ଚେତାବନୀ ଜାରି କରିଛନ୍ତି। ସେ କହିଛନ୍ତି ଆସନ୍ତା ୩ ବର୍ଷରେ ଏଆଇ ମଣିଷକୁ ଶେଷ କରିଦେଇପାରେ ଓ ଦୁନିଆ ଉପରେ କବ୍ଜା କରିପାରେ। କେବଳ ହିଣ୍ଟନ ନୁହଁନ୍ତି, ଡେଭଲପର ଜ୍ୟାକବ କକ୍ସନ, ଏଲନ ମସ୍କ, ବିଲାଲ ଟୁଗ୍ତାଇଙ୍କ ଭଳି ଏକ୍ସପର୍ଟମାନେ ମଧ୍ୟ ଏଆଇର ଭୟାବହତା ବିଷୟରେ ଚେତାବନୀ ଜାରି କରି ସାରିଛନ୍ତି। ମଣିଷ ନୁହେଁ ଏଆଇ ନେବ ନିଷ୍ପତ୍ତି ଆସନ୍ତାଦିନମାନଙ୍କରେ ମଣିଷକୁ ବାଦ ଦେଇ ଏଆଇ ସବୁ ନିଷ୍ପତ୍ତି ନେବ। ଆଗାମୀ ୬ ମାସରୁ ବର୍ଷକ ଭିତରେ ଏମିତି କିଛି ଘଟଣା ଘଟିପାରେ, ଯେଉଁଥିରେ ଏଆଇ ମଣିଷର ନିୟନ୍ତ୍ରଣ ବାହରକୁ ଚାଲିଯାଇପାରେ ବୋଲି AI ସୁରକ୍ଷା ବିଶେଷଜ୍ଞ ଏବଂ ଆଲାଇନମେଣ୍ଟ ରିସର୍ଚ୍ଚ ସେଣ୍ଟରର ପ୍ରତିଷ୍ଠାତା ପଲ କ୍ରିଷ୍ଟିଆନୋ କହିଛନ୍ତି। କ୍ରିଷ୍ଟିଆନୋଙ୍କ ଅନୁଯାୟୀ, ଆଗାମୀ ବର୍ଷ ମଧ୍ୟରେ ମଣିଷ ସବୁଦିନ ପାଇଁ AI ଉପରେ ନିୟନ୍ତ୍ରଣ ହରାଇବାର ୪% ସମ୍ଭାବନା ରହିଛି। ଆଗାମୀ ତିନି ବର୍ଷ ମଧ୍ୟରେ ଏହି ବିପଦ ୧୫% କୁ ବୃଦ୍ଧି ପାଇପାରେ ବୋଲି ସେ କହିଛନ୍ତି। ତେବେ ସିନେମାରେ ଯେମିତି ରୋବୋଟ ମଣିଷକୁ ଆକ୍ରମଣ ହରାଉଛି ଠିକ୍ ସେମିତି ନୁହେଁ, ଏଆଇ ନିଜ ନିଷ୍ପତ୍ତିରେ ମଣିଷକୁ ବଡ଼ ବାଧକ ବୋଲି ଭାବି ପାରେ। ସରକାରୀ ଓ ବେସରକାରୀ ଆଦି ସମସ୍ତ ଜରୁରୀ ସିଷ୍ଟମକୁ ଏଆଇ ନିଜ ନିୟନ୍ତ୍ରଣକୁ ନେଇପାରେ। ଆପେ ଆପେ ମାରଣାସ୍ତ୍ର ବନାଇବ ଏଆଇ ଏଆଇକୁ ନେଇ ବିଶେଷଜ୍ଞଙ୍କ ବଡ଼ ଭୟ ହେଲା ଭବିଷ୍ୟତରେ ଏଆଇ ନିଜେ ନିଜେ ଭୟଙ୍କର ଯୁଦ୍ଧାସ୍ତ୍ର ତିଆରି କରିପାରେ। ଡ୍ରୋନ ଓ ରୋବୋଟ ସାହାଯ୍ୟରେ ଅତି ଜରୁରୀର ସ୍ଥାନଗୁଡ଼ିକ ଉପରେ ଆକ୍ରମଣ କରିପାରେ। ଭୟଙ୍କର ଜୈବିକ ଅସ୍ତ୍ର ତିଆରି କରିବାରେ ମଧ୍ୟ ଏଆଇର ବ୍ୟବହାର କରାଯାଇପାରେ ବୋଲି ବିଶେଷଜ୍ଞମାନେ ଭୟ କରୁଛନ୍ତି। କ୍ରିଷ୍ଟିଆନୋଙ୍କ କହିବା ଅନୁଯାୟୀ ଯଦି ଏଆଇ ନିଜେ ନିଷ୍ପତ୍ତି ନେବା ଆରମ୍ଭ କରି ଓ ମଣିଷକୁ ନିଜ ରାସ୍ତା ପାଇଁ ଏକ ବଡ଼ କଣ୍ଟା ଭାବିବା ଆରମ୍ଭ କରିବ ତେବେ ବଡ଼ ମୁସ୍କିଲ ହୋଇପାରେ। ଭୟଙ୍କର ହେଉଛି ଏଆଇ ପ୍ରଥମେ ମଣିଷ ଏଆଇକୁ ତିଆରି କଲା ଓ ଏଥିରେ ତ୍ରୁଟି ଶଂସୋଧନ କଲା। ହେଲେ ଏବେ ଏଆଇ ନିଜେ ସବୁକିଛି ଶିଖିଗଲାଣି। ନିଜେ ତ୍ରୁଟି ନିଜେ ସୁଧାରିବା ସହ ଯଦି କିଛି ଭୁଲ୍ କରିଦେଉଛି, ତେବେ ତାକୁ ଅନ୍ୟମାନଙ୍କ ଆଖିରୁ ଲୁଚାଇବାର କଳା ବି ଏଆଇ ଶିଖିଗଲାଣି। ତେଣୁ ଏଥିରୁ ସ୍ପଷ୍ଟ ଯେ ମଣିଷ ଧୀରେ ଧୀରେ ଏଆଇ ଉପରେ ନିଜର ନିୟନ୍ତ୍ରଣ ହରାଇ ବସିଛି। ଏଆଇ ଏଜେଣ୍ଟ ଆହୁରି ଭୟଙ୍କର ରୂପ ନେଉଛି। ନିକଟରେ ୧୦,୦୦୦ ଏଆଇ ଏଜେଣ୍ଟ ମାତ୍ର ୮୮ ଘଣ୍ଟା ମଧ୍ୟରେ ୯୦ ବର୍ଷ ପୁରୁଣା ନାଭିୟର-ଷ୍ଟୋକ୍ସ ଗଣିତ ସମସ୍ୟା ସମାଧାନ କରିଛନ୍ତି। ଯାହା ସମସ୍ତଙ୍କୁ ଚମକାଇ ଦେଇଛି।

ଭାରତ–ସୋମାଲିଆ ସୁରକ୍ଷା ସହଯୋଗ ମଜଭୁତ ଉପରେ ଗୁରୁତ୍ୱ



ନୂଆଦିଲ୍ଲୀ: ଭାରତ ଓ ସୋମାଲିଆ ମଧ୍ୟରେ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗକୁ ଅଧିକ ମଜଭୁତ କରିବା ନେଇ ଶନିବାର ଆଲୋଚନା ହୋଇଛି। ଭାରତର ବୈଦେଶିକ ମନ୍ତ୍ରଣାଳୟର ସଚିବ ଶ୍ରୀପ୍ରିୟା ରଙ୍ଗନାଥନ୍ ସୋମାଲିଆର ପ୍ରତିରକ୍ଷା ମନ୍ତ୍ରୀ ଅହମ୍ମଦ ମୋଆଲିମ୍ ଫିକିଙ୍କୁ ଭେଟି ଦ୍ୱିପାକ୍ଷିକ ପ୍ରତିରକ୍ଷା ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ବିଶେଷକରି ସାମୁଦ୍ରିକ ସୁରକ୍ଷା, ଆତଙ୍କବାଦ ନିରୋଧ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ ବଢ଼ାଇବା ଉପରେ ଉଭୟ ପକ୍ଷ ଗୁରୁତ୍ୱ ଦେଇଥିଲେ। ଏଥିସହିତ ଆଞ୍ଚଳିକ ସୁରକ୍ଷା ପରିସ୍ଥିତି ଓ ଏହାର ପରିବର୍ତ୍ତିତ ସ୍ଥିତି ସମ୍ପର୍କରେ ମଧ୍ୟ ମତ ବିନିମୟ ହୋଇଥିଲା। ଭାରତର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍ ସାମାଜିକ ଗଣମାଧ୍ୟମରେ ଏହି ବୈଠକ ସମ୍ପର୍କିତ ସୂଚନା ଦେଇଛନ୍ତି। ସୋମାଲିଆର ରାଜଧାନୀ ମୋଗାଦିଶୁରେ ପହଞ୍ଚିଥିବା ଶ୍ରୀପ୍ରିୟା ରଙ୍ଗନାଥନ୍ଙ୍କ ଏହି ଗସ୍ତର ଅନ୍ୟତମ ଉଦ୍ଦେଶ୍ୟ। ଭାରତ ଓ ସୋମାଲିଆ ମଧ୍ୟରେ ଶତାବ୍ଦୀ ପୁରୁଣା ସାମୁଦ୍ରିକ ଓ ବାଣିଜ୍ୟିକ ସମ୍ପର୍କ ରହିଛି। ସୋମାଲିଆ ସ୍ୱାଧୀନତା ହାସଲ କରିବା ପରେ ୧୯୬୦ ମସିହାରେ ଉଭୟ ଦେଶ ମଧ୍ୟରେ ଆନୁଷ୍ଠାନିକ କୂଟନୈତିକ ସମ୍ପର୍କ ସ୍ଥାପିତ ହୋଇଥିଲା। ୧୯୯୧ ମସିହାରେ ସୋମାଲିଆରେ ଗୃହଯୁଦ୍ଧ ଆରମ୍ଭ ହେବା ପରେ ଭାରତ ମୋଗାଦିଶୁସ୍ଥିତ ନିଜର ଆବାସିକ ଦୂତାବାସ ବନ୍ଦ କରିଥିଲା। ତେବେ ଏହା ପରଠାରୁ ମଧ୍ୟ ବିକାଶମୂଳକ ସହାୟତା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ସାମୁଦ୍ରିକ ସୁରକ୍ଷା ସହଯୋଗ ମାଧ୍ୟମରେ ଭାରତ ସୋମାଲିଆ ସହ ସମ୍ପର୍କ ବଜାୟ ରଖିଛି। ବର୍ତ୍ତମାନର ଗସ୍ତ ଦୁଇ ଦେଶ ମଧ୍ୟରେ ରହିଥିବା ପାରମ୍ପରିକ ବନ୍ଧୁତାକୁ ଆହୁରି ଆଗକୁ ନେବା ସହ ପ୍ରତିରକ୍ଷା ଓ ଆଞ୍ଚଳିକ ସୁରକ୍ଷା କ୍ଷେତ୍ରରେ ସହଯୋଗର ନୂଆ ସମ୍ଭାବନା ସୃଷ୍ଟି କରିବା ଆଶା କରାଯାଉଛି।

ଶେଖ ହସିନାଙ୍କ ବାଂଲାଦେଶ ଫେରିବା ନେଇ ଭାରତର ୨ ସର୍ତ୍ତ

ନୂଆଦିଲ୍ଲୀ: ନିଜ ଦେଶକୁ ଫେରି ପାରନ୍ତି ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା। ୨୦୨୪ ଅଗଷ୍ଟରେ କ୍ଷମତାରୁ ବେଦଖଲ ହୋଇ ଭାରତରେ ଶରଣ ନେଇଥିବା ହସିନା ଏବେ ସ୍ୱଦେଶ ଫେରିବା ପାଇଁ ଇଚ୍ଛୁକ। ବିବିସି ବାଂଲାର ଏକ ରିପୋର୍ଟ ଅନୁସାରେ ଭାରତ ମଧ୍ୟ ଚାହୁଁଛି ଯେ, ହସିନା ନିଜ ଦେଶକୁ ଫେରନ୍ତୁ। ହେଲେ ଏଥିପାଇଁ କିଛି ସର୍ତ୍ତ ରଖିଛନ୍ତି ଭାରତ ସରକାର। ଭାରତର ଦାବି ଶେଖ ହସିନାଙ୍କ ସୁରକ୍ଷାର ପୂରା ଗ୍ୟାରେଣ୍ଟି ଦେଉ ଢାକା ଏବଂ ତାଙ୍କୁ ନିରପେକ୍ଷ ଶୁଣାଣିର ସୁଯୋଗ ଦିଆଯାଉ। ହେଲେ ଶୁକ୍ରବାର ଏହି ଅଜ୍ଞାତ ରିପୋର୍ଟ ଉପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୌଣସି ଟିପ୍ପଣୀ କରାଯାଇ ନାହିଁ। ବିବିସି ବାଂଲା ଗୁରୁବାର ପ୍ରକାଶିତ ନିଜ ରିପୋର୍ଟରେ କହିଛି ଯେ, ନୂଆଦିଲ୍ଲୀ ଗତ କିଛି ସମୟରୁ ଶେଖ ସହିନାଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ପଥ ପରିଷ୍କାରରେ ଜୁଟି ଯାଇଛି। ଏଥିପାଇଁ ଏମିତି ବ୍ୟବସ୍ଥା ଉପରେ ବିଚାର ଚାଲିଛି, ଯେଉଁଥିରେ ଆବାମୀ ଲିଗର ପ୍ରମୁଖ ଶେଖ ହସିନାଙ୍କ ସୁରକ୍ଷା ସୁନିଶ୍ଚିତ ହୋଇ ପାରିବ ଓ ତାଙ୍କ ବିରୋଧରେ ହୋଇଥିବା ଦଣ୍ଡାଦେଶ ବିରୋଧରେ ଅପିଲ୍ କରିବାର ସୁଯୋଗ ମିଳିବ। ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ ରେହମାନଙ୍କ ନେତୃତ୍ୱାଧୀନ ସରକାର ମଧ୍ୟ ଏହି ରିପୋର୍ଟ ଉପରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।



ହସିନାଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଉପରେ ଭାରତର ନିରବତା

ଶୁକ୍ରବାର ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲଙ୍କୁ ଶେଖ ହସିନାଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ନେଇ ପ୍ରଶ୍ନ ପଚରା ଯାଇଥିଲା। ସାମ୍ବାଦିକ ପ୍ରଶ୍ନ କରିଥିଲେ ଯେ, କଣ ଭାରତ ଚାହୁଁଛି ବାଂଲାଦେଶ ଶେଖ ହସିନାଙ୍କୁ ନେବା ପାଇଁ ସୈନ୍ୟ ବିମାନ ପଠାଇବ ? କଣ ଭାରତ ଏହି ସର୍ତ୍ତ ରଖିଛି କି, ଶେଖ ହସିନାଙ୍କୁ ବାଂଲାଦେଶରେ ସୁରକ୍ଷାର ଗ୍ୟାରେଣ୍ଟି ମିଳୁ ଏବଂ ନିରପେକ୍ଷ ଶୁଣାଣି କରାଯିବାର ସୁଯୋଗ ଦିଆଯାଉ। ଏହା ଉପରେ ରଣଧୀର ଜୟସ୍ୱାଲ କେବଳ କହିଛନ୍ତି, ମୋତେ ଏହି ପ୍ରସଙ୍ଗରେ କିଛି କହିବାର ନାହିଁ।

କଣ କହୁଛି ବାଂଲାଦେଶ

ବିବିସି ବାଂଲାର ରିପୋର୍ଟ ସାମ୍ନାକୁ ଆସିବା ପରେ ବାଂଲାଦେଶ ସରକାରଙ୍କ ପକ୍ଷରୁ ପ୍ରତିକ୍ରିୟା ଆସିଛି। ପ୍ରଧାନମନ୍ତ୍ରୀଙ୍କ ସହାୟକ ପ୍ରେସ ସଚିବ କେଏମ ନଜମୁଲ ହକ ଦାବି କରିଛନ୍ତି ଯେ, କୌଣସି ବି ଦେଶ ଶେଖ ହସିନାଙ୍କୁ ଶରଣ ଦେବାକୁ ପ୍ରସ୍ତୁତ ନୁହନ୍ତି। ସେ ଫେସବୁକରେ ପୋଷ୍ଟ କରି ଲେଖିଛନ୍ତି, ବ୍ରିଟେନ, ୟୁଏଇ, ସାଉଦି ଆରବ, ଫିନଲ୍ୟାଣ୍ଡ, ଆମେରିକା, ବେଲାରୁସ ଓ କାତାର ସମେତ କୌଣସି ବି ଦେଶ ତାଙ୍କୁ ଶରଣ ଦେବାକୁ ଇଚ୍ଛା ପ୍ରକାଶ କରି ନାହାନ୍ତି। ଏପରିକି ଆଫ୍ରିକାର କୌଣସି ବି ଦେଶ ତାଙ୍କୁ ଶରଣ ଦେବାକୁ ପ୍ରସ୍ତୁତ ନୁହନ୍ତି।

ନଜମୁଲ ହକ କହିଛନ୍ତି, ନରସଂହାରରେ ସାମିଲ ହସିନାଙ୍କ ଗୋଟିଏ ଗୋଟିଏ କରି ସବୁ ରାସ୍ତା ବନ୍ଦ ହେଉଛି। ତେଣୁ ଏବେ ସେ ଶେଷ ବିକଳ୍ପ ଭାବେ ବାଂଲାଦେଶ ଫେରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ନିଜର ଆବାମୀ ଲିଗର କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ଉପରେ ଭରସା କରୁଛନ୍ତି। ରିପୋର୍ଟ ଅନୁସାରେ, ଶେଖ ହସିନାଙ୍କୁ ବାଂଲାଦେଶ ଫେରାଇ ନେବା ପାଇଁ ଭାରତ ଦୁଇଟି ପ୍ରମୁଖ ସର୍ତ୍ତ ରଖିଛି। ପ୍ରଥମ ସର୍ତ୍ତ ହେଉଛି, ତାଙ୍କ ପ୍ରତ୍ୟାବର୍ତ୍ତନରେ ବାଂଲାଦେଶ ସେନାର ଭୂମିକା। ଭାରତ ଚାହୁଁଛି, ବାଂଲାଦେଶ ସେନା ହିଁ ଶେଖ ହସିନାଙ୍କୁ ସୁରକ୍ଷିତ ଭାବେ ନିଜ ଦେଶକୁ ଫେରାଇ ନେବାର ଦାୟିତ୍ୱ ନିଅନ୍ତୁ। ଉଲ୍ଲେଖଯୋଗ୍ୟ, ୫ ଅଗଷ୍ଟ ୨୦୨୪ରେ କ୍ଷମତା ଛାଡ଼ିବା ପରେ ଶେଖ ହସିନା ବାଂଲାଦେଶ ସେନାର ବିମାନରେ ହିଁ ଭାରତ ଆସିଥିଲେ। ଏବେ ତାଙ୍କ ପ୍ରତ୍ୟାବର୍ତ୍ତନ ମଧ୍ୟ ସେହି ସାମରିକ ସଂସ୍ଥାର ଦାୟିତ୍ୱରେ ହେଉ ବୋଲି ଭାରତ ଚାହୁଁଥିବା ରିପୋର୍ଟରେ କୁହାଯାଇଛି।

ଜନଜାତୀୟ ଗୌରବ ଦିବସରେ ୩ ହଜାର କୋଟିର ପ୍ରକଳ୍ପ ଉଦଘାଟନ କରିବେ ମୋଦୀ

ନୂଆଦିଲ୍ଲୀ: ଧରତା ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ନଭେମ୍ବର ୧୫ ତାରିଖରେ ଜନଜାତିୟ ଗୌରବ ଦିବସ ପାଳନ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ରର ଗଡ଼ଚିରୋଲିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଭିଡିଓ କନ୍ଫରେନ୍ସିଂ ଜରିଆରେ ଯୋଗଦେବେ ଏବଂ ଉପସ୍ଥିତ ଜନସମାବେଶକୁ ସମ୍ବୋଧିତ କରିବେ। ଏହି ଅବସରରେ ସେ ପ୍ରାୟ ୩ ହଜାର କୋଟି ଟଙ୍କା ମୂଲ୍ୟର ୨୪୬ଟି ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ। ଜନଜାତି ସମ୍ପ୍ରଦାୟର ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ସାମୁଦାୟିକ ଭିତ୍ତିଭୂମିର ବିକାଶ ଏହି ପ୍ରକଳ୍ପଗୁଡ଼ିକର ମୁଖ୍ୟ ଲକ୍ଷ୍ୟ। ମୋଟ ୨୪୬ଟି ପ୍ରକଳ୍ପ ମଧ୍ୟରୁ ୧୭୩ଟିର ଉଦ୍ଘାଟନ କରାଯିବ। ଏଥିରେ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ୩୮ଟି ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ଏବଂ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟମହାଅଭିଯାନ (ପିଏମ୍-ଜନମନ) ଅଧୀନରେ ୧୦୦ଟି ବହୁମୁଖୀ କେନ୍ଦ୍ର ରହିଛି। ଏହି



କେନ୍ଦ୍ରଗୁଡ଼ିକ ଜନଜାତି ଅଞ୍ଚଳରେ ସରକାରୀ ସେବା ପ୍ରଦାନ ଓ ସାମୁଦାୟିକ କାର୍ଯ୍ୟକଳାପର କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହାସହ ଅରୁଣାଚଳ ପ୍ରଦେଶର ଇଟାନଗରଠାରେ ଜନଜାତି ଗବେଷଣା ପ୍ରତିଷ୍ଠାନର ନୂତନ କୋଠା ଏବଂ ମିଜୋରାମର ଆଇଜଲ୍ଠାରେ ରୋପୁଇଲିଆନି ଜନଜାତି ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟକୁ ପ୍ରଧାନମନ୍ତ୍ରୀ ଲୋକାର୍ପଣ କରିବେ। ଏହି ସଂଗ୍ରହାଳୟରେ ମିଜୋ ଜନଜାତିର ସଂସ୍କୃତି, ଐତିହାସିକ ପରମ୍ପରା ଓ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଓ ବଳିଦାନକୁ ସ୍ଥାନ ଦିଆଯାଇଛି। ଉନବିଂଶ ଶତାବ୍ଦୀରେ ବ୍ରିଟିଶ ଶାସନ ବିରୋଧରେ ସାହସିକ ପ୍ରତିରୋଧ କରିଥିବା ମିଜୋ ଜନଜାତିର ମହିଳା ମୁଖିଆ ରୋପୁଇଲିଆନିଙ୍କ ନାମରେ ଏହି ସଂଗ୍ରହାଳୟ ନାମିତ ହୋଇଛି। ଅନ୍ୟପକ୍ଷରେ ୧୯ଟି ନୂତନ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟର ଶିଳାନ୍ୟାସ କରାଯିବ। ଜନଜାତି ଉତ୍ପାଦକଙ୍କ ବଜାର ସଂଯୋଗ ବୃଦ୍ଧି ପାଇଁ ୧୨ଟି ଜନଜାତି ବହୁମୁଖୀ ବିପଣନ କେନ୍ଦ୍ର ଏବଂ ପିଏମ୍-ଜନମନ୍ ଓ ଧରତୀ ଆବା ଜନଜାତିୟ ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ଆଉ ୪୨ଟି ପ୍ରକଳ୍ପର ଶିଳାନ୍ୟାସ ହେବ। ନଭେମ୍ବର ୧ରୁ ୧୫ ପର୍ଯ୍ୟନ୍ତ ସାରା ଦେଶରେ ପାଳନ କରାଯାଉଥିବା ଜନଜାତିୟ ଗୌରବ ପକ୍ଷର ଏହା ଉଦ୍ଯାପନୀ କାର୍ଯ୍ୟକ୍ରମ। ଏହି ଅବଧିରେ ଏକଲବ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ରାଷ୍ଟ୍ରପତିଙ୍କ ଆଲୋଚନା, ଜାତୀୟ ଜନଜାତି ସାହିତ୍ୟ ମହୋତ୍ସବ, ଜନଜାତି ଚିକିତ୍ସକଙ୍କ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିବିର ଏବଂ ଜନଜାତି ଗ୍ରାମରେ ସାମୁଦାୟିକ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

ଆସାମର କାମରୂପରେ ୪ ତୀବ୍ରତାର ଭୂକମ୍ପ

ଗୌହାଟୀ: ଆସାମର କାମରୂପ ଜିଲ୍ଲାରେ ଶନିବାର ଅପରାହ୍ନରେ ୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଏନ୍ସିଏସ୍)ର ତଥ୍ୟ ଅନୁଯାୟୀ, ଅପରାହ୍ନ ୨ଟା ୪୩ ମିନିଟ୍ ୫ ସେକେଣ୍ଡରେ ଏହି ଭୂକମ୍ପ ରେକର୍ଡ କରାଯାଇଥିଲା। ଭୂପୃଷ୍ଠଠାରୁ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଏହାର କେନ୍ଦ୍ରସ୍ଥଳ ରହିଥିଲା। ଏନ୍ସିଏସ୍ ପକ୍ଷରୁ ଜାରି ସୂଚନା ଅନୁସାରେ, ଭୂକମ୍ପର କେନ୍ଦ୍ରସ୍ଥଳ କାମରୂପ ଜିଲ୍ଲାର ଅକ୍ଷାଂଶ ୨୫.୭୪୯ ଡିଗ୍ରୀ ଉତ୍ତର ଏବଂ ଦ୍ରାଘିମା ୯୧.୨୭୩ ଡିଗ୍ରୀ ପୂର୍ବରେ ଅବସ୍ଥିତ ଥିଲା। ଏହି ଝଟ୍କା ଗୌହାଟୀ ସମେତ ଆସାମର ବିଭିନ୍ନ ଅଞ୍ଚଳରେ ଅନୁଭୂତ ହୋଇଥିବା ଖବର ମିଳିଛି। ଭୂକମ୍ପ ପରେ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଥିଲା। ତେବେ ଏହି ଘଟଣାରେ ଜୀବନହାନି କିମ୍ବା ସମ୍ପତ୍ତି ନଷ୍ଟ ହେବା ନେଇ ତୁରନ୍ତ କୌଣସି ସୂଚନା ମିଳିନାହିଁ। ଭୂକମ୍ପର ପ୍ରଭାବ ଓ କ୍ଷୟକ୍ଷତି ସମ୍ପର୍କରେ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି। ଉଲ୍ଲେଖଯୋଗ୍ୟ, ଆସାମ ଭୂକମ୍ପପ୍ରବଣ ଅଞ୍ଚଳ ଭାବେ ପରିଚିତ। ଏହି ରାଜ୍ୟରେ ମଝିରେ ମଝିରେ ଭୂକମ୍ପ ଅନୁଭୂତ ହୋଇଥାଏ। ଶନିବାର ଆସାମରେ ଭୂକମ୍ପ ହେବା ସହ ଜମ୍ମୁ-କଶ୍ମୀର ଓ ଲଦାଖ ଅଞ୍ଚଳରେ ମଧ୍ୟ ଅନ୍ୟ କେତେକ ଭୂକମ୍ପ ରେକର୍ଡ ହୋଇଥିବା ଜଣାପଡ଼ିଛି।

ହାଇଦ୍ରାବାଦରେ ଦେଶର ପ୍ରଥମ ଏଆଇ ପୋଲିସ ଷ୍ଟେସନ

ନୂଆଦିଲ୍ଲୀ: ସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଘରୋଇ କମ୍ପାନି ପର୍ଯ୍ୟନ୍ତ, ଆଜିକାଲି ସବୁଠାରେ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' ବା କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ବ୍ୟବହାର କରାଯାଉଛି। ବର୍ତ୍ତମାନ ସୁଦ୍ଧା, ଏଆଇର ବ୍ୟବହାର ଚିତ୍ର ପ୍ରସ୍ତୁତ କରିବା, ଇ-ମେଲ୍ ଡ୍ରାଫ୍ଟ କରିବା ଏବଂ କୋଡ୍ ଲେଖିବା ଭଳି କାର୍ଯ୍ୟରେ କରାଯାଉଛି। କିନ୍ତୁ ଆପଣ କେବେ କଳ୍ପନା କରିଛନ୍ତି କି, ଏଆଇ ଏକ ଥାନାର କାର୍ଯ୍ୟକଳାପ ମଧ୍ୟ ପରିଚାଳନା କରିପାରିବ। ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ଥିବା 'ପଞ୍ଜାଗୁଟ୍ଟା ଥାନା' ଦେଶର ପ୍ରଥମ ଥାନା ହେବାକୁ ଯାଉଛି, ଯାହା ସମ୍ପୂର୍ଣ୍ଣ ରୂପେ ଏଆଇ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସଜ୍ଜିତ ହେବ। ହାଇଦ୍ରାବାଦ ପୁଲିସ କମିଶନର ଭି.ସି. ସଜ୍ଜନାର ପ୍ରସ୍ତୁତିର ସମୀକ୍ଷା କରିବା ପାଇଁ ଏହି ଥାନା ପରିଦର୍ଶନ କରିଥିଲେ।

ସୂଚନା ଅନୁଯାୟୀ, ଡିସେମ୍ବର ମାସର ପ୍ରଥମ ସପ୍ତାହରେ ତେଲେଙ୍ଗାନା ଡିଜିପି ସି.ଭି. ଆନନ୍ଦ ଏହି ଅତ୍ୟାଧୁନିକ ବ୍ୟବସ୍ଥାକୁ ଏକ 'ପାଇଲଟ୍ ପ୍ରୋଜେକ୍ଟ' (ପରୀକ୍ଷାମୂଳକ ପ୍ରକଳ୍ପ) ଭାବରେ ଶୁଭାରମ୍ଭ କରିବେ। ବଡ଼ ସହରଗୁଡ଼ିକରେ ଥିବା ଥାନାଗୁଡ଼ିକରେ ଭାଷା ଏକ ବଡ଼ ସମସ୍ୟା ହୋଇଥାଏ, କାରଣ ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକମାନେ କାମ କିମ୍ବା ପାଠପଢ଼ା ପାଇଁ ଆସିଥାନ୍ତି। ଅନେକ ସମୟରେ, ଲୋକମାନେ ସ୍ଥାନୀୟ ଭାଷା ଜାଣି ନଥିବାରୁ ନିଜର ଅଭିଯୋଗ ଠିକ୍ ଭାବରେ ଦାଖଲ କରିପାରନ୍ତି ନାହିଁ। ଏହି ସମସ୍ୟାର ସମାଧାନ ପାଇଁ, ପଞ୍ଜାଗୁଟ୍ଟା ଥାନାର ରିସେପସନ୍ (ସ୍ୱା

ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର,୧୪।୧୧(ସବ୍ୟୁ): କଳିଙ୍ଗ ଷ୍ଟାଡ଼ିୟମରେ ଆରମ୍ଭ ହୋଇଛି ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଆନୁଷ୍ଠାନିକ ଭାବେ ଏସିଆ ରଗ୍ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬କୁ ଉଦ୍‌ଘାଟନ କରିଛନ୍ତି।

କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬ ଓଡ଼ିଶାରେ ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଦୀର୍ଘ ୮ ବର୍ଷ ପରେ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରୀୟ ରଗ୍ବୀ ଚାମ୍ପିଅନସିପ୍ ଅନୁଷ୍ଠିତ ହେଉଛି। ଏହି ଅନ୍ତର୍ଜାତୀୟ ଚାମ୍ପିଅନସିପରେ ୧୦ ଟି ଦେଶର ୧୭ଟି ଟିମ୍ (୧୦ ଟି ପୁରୁଷ ଟିମ୍ ଓ ୭ଟି ମହିଳା ଟିମ୍) ଅଂଶଗ୍ରହଣ କରିଛନ୍ତି। ଭାରତ ପୁରୁଷ ଟିମରେ ୫ଜଣ ଓଡ଼ିଆ କ୍ରୀଡ଼ାବିତ୍ ଓ ମହିଳା ଟିମରେ ୩ଜଣ ଓଡ଼ିଆ କ୍ରୀଡ଼ାବିତ୍ ସ୍ଥାନ ପାଇଛନ୍ତି। ସମସ୍ତ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଓଡ଼ିଶାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ ନିଶ୍ଚିତ ଭାବେ ଆମ ରାଜ୍ୟର ଯୁବ କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ପ୍ରଦାନ କରିବ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଭାରତୀୟ ରଗବୀ ଫୁଟବଲ୍ ୟୁନିୟନର ସଭାପତି ରାହୁଲ ବୋଷ କହିଛନ୍ତି ଯେ, ଚଳିତ ବର୍ଷ କଳିଙ୍ଗ ଷ୍ଟାଡ଼ିୟମରେ ୩ଟି ଜାତୀୟ ସ୍ତରୀୟ ରଗବୀ ଚାମ୍ପିଅନସିପ୍ (ସବ୍-ଜୁନିୟର ନ୍ୟାସନାଲ ରଗବୀ ସେଭେନ୍ସ ଚାମ୍ପିଅନସିପ୍, ଅସ୍ମିତା ରଗବୀ ଲିଗ୍-ନ୍ୟାସନାଲ ଏବଂ ନ୍ୟାସନାଲ ରଗ୍ବୀ ୧୫ ଏସ୍ ଚାମ୍ପିୟନସିପ୍- ଡିଭିଜନ୍ ୧) ଅନୁଷ୍ଠିତ ହୋଇଛି। ଏହାପରେ ଅନ୍ତର୍ଜାତୀୟ ସ୍ତରୀୟ ଚାମ୍ପିୟନସିପ୍ ଏସିଆ ରଗ୍ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬ ମଧ୍ୟ କଳିଙ୍ଗ ଷ୍ଟାଡିୟମ୍ରେ ଆୟୋଜନ ହେବା ଅତ୍ୟନ୍ତ ଆନନ୍ଦର ବିଷୟ। ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରି ଓଡ଼ିଶା ବିଶ୍ୱ କ୍ରୀଡ଼ା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି। ରଗ୍ବୀର ବିକାଶ ପାଇଁ ଓଡ଼ିଶା ସରକାର ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ନିରନ୍ତର ଭାବେ ସହଯୋଗ ପ୍ରଦାନ କରିଛନ୍ତି ବୋଲି ଶ୍ରୀ ରାହୁଲ ବୋଷ ମତପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ନଭେମ୍ବର ୧୪ ଓ ୧୫ ତାରିଖ ଦୁଇ ଦିନ ଧରି କଳିଙ୍ଗ ଷ୍ଟାଡ଼ିୟମରେ ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଆଜି ପ୍ରଥମ ଦିନରେ ୨୫ଟି ମ୍ୟାଚ୍ ଅନୁଷ୍ଠିତ ହେଉଛି। ଆଜିର ଉଦଘାଟନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ନିର୍ଦ୍ଦେଶକ ଡ଼ା. ଯେଦୁଲା ବିଜୟ, ରଗ୍ବୀ ଇଣ୍ଡିଆର ସେକ୍ରେଟାରୀ ଗେରାଲ୍ଡ ପ୍ରଭୁ ପ୍ରମୁଖ ଉପସ୍ଥିତ ଥିଲେ।

ସେମିଫାଇନାଲରେ ଭାରତୀୟ ମହିଳା ଦଳ

କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ଦମଦାର ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ଦିନରେ ତିନୋଟି ଯାକ ମ୍ୟାଚ୍ ଜିତି ଦଳ ଅପରାଜେୟ ରହିଛି। ଅନ୍ୟପକ୍ଷରେ ପୁରୁଷ ଦଳ ତିନୋଟି ମ୍ୟାଚରୁ ଦୁଇଟିରେ ବିଜୟୀ ହୋଇଛି। ସେମିଫାଇନାଲ ଯୋଗ୍ୟତା ପାଇଁ ରବିବାର ଚାଇନିଜ୍ ତାଇପେଇ ବିପକ୍ଷରେ ଦଳ ନିର୍ଣ୍ଣାୟକ ମ୍ୟାଚ୍ ଖେଳିବ।



ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିଯୋଗିତାର ଉଦଘାଟନ କରିଥିଲେ। ପୁରୁଷ ବିଭାଗର ଭାରତ ଉଜବେକିସ୍ତାନ ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ସେ ବେଲୁନ୍ ଉଡ଼ାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଭାରତୀୟ ପୁରୁଷ ଦଳ ପ୍ରଥମ ମ୍ୟାଚରେ ଉଜବେକିସ୍ତାନକୁ ୩୩-୧୪ ପଏଣ୍ଟରେ ହରାଇଥିଲା। ଅଧିନାୟକ ପୁଷ୍ପେନ୍ଦର ଦୁଇଟି ଟ୍ରାଏ ସ୍କୋର କରିଥିବାବେଳେ ଭାରତ କିସାନ, ଚରଣ ହେମ୍ବ୍ରମ ଓ ସୁଭାଷ ହାଁସଦା ଗୋଟିଏ ଲେଖାଏଁ ଟ୍ରାଏ କରିଥିଲେ। ଦ୍ୱିତୀୟ ମ୍ୟାଚର ଦଳ ଗତଥରର ବିଜେତା ହଂକଂ ଚାଇନାଠାରୁ ୦-୪୫ରେ ପରାସ୍ତ ହୋଇଥିଲା। ତେବେ ଶେଷ ମ୍ୟାଚରେ ନେପାଳକୁ ୫୦-୦ରେ ପରାସ୍ତ କରି ଦଳ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲା। ପୁଷ୍ପେନ୍ଦର ଏହି ମ୍ୟାଚରେ ତିନୋଟି ଟ୍ରାଏ ସ୍କୋର କରି ଦିନକରେ ମୋଟ ପାଞ୍ଚଟି ଟ୍ରାଏ ହାସଲ କରିଥିଲେ।

ମହିଳା ଦଳ ନେପାଳକୁ ୬୯-୦, ସିଙ୍ଗାପୁରକୁ ୫୩-୦ ଏବଂ ଶ୍ରୀଲଙ୍କାକୁ ୩୪-୦ ପଏଣ୍ଟରେ ପରାସ୍ତ କରିଥିଲା। ସୁମିତ୍ରା ମୁର୍ମୁ ତିନୋଟି ଟ୍ରାଏ ଓ ଆଠଟି କନଭର୍ସନରୁ ୩୧ ପଏଣ୍ଟ ହାସଲ କରିଥିଲେ। ଦୀପାଳି ଟାଠେ ୨୬ ଏବଂ ଖୁସି ଦେବୀ ୨୦ ପଏଣ୍ଟ ଯୋଡ଼ିଥିଲେ। ଦଳର ପ୍ରତ୍ୟେକ ଖେଳାଳି ଅତିକମରେ ଗୋଟିଏ ଟ୍ରାଏ ସ୍କୋର କରିଥିଲେ। ରବିବାର ମହିଳା ସେମିଫାଇନାଲରେ ଭାରତ ସକାଳ ୧୧ଟା ୩୪ରେ ମାଲେସିଆକୁ ଭେଟିବ। ଅନ୍ୟ ସେମିଫାଇନାଲରେ ହଂକଂ ଚାଇନା ଓ ଶ୍ରୀଲଙ୍କା ଖେଳିବେ। ପୁରୁଷ ଦଳ ସକାଳ ୯ଟାରେ ଚାଇନିଜ୍ ତାଇପେଇ ସହ ଗ୍ରୁପ୍ର ଶେଷ ମ୍ୟାଚ୍ ଖେଳିବ। ଅପରାହ୍ଣ ୪ଟାରୁ ଉଭୟ ବିଭାଗର ପଦକ ମ୍ୟାଚ୍ ଆରମ୍ଭ ହେବ।

ଦ୍ୱିତୀୟ ରାଜ୍ୟସ୍ତରୀୟ ନନଚାକୁ ପ୍ରତିଯୋଗିତା ଉଦ୍‌ଯାପିତ



ଭୁବନେଶ୍ୱର,୧୪।୧୧(ସବ୍ୟୁ): ନନଚାକୁ ଆସୋସିଏସନ୍ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ ନନଚାକୁ ପ୍ରତିଯୋଗିତା ଶନିବାର ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ସବ୍-ଜୁନିୟର, ଜୁନିୟର, ଆଡଲ୍ଟ, ସିନିୟର ଏବଂ ଶାରୀରିକ ଭିନ୍ନକ୍ଷମ ବର୍ଗର ପୁରୁଷ ଓ ମହିଳା ବିଭାଗରେ ମୋଟ ୬୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

ବିଭିନ୍ନ ବୟସ ଓ ବର୍ଗରେ ପ୍ରତିଯୋଗୀମାନେ ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ଏଥିରେ ଅଞ୍ଜନ ପଟ୍ଟନାୟକ, ହାର୍ଦ୍ଦିକ ଦାସ, ଲଡଲି ବିଶ୍ୱାଳ, ରାଜସ୍ୱିତା ସାହୁ, ଏମ୍.ଡି. ଅକିଲ୍, ଓମ୍ ସାଇ ପ୍ରସାଦ, କୃତି ଦିପନ୍, ସଲୋନି ପାତ୍ର, ମନୁଶ୍ରୀ ବରାଳ, ଅଭ୍ୟର୍ଥନା ବରାଳ, ସତ୍ୟରଞ୍ଜନ ଚିନେରା, କୁନାଲ ପଟ୍ଟନାୟକ, ଦିପ୍ତିମୟୀ ମଲ୍ଲିକ, ଦୀପକ ଗୌଡ଼, ବି. ରୋହିତ, ଆୟୁଷ ପ୍ରସାଦ ରଥ, କ୍ରିଷ୍ଣା ଶିକାରୀ, ଗୋପାଳ ଚନ୍ଦ୍ର କହଁର, ରୌନକ ପଟ୍ଟନାୟକ ଓ ବାଇଲୋଚନ ମଲ୍ଲିକ ବିଭିନ୍ନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଶାରୀରିକ ଭିନ୍ନକ୍ଷମ ବର୍ଗରେ ପ୍ରୀତମ ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ପ୍ରତିଯୋଗିତାକୁ ଓଡ଼ିଶା ରାଜ୍ୟ ନନଚାକୁ ସଂଘର ସମ୍ପାଦକ ଦୀପକ କୁମାର ସାମନ୍ତରା, ସପନ କୁମାର ମିଶ୍ର, ସନ୍ତୋଷ କୁମାର ମହାରଣା, ସନ୍ଦୀପ ଦାସ, ସୁବାସ ଚନ୍ଦ୍ର ଦଳାଇ, ଶୁଭେନ୍ଦୁ କୁମାର ଲେଙ୍କା, ସନ୍ଦୀପ ପଟ୍ଟନାୟକ, ରଞ୍ଜନ କୁମାର ପୃଷ୍ଟି ଓ ପ୍ରଭାତ କିଶୋର ସାହୁ ପରିଚାଳନା କରିଥିଲେ। ଦୀପଶିଖା ସାମନ୍ତରା, ସନ୍ତୁ ମିଶ୍ର, ଅବିନାଶ ନାୟକ ଓ ନାରାୟଣ ସାହୁ ସହଯୋଗ କରିଥିଲେ।

ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ କେ. ରବି କୁମାର ଉତ୍ସବରେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉତ୍କଳ କରାଟେ ସ୍କୁଲ ଓ ରାଜ୍ୟ ନନ୍‌ଚାକୁ ସଂଘର ପ୍ରତିଷ୍ଠାତା ଡ. ହରି ପ୍ରସାଦ ପଟ୍ଟନାୟକ ଏବଂ ରାଜ୍ୟ ନନ୍‌ଚାକୁ ସଂଘର ସଭାପତି କେ. ଶୁକାନ୍ତ ରାଓ ପ୍ରତିଯୋଗୀ ଓ ଆୟୋଜକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଜାତୀୟ ପାରା ସନ୍ତରଣରେ ଓଡ଼ିଶାର ପଦକ ବର୍ଷା

ଭୁବନେଶ୍ୱର,୧୪।୧୧(ସବ୍ୟୁ): ଭୋପାଳଠାରେ ଚାଲିଥିବା ୨୬ତମ ଜାତୀୟ ପାରା ସନ୍ତରଣ ଚାମ୍ପିଅନସିପ୍-୨୦୨୬ରେ ଓଡ଼ିଶାର ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଓଡ଼ିଶା ୬ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୮ ଟି କାଂସ୍ୟ ସହ ମୋଟ ୨୧ଟି ପଦକ ହାସଲ କରିଛି। ପ୍ରଥମ ଦିନର ୧୯ଟି ପଦକକୁ ମିଶାଇ ଦୁଇ ଦିନରେ ରାଜ୍ୟର ପଦକ ସଂଖ୍ୟା ୪୦ରେ ପହଞ୍ଚିଛି।



ଦ୍ୱିତୀୟ ଦିନରେ ମହିଳା ବର୍ଗରେ ଲୀନା ସ୍ୱାଇଁ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ୫୦ ମିଟର ଫ୍ରିଷ୍ଟାଇଲ୍ ମହିଳା ଏସ୍-୧୩ ବର୍ଗରେ ସେ ୪୪.୨୬ ସେକେଣ୍ଡ ସମୟ ସହ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସପି-୧୩ ବର୍ଗରେ ୫୪.୦୫ ସେକେଣ୍ଡ ସମୟ ସହ ଆଉ ଏକ ସ୍ୱର୍ଣ୍ଣ ଜିତିଛନ୍ତି। ଗୋଲାପୀ ସିର୍କା ମଧ୍ୟ ଦୁଇଟି ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ୫୦ ମିଟର ଫ୍ରିଷ୍ଟାଇଲ୍ ଏସ୍-୫ ବର୍ଗରେ ରୌପ୍ୟ ଏବଂ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସପି-୪ ବର୍ଗରେ ସ୍ୱର୍ଣ୍ଣ ଜିତିଛନ୍ତି।

ପୁରୁଷ ବର୍ଗରେ ନରହରି ବେହେରା ୫୦ ମିଟର ଫ୍ରିଷ୍ଟାଇଲ୍ ଏସ୍-୫ ବର୍ଗରେ ୪୧.୭୯ ସେକେଣ୍ଡ ସମୟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କାହ୍ନା ପାତ୍ର ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସପି-୧୩ ବର୍ଗରେ ସ୍ୱର୍ଣ୍ଣ ଏବଂ ୫୦ ମିଟର ବଟରଫ୍ଲାଏ ଏସ୍-୧୩ ବର୍ଗରେ ରୌପ୍ୟ ଜିତିଛନ୍ତି। ଅନିତା ମୁଣ୍ଡା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସ୍ବି-୫ ବର୍ଗରେ ୧:୨୬.୧୨ ସମୟ ସହ ସ୍ୱର୍ଣ୍ଣ ପଦକ ପାଇଛନ୍ତି।

ଅନ୍ୟ ପଦକ ବିଜେତାଙ୍କ ମଧ୍ୟରେ ୫୦ ମିଟର ଫ୍ରିଷ୍ଟାଇଲରେ ଜାନକୀ ଓରାମ, ବଳରାମ ସ୍ୱାଇଁ, ପ୍ରଦୀପ୍ତ ରୋହିଦାସ କାଂସ୍ୟ, କାହ୍ନା ପାତ୍ର ସ୍ୱର୍ଣ୍ଣ ଏବଂ ପିପୁନ କୁମାର ସାହୁ ରୌପ୍ୟ ପଦକ ଜିତିଛନ୍ତି। ୫୦ ମିଟର ବଟରଫ୍ଲାଏରେ ମୋହନ ସାହୁ ରୌପ୍ୟ ପଦକ ପାଇଛନ୍ତି। ମହିଳା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ରେ ରଶ୍ମିତା ଜେନା କାଂସ୍ୟ ଏବଂ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ରେ ମୋନାଲି ସ୍ୱାଇଁ କାଂସ୍ୟ ପଦକ ହାସଲ କରିଛନ୍ତି।

ପ୍ରଥମ ଦିନରେ ଓଡ଼ିଶା ୫ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ଜିତିଥିଲା। ଦ୍ୱିତୀୟ ଦିନରେ ଏହି ସଫଳତାର ଧାରା ଆହୁରି ଆଗକୁ ବଢ଼ିଛି। ଖେଳାଳିମାନଙ୍କ ଏହି ପ୍ରଦର୍ଶନ ରାଜ୍ୟର ପାରା କ୍ରୀଡ଼ା କ୍ଷେତ୍ରରେ ଉତ୍ସାହ ସୃଷ୍ଟି କରିଛି। ଏହି ସଫଳତା ପାଇଁ ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ସମସ୍ତ ପଦକ ବିଜେତା, ପ୍ରଶିକ୍ଷକ ଓ ସହଯୋଗୀ ଦଳକୁ ଅଭିନନ୍ଦନ ଜଣାଯାଇଛି।

ଓସବା ସିନିୟର ବ୍ୟାଡମିଣ୍ଟନରେ ନିମିଶାଙ୍କୁ ଦ୍ୱିମୁକୁଟ



ଭୁବନେଶ୍ୱର,୧୪।୧୧(ସବ୍ୟୁ): ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ (ଓସବା) ପକ୍ଷରୁ ଆୟୋଜିତ ୟୋନେକ୍ସ-ସନରାଇଜ୍ ୪୦ତମ ସିନିୟର ରାଜ୍ୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ଭୁବନେଶ୍ୱରର ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମରେ ତିନିଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ମହିଳା ସିଙ୍ଗଲ୍ସରେ ନିମିଶା ଓଝା ଏବଂ ପୁରୁଷ ସିଙ୍ଗଲ୍ସରେ ଆର୍ଯ୍ୟା ମାଝୀ ଚାମ୍ପିଅନ ହୋଇଛନ୍ତି। ନିମିଶା ମହିଳା ଡବଲ୍ସ ଟାଇଟଲ୍ ମଧ୍ୟ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି।

ମହିଳା ସିଙ୍ଗଲ୍ସ ଫାଇନାଲରେ ଟପ୍ ସିଡ୍ ନିମିଶା ଓଝା ଖୋର୍ଦ୍ଧାର ହର୍ଷିତା ରାଉତଙ୍କୁ ସିଧାସଳଖ ଦୁଇଟି ଗେମରେ ୧୫-୧୨ ଓ ୧୫-୬ ପଏଣ୍ଟରେ ପରାସ୍ତ କରି ଟାଇଟଲ୍ ହାସଲ କରିଥିଲେ। ମହିଳା ଡବଲ୍ସରେ ନିମିଶା ଓ ସ୍ୱାତି ନାୟକଙ୍କ ଯୋଡ଼ି ଚାମ୍ପିଅନ ହୋଇଥିଲେ। ଏହି ବିଭାଗରେ ସମ୍ବଲପୁରର ପୂର୍ବା ପ୍ରତ୍ୟାଶା ଓ ଖୋର୍ଦ୍ଧାର ହର୍ଷିତା ରାଉତଙ୍କ ଯୋଡ଼ି ଉପବିଜେତା ହୋଇଥିଲେ।

ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଟପ୍ ସିଡ୍ ବାଲେଶ୍ୱରର ଆର୍ଯ୍ୟା ମାଝୀ ସମ୍ବଲପୁରର ତହସିଫ ଖାନଙ୍କୁ ୧୦-୧୫, ୧୫-୫ ଓ ୧୫-୬ ପଏଣ୍ଟରେ ହରାଇ ଚାମ୍ପିଅନ ହୋଇଥିଲେ। ପ୍ରଥମ ଗେମରେ ପରାଜୟ ପରେ ଆର୍ଯ୍ୟା ଚମତ୍କାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇଟି ଗେମ୍ ଜିତି ଟ୍ରଫି ହାତେଇଥିଲେ।

ପୁରୁଷ ଡବଲ୍ସ ଫାଇନାଲରେ ଖୋର୍ଦ୍ଧାର କଲଗା ଜଗଦୀଶ ଓ ଡିବିଏସ୍ ଚନ୍ଦ୍ର କୁମାରଙ୍କ ଯୋଡ଼ି ଅନୁଗୁଳ-ମୟୂରଭଞ୍ଜର ଅବିନାଶ ମହାନ୍ତି ଓ ଆୟୁଷ ପଟ୍ଟନାୟକଙ୍କ ଯୋଡ଼ିକୁ ୧୫-୯ ଓ ୧୫-୧୧ ପଏଣ୍ଟରେ ପରାସ୍ତ କରି ଟାଇଟଲ୍ ଜିତିଥିଲେ।

ମିକ୍ସଡ୍ ଡବଲ୍ସ ଫାଇନାଲରେ ଅନୁଗୁଳ-ସମ୍ବଲପୁରର ଆୟୁଷ ଦାସ ଓ ପୂର୍ବା ପ୍ରତ୍ୟାଶାଙ୍କ ଯୋଡ଼ି ଅନୁଗୁଳ-ସୁନ୍ଦରଗଡ଼ର ପ୍ରତିଦ୍ୱନ୍ଦ୍ୱୀ ଯୋଡ଼ିକୁ ୧୭-୧୫ ଓ ୧୫-୧୨ ପଏଣ୍ଟରେ ହରାଇ ଚାମ୍ପିଅନ ହୋଇଥିଲେ।

ପ୍ରତିଯୋଗିତାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଆୟୋଜନ କମିଟି ସମ୍ପାଦକ ସୁରୁଲାଲ ମଟାରୀ, ମୁଖ୍ୟ ରେଫରି ବିଜୟ ବାଗ, ସଂଯୋଜକ ତାରାକାନ୍ତ ଦାସ, ସୁବାସ ସାହୁ, ଜୟପ୍ରକାଶ ଜେନା, ଅବଦୁଲ ହାକିମ, ଓସବା ସଦସ୍ୟ ଦୀପକ ମହାନ୍ତି ଓ ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ବିଜେତା ଓ ଉପବିଜେତା ଖେଳାଳିଙ୍କୁ ପ୍ରମାଣପତ୍ର, ଟ୍ରଫି, ପଦକ ଓ ଚେକ୍ ପ୍ରଦାନ କରିଥିଲେ।

ଓସବା ସମ୍ପାଦକ ନିଲିନ କୁମାରଙ୍କ ତତ୍ତ୍ୱାବଧାନରେ ଏହି ଚାମ୍ପିଅନସିପ୍ ଆୟୋଜିତ ହୋଇଥିଲା। ମୁଖ୍ୟ ରେଫରୀ ବିଜୟ ବାଗ, ଟେକ୍ନିକାଲ ଅଫିସିଆଲ୍ ସଂଯୋଜକ ଲକ୍ଷପତି ନନ୍ଦ, ଅସିତ ପଟ୍ଟନାୟକ, ସୁବାସ ସାହୁ ଓ ସମୀର ସାହୁଙ୍କ ସହିତ ୪ ଜଣ ଜାତୀୟ ମାନ୍ୟତାପ୍ରାପ୍ତ ଏବଂ ୨୮ ଜଣ ରାଜ୍ୟସ୍ତରୀୟ ଟେକ୍ନିକାଲ ଅଫିସିଆଲ୍ ପ୍ରତିଯୋଗିତା ପରିଚାଳନା କରିଥିଲେ।

ସୂଚନା

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ବୈଦିକ ଜଳବାୟୁ ଜୋନରେ ଚାଷିମାନଙ୍କ / ଶ୍ରଦ୍ଧାଳୁଙ୍କି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ସୁଆଆର ଫୋନ୍ ଦ୍ୱାରା କରି ଯେଉ ଯୋଗାଯୋଗ କରିପାରିବେ । ଫୋନ୍ ଯେ, ଟେଲିଏମ୍, ସୁଲୁରୁ ଯେ, ଭାରତ ଯେ ଇତ୍ୟାଦିରେ ଯେଉ ଯୋଗ କରି ଯେଉ ଇସିଦ୍‌କୁ ବିଜ୍ଞାପନ ସହ ୯୯୩୮୫୩୩୫୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୯୯୩୮୫୩୩୫୬୪ରେ ଯୋଗାଯୋଗ କରନ୍ତୁ।

ଓଏଏସ୍ଏମ୍ଇ ଏଲିଟ୍ ପ୍ରିମିୟର ଲିଗର ଶୁଭାରମ୍ଭ

ଉଦଘାଟନୀ ଦିବସରେ କିଟ୍ ଓ ଇନଡୋର ବିଜୟୀ, ୯ଟି ଦଳକୁ ନେଇ ଟି-୨୦ ଲିଗ୍

ଭୁବନେଶ୍ୱର,୧୪।୧୧(ସବ୍ୟୁ): ଶିଳ୍ପ ଓ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ସଂସ୍ଥାର କର୍ମକର୍ତ୍ତା ଓ କ୍ରୀଡ଼ାପ୍ରେମୀଙ୍କୁ କ୍ରିକେଟ୍ ମାଧ୍ୟମରେ ଏକାଠି କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଓଏଏସ୍ଏମ୍ଇ ଏଲିଟ୍ ପ୍ରିମିୟର ଲିଗ୍ ୨୦୨୬-୨୭। ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଦ୍ୟୋଗୀ ସଂଘ (ଓଏଏସ୍ଏମ୍ଇ) ଏବଂ ଇ-ଲିଗର ମିଳିତ ଆନୁକୂଲ୍ୟରେ ମଞ୍ଜେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଇନଡୋର କ୍ରିକେଟ୍ ପଡ଼ିଆରେ ଏହି ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ କିଟ୍ ଓ ଇନଡୋର ବିଜୟୀ ହୋଇ ପରବର୍ତ୍ତୀ ମ୍ୟାଚକୁ ଅଗ୍ରସର ହୋଇଛନ୍ତି। ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି)ର ମହାପ୍ରବନ୍ଧକ ସୁଚିତା ମଲ୍ଲିକ ଏବଂ ଭୁବନେଶ୍ୱରସ୍ଥିତ ଜାତୀୟ କ୍ଷୁଦ୍ର ଶିଳ୍